READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୨ ସଂଖ୍ୟା-୧୩ ୦୯ ଏପ୍ରିଲ - ୧୫ ଏପ୍ରିଲ, ୨୦୧୮ ଭୁବନେଶ୍ୱର ● Monday Weekly ● VOL-2 ISSUE-13 09th APRIL - 15th APRIL, 2018 BHUBANESWAR ₹ 5/- (8 Pages)

## ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ରହସ୍ୟରେ, ଚାବି ମିଳିଲାନି

# ଖୋଲିଲାନି ଭିତର ଭଣ୍ଡାର



**ଭୁବନେଶ୍ୱର :** ଓଡ଼ିଆ ଅସ୍ମିତାର ପ୍ରତୀକ, ହିନ୍ଦୁ ଆଧ୍ୟାତ୍ମିକତାର ପ୍ରାଣକେନ୍ଦ୍ର ଓ କୋଟି ହୃଦୟର ଦେବତା ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର ମହିମା ଓ ଅସଂଖ୍ୟ ଲୀଳା ଅବର୍ଣ୍ଣନୀୟ। ଇତିହାସ ଏବଂ ଲୋକକଥା ଅନୁସାରେ କଳାଠାକୁରଙ୍କ ରହସ୍ୟମୟ ଘଟଣାବଳୀ ସମସ୍ତଙ୍କୁ ବିସ୍ମିତ କରିଥାଏ। ସେହିଭଳି ରହସ୍ୟର ଗନ୍ତାଘର ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାରକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଅନେକ ଉତ୍ସୁକତା ଭରିରହିଛି। ରତ୍ନଭଣ୍ଡାରରେ ବିଶ୍ୱର ସବୁଠୁ ଦୁର୍ଲଭ ପଦାର୍ଥ ଗଚ୍ଛିତ ହୋଇରହିଥିବାର ତଥ୍ୟ, ପ୍ରମାଣ ଯୋଗୁଁ ଭକ୍ତମାନଙ୍କ ମଧ୍ୟରେ ଏଥିପାଇଁ ଯେଉଁ ଆବେଗ ରହିଛି ସେଥିରେ ସାମାନ୍ୟତମ ଊଣା ହେଲେ ଏହାକୁ କେହି ବରଦାସ୍ତ କରିପାରିବେ ନାହିଁ। ରତ୍ନଭଣ୍ଡାରକୁ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ନିଷେଧାଦେଶ ରହିଛି। ତେଣୁ ପରମ୍ପରା ଦୃଷ୍ଟିରୁ ଏହାକୁ ଖୋଲିବା ବା ଏହାର ଆକଳନ କରିବା ଉଚିତ ନୁହେଁ ବୋଲି ଅଧିକ ମତ ପ୍ରକାଶ ପାଏ। ଗତ କିଛିଦିନ ହେବ ଏହି ରତ୍ନଭଣ୍ଡାରକୁ ଖୋଲାଯାଇ ଏହାର ମରାମତି କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଯୋଜନା କରାଯାଇଥିଲା। ଏଭଳି ଖବର ପ୍ରଚାର ପ୍ରସାର ହେବା ଫଳରେ ବିଶ୍ୱର ବହୁ ଜଗନ୍ନାଥପ୍ରେମୀଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ବିଭିନ୍ନ ସ୍ତରରୁ ଏନେଇ ବିରୋଧର ସ୍ୱର ଉଠିଥିଲା। ଚର୍ଚ୍ଚା ଓ ଅନେକ ବିତର୍କ ପରେ ରହସ୍ୟମୟ ରତ୍ନଭଣ୍ଡାର ଖୋଲିବାକୁ ସରକାର ଅନୁମତି ଦେଇଥିଲେ। ଦୀର୍ଘ ୩୪ ବର୍ଷର ବ୍ୟବଧାନ ପରେ ଭିତର ରତ୍ନଭଣ୍ଡାର ଖୋଲାଯିବାକୁ ନିଆଯାଇଥିବା ନିଷ୍ପତ୍ତି ଓ ସ୍ୱତନ୍ତ୍ର ଟିମ୍‌ର ଯାଞ୍ଚ ପ୍ରକ୍ରିୟାକୁ ଚାତକ ଭଳି ଚାହିଁରହିଥିଲେ ରାଜ୍ୟବାସୀ। ପୂର୍ବରୁ ଶୁଣାଯାଏ ଯେ, ମହାପ୍ରଭୁଙ୍କ ଏହି ରତ୍ନଭଣ୍ଡାରର ସୁରକ୍ଷା ଦାୟିତ୍ୱରେ ଖୋଦ ଲୋକନାଥ ମହାପ୍ରଭୁ ରହିଛନ୍ତି। ଫଳରେ ରତ୍ନଭଣ୍ଡାର ଭିତରେ ଅସଂଖ୍ୟ ବିଷଧର ସର୍ପଙ୍କ ଆତଯାତ ହେଉଥିବା ଓ ଏଠାରୁ ଭୟଙ୍କର ଫଁ ଫଁ ଶବ୍ଦ ଶୁଭୁଥିବା ନେଇ ଶୁଣିବାକୁ ମିଳେ। କେହି କେହି କୁହନ୍ତି ରତ୍ନଭଣ୍ଡାରର ଭିତର କୋଠରୀରେ ଏକ ପ୍ରାଚୀନ ଅଜଗର ସାପ ଠାକୁରଙ୍କ ସମ୍ପତ୍ତିକୁ ଜଗି ରହିଛନ୍ତି। ତେଣୁ ଭିତର ରତ୍ନଭଣ୍ଡାର ଖୋଲିବା ସମୟରେ ସେଠାରୁ ଭୟଙ୍କର ଶବ୍ଦ ଶୁଣିବାକୁ ମିଳିଥାଏ। ଏହି ଭୟଙ୍କର ଶବ୍ଦ ସେହି ଅଜଗର ସର୍ପଙ୍କର ବୋଲି କେହି କେହି କହିଥାନ୍ତି। ଫଳରେ ଭିତର ରତ୍ନଭଣ୍ଡାରକୁ ପ୍ରବେଶ ଏତେ ସହଜ ନୁହେଁ। ଅନେକ ସମୟରେ ଭିତର ରତ୍ନଭଣ୍ଡାର ଖୋଲିବାକୁ ନେଇ ହୋଇଥିବା ଉଦ୍ୟମ ଫେଲ୍ ମାରିଛି ଏବଂ ବହୁ ଅଲୌକିକ ଘଟଣା ଘଟିଥିବାର ଆଲୋଚନା ହୁଏ। ଏଭଳି ସ୍ଥିତିରେ ପ୍ରଶାସନ ଭିତର ରତ୍ନଭଣ୍ଡାରକୁ ଯାଞ୍ଚ କରିବା ପାଇଁ ନେଇଥିବା ପଦକ୍ଷେପକୁ ଆଶ୍ଚର୍ଯ୍ୟଚକିତ ଭାବେ ସମସ୍ତେ ଚାହିଁ ରହିଥିଲେ। ➤ ପୃ-୬

# ଭଲ ବର୍ଷା ହେବ



**ନୂଆଦିଲ୍ଲୀ :** ଆଗାମୀ ମୌସୁମୀରେ ଦେଶରେ ସ୍ୱାଭାବିକ ବର୍ଷା ହେବ ବୋଲି ପାଣିପାଗ ଗବେଷଣା ସଂସ୍ଥା ସ୍କାଏମେଟ୍ ଅନୁମାନ କରିଛି। ସ୍କାଏମେଟ୍‌ର ଅନୁମାନ ସତ୍ୟ ହେଲେ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ୮୮୭ ମିମି ବର୍ଷା ହେବ। ଏହି ଆଧାରରେ ଚଳିତ ବର୍ଷ ମରୁଡ଼ି ଆଶଙ୍କା ଟଳିଯିବ ବୋଲି କୁହାଯାଇପାରେ। ସାଧାରଣତଃ ୯୬ରୁ ୧୦୪% ବୃଷ୍ଟିପାତକୁ ସ୍ୱାଭାବିକ ବୋଲି କୁହାଯାଏ। ୯୦ ରୁ ୯୫% ବୃଷ୍ଟିପାତକୁ କମ୍ ଏବଂ ୧୦୪ ରୁ ୧୧୦% ବୃଷ୍ଟିପାତକୁ ଅଧିକ ବୋଲି କୁହାଯାଏ। ଜୁନ୍ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ଏବଂ ଜୁଲାଇ ଓ ଅଗଷ୍ଟରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ସ୍କାଏମେଟ୍ କହିଛି। ସୂଚନାଥାଉ କି, ଲଙ୍ଗ୍ ପିରିଅଡ୍ ଆଭରେଜ୍ (ଏଲ୍‌ପିଏ)ର ୧୦୦% ବର୍ଷା ହେବ।" ଏଲ୍‌ପିଏର ୯୬ - ୧୦୪% ମଧ୍ୟରେ ହାରାହାରି ବର୍ଷା ହେଲେ ଏହା ସ୍ୱାଭାବିକ ବୋଲି ଧରାଯାଏ। ଏଲ୍‌ପିଏର ୯୦%ରୁ କମ୍ ହେଲେ ଏହାକୁ ସ୍ୱାଭାବିକ ଠାରୁ କମ୍ ବା ବର୍ଷା ଅଭାବ ବୋଲି ଧରାଯାଏ। ଚଳିତ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବାର ୨୦% ଆଶା ରହିଛି। ଏହା ଯଦି ସତ ହୁଏ, ତେବେ ମରୁଡ଼ି ହେବାର ଆଶଙ୍କା ନାହିଁ। ଏହି ସଂସ୍ଥା ପକ୍ଷରୁ କୁହାଯାଇଛି, ଚଳିତ ବର୍ଷ ମାତ୍ରାଧିକ ବର୍ଷା ଅର୍ଥାତ୍ ଲଙ୍ଗ୍ ପିରିଅଡ୍ ଆଭରେଜ୍ (ଏଲ୍‌ପିଏ)ର ୧୧୦% ବର୍ଷା ହେବାର ୫% ଆଶା ରହିଛି। ତେବେ ଦକ୍ଷିଣ ଏବଂ ଉତ୍ତର-ପୂର୍ବ ଭାରତର କେତେକ ଭାଗରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ ବୋଲି ଏହି ସଂସ୍ଥା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ମୌସୁମୀ ପ୍ରବାହ ସ୍ୱାଭାବିକ ହେଲେ ଦେଶରେ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ୪ ମାସରେ ➤ ପୃ-୬

## ମହାନଦୀରେ ପାଣି କମୁଛି



**ଭୁବନେଶ୍ୱର :** ବର୍ତ୍ତମାନଠାରୁ ମହାନଦୀରେ ଯେଉଁଳି ଜଳ ସଙ୍କଟ ଦେଖାଗଲାଣି ଏହା ଆଗକୁ ଆହୁରି ଉତ୍କଟ ହେବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ଏଭଳି ପରିସ୍ଥିତି ଉପୁଜିଲେ ବିଦ୍ୟୁତ୍ ଉତ୍ପାଦନ ପ୍ରକ୍ରିୟା ବାଧା ପାଇବା ସହିତ ରବିଚାଷ ପାଇଁ ପାଣି ମଧ୍ୟ ମିଳିବନାହିଁ। ସଚିବାଳୟ ଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ଏହି ସୂଚନା ଦିଆଯାଇଛି। ସରକାରୀ ତଥ୍ୟ ଅନୁସାରେ ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର ବ୍ୟାରେଜ୍ ନିର୍ମାଣ କରିବା ପରେ କ୍ରମାଗତ ଭାବେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଇଚାଲିଛି। ବିଗତ ୧୦ ବର୍ଷ ମଧ୍ୟରେ କରାଯାଇଥିବା ଏକ ତୁଳନାତ୍ମକ ତଥ୍ୟ ଅନୁସାରେ ଗତବର୍ଷ ଅକ୍ଟୋବର ମାସରେ ୧୮ ପ୍ରତିଶତ ଜଳସ୍ତର ହ୍ରାସ ପାଇଥିଲା। ନଭେମ୍ବରରେ ୪୩ ପ୍ରତିଶତ, ଡିସେମ୍ବର ମାସରେ ୪୧ ପ୍ରତିଶତ ଓ ଗତ ଫେବୃଆରୀ ମାସରେ ୪୦ ପ୍ରତିଶତ ଜଳସ୍ତର ହ୍ରାସ ପାଇଛି। ବର୍ତ୍ତମାନ ଜଳଭଣ୍ଡାରରେ ୬୬୧ ଏକର ଫୁଟ୍ ପାଣି ରହିଛି। ଛତିଶଗଡ଼ ସରକାର ➤ ପୃ-୬

# ସବୁ ଚାଷୀଙ୍କୁ ଫସଲ ଋଣ



**ଭୁବନେଶ୍ୱର :** ୨୦୧୮ ଖରିଫ ଋତୁରେ ୭୨୦୦କୋଟି ଟଙ୍କାର ଫସଲ ଋଣ ବଣ୍ଟନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଜୁଲାଇ ୩୧ ତାରିଖ ସୁଦ୍ଧା ଏହି ଋଣ ବଣ୍ଟନ ପ୍ରକ୍ରିୟା ଶେଷ କରିବା, ସମସ୍ତ ଋଣୀ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବାଧ୍ୟତାମୂଳକ ସାମିଲ କରିବା ଓ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଋଣ ପ୍ରଦାନରେ ଅଗ୍ରାଧିକାର ଦେବା ପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) କିମ୍ବା ସମବାୟ ବ୍ୟାଙ୍କର ତ୍ରୁଟି ଯୋଗୁ କୌଣସି ଚାଷୀ ଯେଉଁଳି ସରକାରୀ ଯୋଜନାରୁ ବଞ୍ଚିତ ନହେବେ ସେଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ତାଗିଦ୍ କରାଯାଇଛି। ରାଜ୍ୟ ସମବାୟ ସଚିବ ରଞ୍ଜନା ଚୋପ୍ରା ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି କହିଛନ୍ତି ଯେ, ଖରିଫ ଋତୁ-୨୦୧୮ ଏପ୍ରିଲ ୧ରୁ ଆରମ୍ଭ ହୋଇଛି। ରାଜ୍ୟରେ ପ୍ରାୟ ୮୩ ପ୍ରତିଶତ ଚାଷୀ ପରିବାର ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ। ଧାନ ଚାଷ ପାଇଁ ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ଫସଲ ଋଣ ଯୋଗାଣ କରିବା ଦିଗରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏବେ ଫସଲ ଋଣ ପ୍ରଦାନ ➤ ପୃ-୬

# ଆଗରେ ବିଜେଡି, ପଛରେ ବିଜେପି

**ଭୁବନେଶ୍ୱର :** ବିଜେପୁର ଉପନିର୍ବାଚନ ଫଳାଫଳ ପରେ ଓଡ଼ିଶାରେ କଂଗ୍ରେସର ଦୟନୀୟ ସ୍ଥିତି ବିଷୟରେ ସମସ୍ତେ ଅବଗତ ଅଛନ୍ତି। ହେଲେ ଅତାବିରା ଓ ହିନ୍ଦୋଳ ଏନ୍‌ଏସି ନିର୍ବାଚନ ଫଳାଫଳକୁ ଦେଖିଲେ ରାଜ୍ୟରେ କଂଗ୍ରେସ ଏକ ପ୍ରମୁଖ ଦଳ ଭାବେ ନିର୍ବାଚନ ଲଢୁଛି ଏକଥାରେ କେହି ଏକମତ ହେବେନାହିଁ। ସତେ ଯେମିତି ଓଡ଼ିଶାରେ ହାତ ଟେକି ଦେଇଛି କଂଗ୍ରେସ। ଗତ କିଛିବର୍ଷ ହେବ ପ୍ରଦେଶ କଂଗ୍ରେସର ଆଭ୍ୟନ୍ତରୀଣ ବିବାଦ ଓ ଗୋଷ୍ଠୀ କନ୍ଦଳ ଯୋଗୁଁ ଦଳର ଅବସ୍ଥା ଏପରି ହୋଇଥିବା ରାଜନୀତି ବିଶାରଦମାନେ ଆଲୋଚନା କରୁଛନ୍ତି। ବିଜୁ ଜନତା ଦଳ ପୂର୍ବାପେକ୍ଷା ଅଧିକ ଆକ୍ରମଣାତ୍ମକ ଢଙ୍ଗରେ ନିର୍ବାଚନ ଜିତି ଦଳକୁ ଓଡ଼ିଶାରେ ଏକମାତ୍ର ଦଳ ଭାବେ ପ୍ରତିପାଦିତ କରିଆସୁଛି। ବିଜେଡି ପଛକୁ ଭାରତୀୟ ଜନତା ପାର୍ଟି (ବିଜେପି) କଡ଼ା ଆଭିମୁଖ୍ୟ ଦେଖାଉଥିଲେ ମଧ୍ୟ ନିର୍ବାଚନୀ ମଇଦାନରେ ସେପରି କିଛି ସଫଳତା ହାସଲ କରିପାରୁନାହିଁ। ଯାହା ବିଜେପୁର, ହିନ୍ଦୋଳ ଓ ଅତାବିରାରେ ସ୍ପଷ୍ଟ ପ୍ରମାଣିତ ହୋଇଛି।

ସୂଚନାଥାଉ କି, ନିକଟରେ ହୋଇଥିବା ଅତାବିରା

## ଡୁବିଗଲା କଂଗ୍ରେସ !

ଓ ହିନ୍ଦୋଳ ଏନ୍‌ଏସି ନିର୍ବାଚନରେ ବିଜେଡି ବାଜିମାତ୍ କରିଛି। ଅତାବିରା ଏନ୍‌ଏସିର ସମସ୍ତ ୧୨ଟି ଆସନରେ ବିଜେଡି ବିଜୟୀ ହୋଇଥିବାବେଳେ ହିନ୍ଦୋଳ ଏନ୍‌ଏସିରେ ୧୬ରୁ ୧୩ଟିରେ ବିଜୟ ଲାଭ କରିଛି। ହିନ୍ଦୋଳରେ ମାତ୍ର ଗୋଟିଏ ୱାର୍ଡ ବିଜେପି ହାତକୁ ଆସିଥିବା ବେଳେ ୨ଜଣ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ ଏପ୍ରିଲ ୩ରେ ଉଭୟ ଅତାବିରା ଓ ହିନ୍ଦୋଳ ଏନ୍‌ଏସିରେ ହୋଇଥିବା ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଅତାବିରାରେ ସମସ୍ତ ୧୨ଟି ୱାର୍ଡରେ ବିଜେଡି ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ଏହି ଏନ୍‌ଏସିରେ ବିଜେଡିକୁ ସର୍ବାଧିକ ୫୭୫୧ଟି ଭୋଟ୍ ମିଳିଥିବା ବେଳେ ବିଜେପିକୁ ୨୪୯୭ଟି, କଂଗ୍ରେସକୁ ୧୨୦୧ଟି ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ୨୧୩ଟି ଭୋଟ୍ ମିଳିଛି। ୨୦୧୩ ଏନ୍‌ଏସି ନିର୍ବାଚନରେ କଂଗ୍ରେସକୁ ୩୮ ପ୍ରତିଶତ ଭୋଟ୍ ମିଳିଥିବାବେଳେ ଏଥର ତାହା ୧୨.୪୩%କୁ ଖସି ଆସିଛି। ତେବେ ବିଜେପିର ଭୋଟ୍ ➤ ପୃ-୬

## ବକ୍ରବାଣୀ



ଦୁଇ ପ୍ରସାଦରୁ ଜଣେ ହଟିଲେ
କର୍ମୀ ପଳେଇଲେ ନେତା ରହିଲେ
ସବୁ ଚାଲିଯିବେ ଗେଣ୍ଡା ଦଳକୁ
ଶଶୁର ଜୁଆଇଁ ଥିବେ ଶେଷକୁ
ସାର୍‌ଙ୍କ ଦୟାରୁ ଦିହେଁ ଜିତିବେ
ବିଧାନସଭାରେ ବସି ଗପିବେ
ଚଉକି ତାଙ୍କର ଫେରି ଆଇଲା
ପାଞ୍ଚ ବରଷକୁ ଚିନ୍ତା ସଇଲା
ଚବିଶ ଆଗରୁ ଦଳ ଛାଡିବେ
ପୁରୁଣା ଭାଇଙ୍କ ସାଥେ ମିଶିବେ
ମାଆ ପୁଅ ଫେରିଯିବେ ଘରକୁ
କଂଗ୍ରେସ ଡୁବେଇ ରସା ତଳକୁ।

ଟୁଟୁ

# ଦଳ ପାଇଁ ସୁବର୍ଣ୍ଣ ଯୁଗ ଆସିନାହିଁ : ଶାହା



**ବଲାଙ୍ଗୀର/ଭୁବନେଶ୍ୱର :** ଉତର ପ୍ରଦେଶ, ଉତରାଖଣ୍ଡ ଓ ତ୍ରିପୁରାରେ ନିର୍ବାଚନ ପ୍ରଚାର ସମୟରେ ଯେଉଁ ଜନଭାବନା ଦେଖିଥିଲି ଓଡିଶାରେ ତା ଠାରୁ ଅଧିକ ତୀବ୍ର ସରକାର ବିରୋଧୀ ଜନଭାବନା ଦେଖୁଛି ବୋଲି ବଲାଙ୍ଗୀର ଠାରେ ବିଜେପି ଯୁବ ମୋର୍ଚ୍ଚା ଦ୍ୱାରା ଆୟୋଜିତ ଯୁବ ସମାବେଶରେ ଉଦ୍‌ବୋଧନ ଦେଇ କହିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା । ତେଣୁ ବିଜେପିକୁ ଓଡିଶାରେ ୧୨୦ ଆସନ ନୁହେଁ ତା ଠାରୁ ମଧ୍ୟ ଅଧିକ ଆସନ ମିଳିବ ବୋଲି ଏହି ସଭାରେ ଶ୍ରୀ ଶାହା ଦୃଢୋକ୍ତି ପ୍ରକାଶ କରିଛନ୍ତି। ତ୍ରିପୁରା ନିର୍ବାଚନରେ ଦଳ ଜିତିବା ପରେ ବିଜେପିର ସୁବର୍ଣ୍ଣ ଯୁଗ ଆସିଛି ସତ କିନ୍ତୁ ଶାହା ଏହାକୁ ସ୍ୱୀକାର କରିନାହାଁନ୍ତି । ଶ୍ରୀ ଶାହା କହିଛନ୍ତି ଯେ, ଯେଉଁ ପର୍ଯ୍ୟନ୍ତ ପଶ୍ଚିମ ବଙ୍ଗ ଓ ଓଡିଶାରେ ବିଜେପି ଶାସନ ପ୍ରତିଷ୍ଠିତ ନ ହୋଇଛି ଦଳ ପାଇଁ ସେହି ପର୍ଯ୍ୟନ୍ତ ସୁବର୍ଣ୍ଣ ଯୁଗ ଆସିବ ନାହିଁ ବୋଲି ଶ୍ରୀ ଶାହା କହିଛନ୍ତି। ବିଭିନ୍ନ ଯୋଜନା ପ୍ରସଙ୍ଗକୁ ନେଇ ଶ୍ରୀ ଶାହା କହିଛନ୍ତି ଯେ, ମୋଦି ସରକାର ହେଉଛନ୍ତି ଏକ ବଡ ବିଜୁଳି ଉତ୍ପାଦନ କେନ୍ଦ୍ର । ➤ ପୃ-୬

## ଶାହାଙ୍କ କଥାକୁ ବାଏଁ ବାଏଁ ଉଡାଇଦେଲେ ନବୀନ



**ଭୁବନେଶ୍ୱର :** ଓଡ଼ିଶାରେ ବିଜେପି ଏଥର ନିର୍ବାଚନରେ ତ୍ରିପୁରାଠାରୁ ଭଲ ପ୍ରଦର୍ଶନ କରିବ ଓ ୧୨୦ରୁ ଅଧିକ ଆସନରେ ବିଜୟୀ ହେବ ବୋଲି ଦଳର ଜାତୀୟ ଅଧ୍ୟକ୍ଷ ଅମିତ୍ ଶାହାଙ୍କ ଦମ୍ଭୋକ୍ତିକୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଏଁ ବାଏଁ ଉଡ଼ାଇ ଦେଇଛନ୍ତି। ଏହା ବ୍ୟତୀତ କୋଶଳୀ ଭାଷାକୁ ଏପର୍ଯ୍ୟନ୍ତ ମାନ୍ୟତା ଦେଉନଥିବା ବିଜେପିର ପଶ୍ଚିମ ଓଡ଼ିଶା ପ୍ରତି ଲୋକଦେଖାଣିଆ ଦରଦ ପଦାରେ ପଡ଼ିଛି ବୋଲି ବିଜେଡି ଅଭିଯୋଗ କରିଛି। ବଲାଙ୍ଗିର ଯୁବ ସମାବେଶରେ ବିଜେପି ଜାତୀୟ ଅଧ୍ୟକ୍ଷ ଶ୍ରୀ ଶାହା ରାଜ୍ୟରେ ➤ ପୃ-୬



Tel.:0674-2747230

SRIPURAM

A Pure Veg A.C. Family Resturant

No Onion, No Garlic

121, District Centre, Chandrasekharpur, Bhubaneswar, Odisha

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। କୋର୍ଟକଚେରୀ ମାମଲାର ସମାଧାନ ଘଟିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ।

**ବୃଷ** ଜମିଜମା ବିବାଦ ଲାଗିରହିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତି ବଜାୟ ରହିବ। ନୂତନ ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। ନୂତନ ଯାନ କ୍ରୟ କରିପାରନ୍ତି। ବ୍ୟବସାୟରେ ଅଧିକ ଲାଭବାନ ହେବା ସହିତ ଉନ୍ନତି କରିବେ।

**ମିଥୁନ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଚାକିରୀ କ୍ଷେତ୍ରରେ ଲାଗିରହିଥିବା ବିବାଦର ସମାଧାନ ହେବ। ରାଜନୈତିକ ବ୍ୟକ୍ତିମାନେ ମିଶ୍ରଫଳ ପ୍ରାପ୍ତ କରିବେ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ।

**କର୍କଟ** ପାରିବାରିକ କଳହରୁ ମୁକ୍ତି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ନୂତନ ଯାନ କ୍ରୟ କରିପାରନ୍ତି। ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ।

**ସିଂହ** ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ପଡି ରହିଥିବା ବିବାଦର ସମାଧାନ ହେବ। ଗୃହରେ ମାଙ୍ଗଳିକ କାର୍ଯ୍ର ହେବାର ସୂଚନା ଅଛି। ଛାତ୍ରଛାତ୍ରୀମାନେ ଶୁଭଫଳ ପ୍ରାପ୍ତ ହେବେ।

**କନ୍ୟା** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।

**ତୁଳା** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ବିବାଦର ସମାଧାନ ହେବ।

**ବିଛା** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରହିବେ। ବ୍ୟବସାୟ କ୍ଷେତ୍ରରେ ଅଧିକ ଲାଭବାନ ହେବେ।

**ଧନୁ** ଗୃହରେ ଶାନ୍ତିର ବାତାବରଣ ବଜାୟ ରହିବ। ବୈବାହିକ ଜୀବନ ସୁଖମୟ ହେବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ କୃତିତ୍ୱ ହାସଲ କରିବେ। ବଡ କମ୍ପାନୀରେ ଚାକିରି ମିଳିପାରେ।

**ମକର** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ବନ୍ଧୁଙ୍କ ସହ ମନମାଳିନ୍ୟ ହେବ। ବିବାହ ଆଶାୟୀମାନେ ଅଶୁଭଫଳ ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରୁହନ୍ତୁ।

**କୁମ୍ଭ** ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଅଧିକ ଲାଗିରହିବ। ଧନପ୍ରାପ୍ତିର ସୁଯୋଗ ରହିଛି। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବ୍ୟବସାୟରେ କ୍ଷତି ସହିବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ।

**ମୀନ** ବୈବାହିକ ଜୀବନ ଶାନ୍ତିରେ କଟିବ। ମାତାପିତାଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ସମାଜ ସେବାରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ କମ୍ ଲାଭବାନ୍ ହେବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସାମ୍ବାଦିକଙ୍କ ସପକ୍ଷରେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଫେକ୍ ନ୍ୟୁଜ୍ (ମିଥ୍ୟା ଖବର) ପରିବେଷଣକୁ ରୋକିବା ଉଦ୍ଦେଶ୍ୟରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସୋମବାର ଯେଉଁ ନୂଆ ନିୟମ ଲାଗୁ କରିଥିଲେ, ଆଜି ତାହା ପ୍ରତ୍ୟାହାର କରି ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ପକ୍ଷରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦିଆଯିବା ପରେ ମନ୍ତ୍ରଣାଳୟ ତତ୍କାଳ ଏହାକୁ ପ୍ରତ୍ୟାହାର କରିନେଇଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଗତକାଲି ସଂପୃକ୍ତ ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜରିଆରେ କହିଥିଲେ ଯେ, ମିଥ୍ୟା ଖବର ପରିବେଷଣ କରୁଥିବା ସାମ୍ବାଦିକଙ୍କର ଆକ୍ରେଡିଟେସନ୍ ବା ଅଧିସ୍ୱୀକୃତି ବାତିଲ କରି ଦିଆଯିବ। ତେବେ ମିଥ୍ୟା ଖବର ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ଭାରତୀୟ ପ୍ରେସ୍ କାଉନ୍ସିଲ୍ ଉପରେ ଛାଡ଼ିଦିଆଯିବା ଦରକାର ବୋଲି ପିଏମ୍ଓ ପକ୍ଷରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ କୁହାଯିବା ପରେ ମନ୍ତ୍ରଣାଳୟ ଏହି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିଛି। ଏହା ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା। ଏହା ପ୍ରେସ୍ ସ୍ୱାଧୀନତାରେ ସରକାରଙ୍କ ହସ୍ତକ୍ଷେପ ବୋଲି ଦର୍ଶାଇ ଏହି ନିର୍ଦ୍ଦେଶନାମା ବିରୋଧରେ ସାମ୍ବାଦିକମାନେ ଏକଜୁଟ୍ ହୋଇ ପ୍ରତିବାଦ କରିବା ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ ହୋଇଥିଲା। ସେହିପରି ସରକାରଙ୍କ ଏ ପ୍ରକାର ନିର୍ଦ୍ଦେଶନାମାର କଟୁ ସମାଲୋଚନା କରିଥିଲା କଂଗ୍ରେସ। ଦଳର ବରିଷ୍ଠ ନେତା ଅହମ୍ମଦ ପଟେଲ ଟ୍ୱିଟର୍‌ରେ କହିଥିଲେ, ମିଥ୍ୟା ଖବର ପ୍ରମାଣ ବା ନିରୂପଣ କରିବା ଏକ କଷ୍ଟକର ବ୍ୟାପାର। ଏ ସମ୍ପର୍କରେ ଅନୁସନ୍ଧାନ କରାନଯିବା ପର୍ଯ୍ୟନ୍ତ ତାହା ମିଥ୍ୟା ଖବର କି ନୁହେଁ ସ୍ପଷ୍ଟ ହେବନାହିଁ। ଏଣୁ ସାମ୍ବାଦିକମାନେ ଅଯଥାରେ ଏହାର ଶିକାର ହେବାର ସମ୍ଭାବନା ରହିଛି। ଅହମ୍ମଦ ପଟେଲଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ପ୍ରକାଶ କରି ସୂଚନା ଓ ପ୍ରସାରଣ ମନ୍ତ୍ରୀ ସ୍ମୃତୀ ଇରାନୀ କହିଥିଲେ, ମିଥ୍ୟା ଖବର ଚିହ୍ନଟ କରିବା ଲାଗି ୨ଟି ନିୟନ୍ତ୍ରଣକାରୀ ସଂସ୍ଥା 'ଭାରତୀୟ ପ୍ରେସ୍ କାଉନ୍‌ସିଲ୍' ଓ 'ନ୍ୟୁଜ୍ ବ୍ରଡ୍‌କାଷ୍ଟର୍ସ ଆସୋସିଏସନ୍' ରହିଛି। ସିପିଏମ୍‌ର ବରିଷ୍ଠ ନେତା ସୀତାରାମ ୟେଚୁରୀ ମଧ୍ୟ ଏହାକୁ ବିରୋଧ କରିଥିଲେ। କେନ୍ଦ୍ରର ଏହା ଦୋମୁହାଁ ନୀତି ବୋଲି ଆରୋପ କରି ସେ କହିଥିଲେ, ଜରୁରୀ ପରିସ୍ଥିତି ସମୟରେ ଆମେ ପ୍ରେସ୍ ସ୍ୱାଧୀନତା ପାଇଁ ଲଢ଼େଇ କରିଥିଲୁ। ମୋଦି ସରକାରଙ୍କ ଏହି ଦୋମୁହାଁ ପଦକ୍ଷେପକୁ ଆମେ ବିରୋଧ କରୁଛୁ ବୋଲି ସେ ଟ୍ୱିଟର୍‌ରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର ଜାରି ହୋଇଥିବା ସଂଶୋଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ ସାମ୍ବାଦିକଙ୍କ ଆକ୍ରେଡିଟେସନ୍ ସମ୍ପର୍କରେ ମିଥ୍ୟା ଖବର ପ୍ରକାଶନ ଓ ପ୍ରସାରଣ କରାଯାଇଛି ବୋଲି ପ୍ରମାଣିତ ହେଲେ ସମ୍ପୃକ୍ତ ସାମ୍ବାଦିକଙ୍କ ଆକ୍ରେଡିଟେସନ୍ ପ୍ରଥମ ଥର ଲାଗି ୬ ମାସ ଏବଂ ଦ୍ୱିତୀୟ ଥର ଭୁଲ୍ ପାଇଁ ବର୍ଷକ ଲାଗି ସସପେଣ୍ଡ୍ କରାଯିବ। ସେହିପରି ୩ୟ ଥର ମିଥ୍ୟା ଖବର ପରିବେଷଣ କଲେ ସଂପୃକ୍ତ ସାମ୍ବାଦିକଙ୍କର ଅଧିସ୍ୱୀକୃତି ସ୍ଥାୟୀ ଭାବେ ବାତିଲ କରାଯିବ ବୋଲି କୁହାଯାଇଥିଲା।

## 'ବ୍ୟାଙ୍କ୍ ଠକେଇ ରୋକି ପାରିବନି ଆଧାର'



**ନୂଆଦିଲ୍ଲୀ :** ଆଧାର ବ୍ୟବସ୍ଥା ଦ୍ୱାରା ବ୍ୟାଙ୍କ୍ ଜାଲିଆତିକୁ ରୋକାଯାଇ ପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ କହିଛନ୍ତି, ବ୍ୟାଙ୍କ୍ ଦୁର୍ନୀତି ରୋକିବାରେ ବାୟୋମେଟ୍ରିକ୍ ଡାଟାବେସ୍ ସମ୍ପୂର୍ଣ୍ଣ ଫଳପ୍ରଦ ହେବ ନାହିଁ। ଅବଶ୍ୟ ଏହା ଦ୍ୱାରା ଜାଲ୍‌କାରୀଙ୍କ ପରିଚୟ ମିଳି ପାରିବ ବୋଲି ଖଣ୍ଡପୀଠ କହିଛନ୍ତି। ଆଧାର ଯୋଜନାର ବୈଧତା ସମ୍ପର୍କରେ ଶୁଣାଣି କରୁଥିବା ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ କହିଛନ୍ତି, କାହାକୁ ଋଣ ଦିଆଯାଇଛି, ବ୍ୟାଙ୍କ୍ ତାହା ଜାଣିଛି। ବ୍ୟାଙ୍କ୍ ଅଧିକାରୀମାନେ ଜାଲିଆତିକାରୀଙ୍କ ସହ ଭିତିରି ହାତ ମିଳାଇଛନ୍ତି। ତେଣୁ ଆଧାର ତାହା ରୋକି ପାରିବ ନାହିଁ।

# ମାର୍ଚ୍ଚରେ ୮୯,୨୬୪ କୋଟି ଜିଏସ୍‌ଟି ଆଦାୟ




**ନୂଆଦିଲ୍ଲୀ :** ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି) ବାବଦକୁ ମାର୍ଚ୍ଚମାସରେ ୮୯,୨୬୪ କୋଟି ଟଙ୍କା ଆଦାୟ ହୋଇଛି ବୋଲି ଅର୍ଥ ସଚିବ ହସମୁଖ୍ ଆଧିଆ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଇୱେ ବ୍ୟବସ୍ଥା ଏବେ ଯାଏ ସଫଳତାର ସହିତ କାମ କରୁଛି। ଏହା ଲାଗୁ ହେବା ଆଗରୁ କଳ୍ପନା ଜଳ୍ପନା ସୃଷ୍ଟି ହୋଇଥିଲେ ମଧ୍ୟ ଏଥିରେ ବର୍ତ୍ତମାନ ଯାଏ ସେମିତି କିଛି ଅସୁବିଧା ପରିଲକ୍ଷିତ ହୋଇନାହିଁ। ରାଜ୍ୟ ଭିତରର କାରବାର ପାଇଁ ମଧ୍ୟ ଖୁବ୍ ଶୀଘ୍ର ଘୋଷଣା ହେବ ବୋଲି ମଧ୍ୟ ସୂଚନା ଦେଇଛନ୍ତି। ଫଳରେ ସଂପୂର୍ଣ୍ଣ ଟିକସ ପଇଠ ବ୍ୟବସ୍ଥା ସରଳ ଉପାୟରେ ଇ-ୱେ ଜରିଆରେ ସମ୍ଭବ ହୋଇପାରିବ। ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ଡାଇରେକ୍ଟ ଟ୍ୟାକ୍ସ ବା ପ୍ରତ୍ୟକ୍ଷ ଟିକସ ଆଦାୟ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟଠାରୁ ଅଧିକ ହୋଇପାରିଛି। ଏହାଫଳରେ ସରକାରଙ୍କ ରାଜସ୍ୱ ନିଅଣ୍ଟ ସମସ୍ୟା ଦୂର ହୋଇପାରିବା ସମ୍ଭବ କରିପାରିବ। ଏପରି ସଫଳତା ଅର୍ଥନୀତିରେ ସୁଧାର ଆଣିବାରେ ସହାୟକ ହୋଇପାରିବ। ଏହି ଆର୍ଥିକ ବର୍ଷରେ ବର୍ତ୍ତମାନ ପର୍ଯ୍ୟନ୍ତ ଟିକସ ଫେରସ୍ତ ବାବଦକୁ ୧୭,୬୧୬ କୋଟି ଟଙ୍କା ଟିକସ ଦାତାମାନଙ୍କୁ ଫେରାଇଦିଆଯାଇଛି ବୋଲି ମଧ୍ୟ ସିବିଆଇସି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ସେହିଭଳି ଜିଏସ୍‌ଟିଏନ୍ ସିଇଓଙ୍କ ସୂଚନା ଅନୁଯାୟୀ ଟିକସ ପଇଠର ପ୍ରଥମ ଦିନରେ ୨,୫୯,୦୦୦ଟି ଇ-ୱେ ବିଲ୍ ପ୍ରସ୍ତୁତ କରାଯାଇଥିବା ବେଳେ ଦ୍ୱିତୀୟ ଦିନରେ ଅପରାହ୍ନ ୩ଟା ସୁଦ୍ଧା ୨,୮୯,୦୦୦ଟି ଇୱେ ବିଲ୍ ପ୍ରସ୍ତୁତ ହୋଇପାରିଥିଲା। ଏହି ଆର୍ଥିକ ବର୍ଷ ପାଇଁ ୬.୮୪ କୋଟି ଟଙ୍କାର ଆୟକର ରିଟର୍ଣ୍ଣ ଦିଆଯାଇଛି ଯାହାକି ପୂର୍ବ ବର୍ଷ ୫.୪୩ କୋଟି ଥିଲା। ଆୟକର ଦାତାଙ୍କ ତାଲିକାରେ ଏଥର ୯୯.୫ ଲକ୍ଷ ନୂଆ ଟିକସଦାତା ସାମିଲ ହୋଇଥିବାବେଳେ ୨୦୧୮ ଆର୍ଥିକ ବର୍ଷରେ ଟିକସ ଆଦାୟ ୯ଲକ୍ଷ ୯୫ ହଜାର କୋଟିରେ ପହଞ୍ଚିଛି ଯାହାକି ୯.୮ଲକ୍ଷ କୋଟି ହେବ ବୋଲି ଧାର୍ଯ୍ୟ କରାଯାଇଥିଲା।

### ଏସ୍‌ସି/ଏସ୍‌ଟି ଆଇନ ଉପରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ରହିତାଦେଶକୁ ନା'

**ନୂଆଦିଲ୍ଲୀ :** ଅନୁସୂଚିତ ଜାତି-ଜନଜାତି (ନିର୍ଯାତନା ନିରୋଧ) ଆଇନ ସମ୍ପର୍କରେ ସୁପ୍ରିମକୋର୍ଟ ଗତ ମାର୍ଚ୍ଚ ୨୦ରେ ଦେଇଥିବା ରୁଲିଂ ଉପରେ ରହିତାଦେଶ ଜାରି କରିବାକୁ ମନା କରିଛନ୍ତି। ତେବେ ସର୍ବୋଚ୍ଚ ଅଦାଲତ ଏହି ରାୟର ପୁନର୍ବିଚାର ପାଇଁ କେନ୍ଦ୍ରର ରିଭ୍ୟୁ ପିଟିସନ୍‌କୁ ବିଚାର ପାଇଁ ଗ୍ରହଣ କରି ୧୦ ଦିନ ପରେ ଏହାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଏଥିସହ ଏହି ମାମଲାରେ ପକ୍ଷଭୁକ୍ତ ସମସ୍ତ ପକ୍ଷଙ୍କୁ ୨ ଦିନ ମଧ୍ୟରେ ଲିଖିତ ଭାବେ ନିଜର ଜବାବ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଆଦର୍ଶ କୁମାର ଗୋଏଲ ଓ ଜଷ୍ଟିସ୍ ୟୁୟୁ ଲଳିତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କରେ ଶୁଣାଣି କରି କହିଛନ୍ତି, ଯେଉଁମାନେ ଏଥିନେଇ ଆନ୍ଦୋଳନ କରୁଛନ୍ତି, ସେମାନେ ରାୟକୁ ଭଲ ଭାବରେ ପଢ଼ି ନାହାନ୍ତି। ବରଂ ସେମାନଙ୍କୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିଭ୍ରାନ୍ତ କରୁଛନ୍ତି। ଏହି ଆଇନ ଦ୍ୱାରା କୌଣସି ନିରୀହ ଲୋକ ଦଣ୍ଡିତ ନ ହେବା ଆମେ ଚାହୁଁ। ନିରୀହ ଲୋକଙ୍କୁ ଆଇନ ଦ୍ୱାରା ଆତଙ୍କିତ କରାନଯାଉ। ଆମେ ସ୍ପଷ୍ଟ କରିଦେବାକୁ ଚାହୁଁ, ଅନୁସୂଚିତ ଜାତି-ଜନଜାତି ଆଇନର ଗୁରୁତ୍ୱକୁ ଆଦୌ ହ୍ରାସ କରାଯାଇ ନାହିଁ କି ଆମେ ଏହି ଆଇନର ବିରୋଧୀ ନୁହଁ। ଏହି ପରିପ୍ରେକ୍ଷୀରେ ଖଣ୍ଡପୀଠ କେନ୍ଦ୍ର ପକ୍ଷରୁ ହାଜର ହୋଇଥିବା ଆଟର୍ଣ୍ଣି ଜେନେରାଲ୍ କେକେ ଭେନୁଗୋପାଲ ଓ ମହାରାଷ୍ଟ୍ର ପକ୍ଷରୁ ଅତିରିକ୍ତ ସଲିସିଟର୍ ଜେନେରାଲ୍ ତୁଷାର ମେହେଟାଙ୍କ ରହିତାଦେଶ ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଉଲ୍ଲେଖଯୋଗ୍ୟ, ସୁପ୍ରିମକୋର୍ଟଙ୍କ ଏ ସଂକ୍ରାନ୍ତ ମାର୍ଚ୍ଚ ୨୦ର ରୁଲିଂକୁ ଗତକାଲି ବିରୋଧ କରି ବିଭିନ୍ନ ଦଳିତ ସଂଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଯୋଗୁ ଦେଶର ବିଭିନ୍ନ ରାଜ୍ୟରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ଏଥିରେ ଅନ୍ୟୂନ ୧୦ ଜଣଙ୍କ ପ୍ରାଣହାନି ଘଟିଛି। ଅନୁସୂଚିତ ଜାତି-ଜନଜାତି ଆଇନ-୧୯୮୯ ଅନୁଯାୟୀ ଏହି ବର୍ଗର ଲୋକଙ୍କ ବିରୋଧରେ କୌଣସି ପ୍ରକାର ଅପରାଧକୁ ଧର୍ତ୍ତବ୍ୟ ଓ ଜାମିନବିହୀନ ବିବେଚନା କରାଯିବ ବୋଲି ପୂର୍ବରୁ ବ୍ୟବସ୍ଥା ଥିଲା। ତେବେ ଆଇନ୍‌ର ଦୁରୁପଯୋଗ ହେବାର ଆଶଙ୍କା କରି ଗତ ମାର୍ଚ୍ଚ ୨୦ରେ ସୁପ୍ରିମକୋର୍ଟ ଏହି ଆଇନ୍‌ରେ ସଂଶୋଧନ ଆଣି କହିଥିଲେ ଯେ, ଅଭିଯୋଗ ମିଳିଲା ମାତ୍ରେ ଏହି ଆଇନ୍ ବଳରେ କାହାରିକୁ ବିନା ତଦନ୍ତରେ ତୁରନ୍ତ ଗିରଫ କରାଯାଇ ପାରିବନାହିଁ। ଏହି ରାୟ ଦେବା ସହ କୋର୍ଟ କେତେକ ସର୍ତ୍ତ ମଧ୍ୟ ଲଗାଇଥିଲେ। ଅନୁସୂଚିତ ଜାତି-ଜନଜାତି ବର୍ଗଙ୍କ ଅଭିଯୋଗ ପାଇବା ମାତ୍ରେ ଏଫ୍‌ଆଇଆର୍ ପଞ୍ଜୀକରଣ ନ କରି ସୁଦ୍ଧା ପୀଡ଼ିତଙ୍କୁ ତ୍ୱରିତ ନ୍ୟାୟ ଓ କ୍ଷତିପୂରଣ ଦେବାକୁ କୋର୍ଟ ବ୍ୟବସ୍ଥା କରିଛନ୍ତି। ଏଥିସହ ଏହି ବର୍ଗ ପକ୍ଷରୁ ଆସୁଥିବା ସମସ୍ତ ନିର୍ଯାତନା ଅଭିଯୋଗ ଆଇପିସି ଧାରା ଅନୁଯାୟୀ ପଞ୍ଜୀକରଣ କରାଯାଇ ଅବିଳମ୍ବେ ତଦନ୍ତ ଆରମ୍ଭ ହେବ। ସୁପ୍ରିମକୋର୍ଟ କହିଥିଲେ, ତଦନ୍ତ କାଳରେ ଯଦି ଜଣାପଡ଼େ ଯେ, ହୋଇଥିବା ଅପରାଧଟି ଅନୁସୂଚିତ ଜାତି-ଜନଜାତି ନିର୍ଯାତନା ନିବାରଣ ଆଇନ୍ ପରିସରଭୁକ୍ତ, ସେହି କ୍ଷେତ୍ରରେ ହିଁ ଏହି ଆଇନ୍ ଲାଗୁ କରାଯିବ।

# ଧୋଇଗଲା ବଜେଟ୍ ଅଧିବେଶନ



**ନୂଆଦିଲ୍ଲୀ :** ସଂସଦର ବଜେଟ ଅଧିବେଶନ ଶେଷ ହୋଇଛି। ଗତ ଜାନୁଆରୀ ୨୯ରୁ ଏହି ଅଧିବେଶନ ଆରମ୍ଭ ହୋଇଥିଲା। ରାଜ୍ୟସଭାର ୩୦ଟି ବୈଠକ ବସିଥିଲା। ଏଥିରେ ୪୪ ଘଣ୍ଟା ଆଲୋଚନା ହୋଇଥିଲା ବେଳେ ୧୨୧ ଘଣ୍ଟା ନଷ୍ଟ ହୋଇଯାଇଛି। ୨୭ ଦିନ ମଧ୍ୟରେ ସଂସଦର ଉଚ୍ଚ ସଦନରେ କୌଣସି ପ୍ରଶ୍ନୋତ୍ତର କାଳ କାର୍ଯ୍ୟକାରୀ ହୋଇ ପାରି ନାହିଁ। ବିରୋଧୀ ଦଳର ହଟ୍ଟଗୋଳ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ହଟ୍ଟଗୋଳ ଯୋଗୁ ଗୃହ ବାରମ୍ବାର ମୁଲତବୀ ରହିଥିଲା ବୋଲି ରାଜ୍ୟସଭା ଅଧ୍ୟକ୍ଷ ଏମ୍ ଭେଙ୍କିୟା ନାଇଡୁ କହିଛନ୍ତି। ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଦାବି, ବ୍ୟାଙ୍କ ଦୁର୍ନୀତି, କାବେରୀ ଜଳ ପରିଚାଳନା ବୋର୍ଡ ଗଠନ ଦାବି, ଅନୁସୂଚିତ ଜାତି / ଜନଜାତି ଆଇନ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ରୁଲିଂକୁ ବିରୋଧ କରି ସୃଷ୍ଟି ହୋଇଥିବା ପରିସ୍ଥିତି ଆଦି ସମ୍ପର୍କରେ ଏହି ଉଚ୍ଚ ସଦନରେ ହଟ୍ଟଗୋଳ ହୋଇଥିଲା। ରାଜ୍ୟସଭାର ୨୪୫ତମ ଅଧିବେଶନରେ ଉଦ୍‌ଯାପନୀ ସମ୍ବୋଧନ କରି ନାଇଡୁ କହିଥିଲେ, ହଟ୍ଟଗୋଳ ଯୋଗୁ ଯେଉଁ ସମୟ ନଷ୍ଟ ହେଲା, ସେଥିରେ ମୁଁ ମର୍ମାହତ। ମିଳିଥିବା ଜନାଦେଶକୁ ଏହା ଶକ୍ତ ଅପମାନ। ଗୃହର ତିନି ଚତୁର୍ଥାଂଶ ସମୟ ହଟ୍ଟଗୋଳ ଓ ମୁଲତବୀରେ ନଷ୍ଟ ହୋଇଛି। ଲୋକସଭାରେ ବଜେଟ୍ ଅଧିବେଶନର ୧୨୭ ଘଣ୍ଟା ନଷ୍ଟ ହୋଇଛି। ୨୯ଟି ବୈଠକରେ ମାତ୍ର ୦.୫୮% ତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ମିଳିଛି। ପ୍ରତିଦିନ ବିଭିନ୍ନ ଦଳର ବିଭିନ୍ନ ପ୍ରସଙ୍ଗ ନେଇ ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ମାର୍ଚ୍ଚ ୫ରୁ ଆରମ୍ଭ ହୋଇଥିବା ବଜେଟ୍ ଅଧିବେଶନର ୨ୟ ପର୍ଯ୍ୟାୟରେ ମାତ୍ର ୨୨ଟି ବୈଠକ ବସିଥିଲେ ମଧ୍ୟ ପ୍ରାୟତଃ ନଷ୍ଟ ହୋଇଯାଇ ଥିଲା। ବାଚସ୍ପତି ସୁମିତ୍ରା ମହାଜନ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ମୁଲତବୀ ଘୋଷଣା କରିବା ପୂର୍ବରୁ କହିଥିଲେ, ୨୯ଟି ବୈଠକରେ ମାତ୍ର ୩୪ ଘଣ୍ଟା ୫ ମିନିଟ୍ ଆଲୋଚନା ହୋଇଛି। ହଟ୍ଟଗୋଳ ଯୋଗୁ ମୋଟ୍ ୧୨୭ ଘଣ୍ଟା ୪୫ ମିନିଟ୍ ନଷ୍ଟ ହୋଇଯାଇଛି।

## ୧୨ରେ ବିଜେପି ସାଂସଦଙ୍କ ଦେଶବ୍ୟାପୀ ଅନଶନ

**ନୂଆଦିଲ୍ଲୀ :** ସଂସଦର ବଜେଟ୍ ଅଧିବେଶନ ଧୋଇଯାଇଥିବାରୁ ବିଜେପି ଏଥିପାଇଁ କଂଗ୍ରେସକୁ ଦାୟୀ କରିଛି। ଏହାର ପ୍ରତିବାଦରେ ଦଳୀୟ ସାଂସଦମାନେ ଆସନ୍ତା ୧୨ରେ ସେମାନଙ୍କ ନିର୍ବାଚନମଣ୍ଡଳୀରେ ଦିନିକିଆ ଅନଶନରେ ବସିବେ। କେନ୍ଦ୍ରମନ୍ତ୍ରୀ ଅନନ୍ତ କୁମାର କହିଛନ୍ତି, 'ସଂସଦ ନ ଚାଲିବାରୁ ବିଜେପିର ସାଂସଦମାନେ ସେମାନଙ୍କର ବେତନ ଓ ଭତ୍ତା ଗ୍ରହଣ କରିବେ ନାହିଁ।

## ୫ ୱାଇଏସ୍‌ଆର୍ ଏମ୍‌ପିଙ୍କ ଇସ୍ତଫା

**ନୂଆଦିଲ୍ଲୀ :** ୱାଇଏସ୍‌ଆର୍ କଂଗ୍ରେସର ୫ ଜଣ ଲୋକସଭା ସଦସ୍ୟ ବଜେଟ୍ ଅଧିବେଶନର ଶେଷ ଦିନରେ ଇସ୍ତଫା ଦେଇଛନ୍ତି। ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦିଆନଯିବା ପ୍ରତିବାଦରେ ଏହି ଦଳର ସଦସ୍ୟମାନେ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେଇଥିବା ୫ ସାଂସଦ ହେଲେ ଏମ୍ ରାଜମୋହନ ରେଡ଼ି, ୱାଇଭି ସୁବା ରେଡ଼ି, ଭି ପ୍ରସାଦ ରାଓ ଭେଲାଗାପାଲି, ମିଥୁନ ରେଡ୍ଡି ଓ ୱାଇଏସ୍ ଅବିନାଶ ରେଡ୍ଡି। ଏହି ୫ଜଣ ସାଂସଦ ନୂଆଦିଲ୍ଲୀ ସ୍ଥିତ ଆନ୍ଧ୍ର ଭବନରେ ଅନଶନରେ ବସିଛନ୍ତି।

## ମାଲେସିଆ ପାର୍ଲାମେଣ୍ଟ ଭଙ୍ଗ

**କ୍ୱାଲାଲମ୍ପୁର :** ମାଲେସିଆ ପ୍ରଧାନମନ୍ତ୍ରୀ ନଜୀବ ରଜାକ୍ ପାର୍ଲାମେଣ୍ଟକୁ ଭାଙ୍ଗି ଦେଇଛନ୍ତି। ସେ ରାଷ୍ଟ୍ରାୟତ୍ତ ଟିଭିରେ ଏ ସମ୍ପର୍କରେ ସ୍ୱତନ୍ତ୍ର ଘୋଷଣା କରି କହିଛନ୍ତି, ପାର୍ଲାମେଣ୍ଟ ଭଙ୍ଗ ପାଇଁ ରାଜା ଅନୁମତି ଦେଇଛନ୍ତି ଏବଂ ଏହା ଏପ୍ରିଲ ୭ ଶନିବାର ଠାରୁ ଲାଗୁ ହୋଇଛି। ପାର୍ଲାମେଣ୍ଟ ଭଙ୍ଗର ୬୦ ଦିନ ମଧ୍ୟରେ ନିର୍ବାଚନ କରାଯିବ। ନିର୍ବାଚନ କମିଶନ ଏକ ସପ୍ତାହ ମଧ୍ୟରେ ନିର୍ବାଚନ ତାରିଖ ଘୋଷଣା କରିବେ।

# ୧୨୮ଟି ୟୁଏସ୍ ଉତ୍ପାଦ ଉପରେ ଶୁଳ୍କ ବଢ଼ାଇଲା ଚୀନ୍



**ବେଜିଂ :** ୧୨୮ଟି ୟୁଏସ୍ (ଆମେରିକୀୟ) ଉତ୍ପାଦ ଉପରେ ଚୀନ୍ ଶୁଳ୍କ ବଢ଼ାଇବାପ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଗତମାସରେ ଚୀନ ଉପରେ ବ୍ୟବସାୟିକ ରୋକ ଲଗାଇବାର ପ୍ରତ୍ୟୁତ୍ତର ବୋଲି କୁହାଯାଉଛି। ପର୍କ ଏବଂ ନିର୍ଦ୍ଦିଷ୍ଟ କେତେଗୋଟି ଫଳ ଉପରେ ମଧ୍ୟ ଏହି ନିଷେଧାଦେଶ ଜାରି ହୋଇଛି। ଯଦି ଆମେରିକୀୟ ଉତ୍ପାଦର ଦାମ୍ ଅଧିକ ରହିବ ଚୀନ୍ ଗ୍ରାହକମାନେ ୟୁରୋପ କିମ୍ବା ଦକ୍ଷିଣ ଆମେରିକୀୟ ଉତ୍ପାଦ କିଣିବାକୁ ଚାହିଁବେ, ଯଦିଓ ହ୍ୱାଇଟହାଉସ୍ ତରଫରୁ ଏଥିରେ ରିହାତି ବ୍ୟବସ୍ଥା କରାଯିବାର ସମ୍ଭାବନା ରହିଛି। ବେଜିଂର ଏପରି ନିଷ୍ପତ୍ତି ଟ୍ରମ୍ପ ପ୍ରଶାସନକୁ ନିଜ ନିଷ୍ପତ୍ତିରୁ ଓହରିବାକୁ ବାଧ୍ୟ କରିପାରେ। ବର୍ତ୍ତମାନ ଏସିଆରେ ଚୀନ୍‌ର ସବୁଠାରୁ ବଡ଼ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱୀ ଆମରେିକାର ବ୍ୟବସାୟରେ କ୍ଷତି ପହଞ୍ଚାଇବା ପାଇଁ ଧମକାଇବା ଆରମ୍ଭ କରିଛି। ଚୀନ୍ ସରକାରଙ୍କ ନିୟନ୍ତ୍ରଣରେ ଥିବା ଏକ ଖବର ପ୍ରସାରଣ ସଂସ୍ଥା 'ପିପୁଲ୍ସ ଡେଲି' ଟ୍ୱିଟ୍ କରି ଜଣାଇଥିଲେ, 'ୟୁଏସ୍ ଚୀନ ନିର୍ମିତ ଷ୍ଟିଲ୍ ଏବଂ ଆଲୁମିନିୟମ୍ ଉତ୍ପାଦର ଆମଦାନୀ ଉପରେ ଶୁଳ୍କ ବଢ଼ାଇବା ପରେ, ସୋମବାର ଦିନ ଏହାର ପ୍ରତିକ୍ରିୟାରେ ୧୨୮ଟି ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ବଢ଼ାଇଛନ୍ତି। ଏହି ଉତ୍ପାଦ ମଧ୍ୟରେ ପର୍କ ଏବଂ ଅନ୍ୟାନ୍ୟ ଖାଦ୍ୟ ଉତ୍ପାଦ ମଧ୍ୟ ରହିଛି।' ଚୀନ୍ ସରକାରଙ୍କ ତରଫରୁ କୁହାଯାଇଥିଲା ଗତ ମାସରେ ଟ୍ରମ୍ପ ପ୍ରଶାସନ ନେଇଥିବା ନିଷ୍ପତ୍ତିର ଏହା ପ୍ରତ୍ୟାକ୍ରମଣ ଭଳି। ମାର୍ଚ୍ଚମାସରେ ଟ୍ରମ୍ପ ଘୋଷଣା କରିଥିଲେ, ସେ ଷ୍ଟିଲ ଓ ଆଲୁମିନିୟମ୍ ଉତ୍ପାଦ ଆମଦାନୀ ଉପରେ ଶୁଳ୍କ ବୃଦ୍ଧି କରିବାକୁ ଚାହୁଁଛନ୍ତି। ପରେ କିଛି ଦେଶକୁ ଏହି କଟକଣାରୁ ବାଦ୍ ଦେଇଥିଲେ ହେଁ ଚୀନ୍ ପାଇଁ ଏହା ବର୍ତ୍ତମାନ ମଧ୍ୟ ଲାଗୁ ହେଉଛି। ଏପରିକି ମାର୍ଚ୍ଚମାସରେ ଟ୍ରମ୍ପ ଆଉ ଏକ ଅତିରିକ୍ତ ପଦକ୍ଷେପ ନେଇ ଚୀନ୍‌ର ୬୦୦୦ କୋଟି ଟଙ୍କାର ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି କରିଥିଲେ। ଯାହାକି ଆମେରିକାର ଟେକ୍ନୋଲୋଜି ବଜାରରେ ଚୀନ୍‌ର ପ୍ରବେଶ ଉପରେ ରୋକ୍ ଲଗାଇପାରିଥିଲା। ଟ୍ରମ୍ପ ଏହି ଅବସରରେ ଅଭିଯୋଗ କରିଥିଲେ ଚୀନ୍‌ର ବ୍ୟବସାୟିକ ପ୍ରବେଶ ୬୦,୦୦୦ ଆମେରିକୀୟ ଫ୍ୟାକ୍ଟ୍ରି ବନ୍ଦ କରିଥିବାବେଳେ ୬୦ ଲକ୍ଷ ଲୋକ ନିଜ ଚାକିରି ହରାଇଛନ୍ତି। ଚୀନ୍ ଆମେରିକାର ବୌଦ୍ଧିକ ସମ୍ପତ୍ତି ଚୋରାଇବାରେ ସମର୍ଥ ହୋଇଆସୁଥିଲା ଏବଂ ବ୍ୟବସାୟିକ ନିୟମକୁ ପାଳନ କରୁନଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଟ୍ରମ୍ପଙ୍କର ନୂଆ, ଦ୍ୱିପାକ୍ଷିକ ବ୍ୟବସାୟିକ ପଦକ୍ଷେପ ଯଦିଓ ଆମେରିକୀୟ ବ୍ୟବସାୟୀ ଏବଂ ବିଦେଶୀମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା, ବିଶେଷ କରି ୨୦୧୬ ମସିହାରେ ସେ ଯଥେଷ୍ଟ ସତର୍କ ପଦକ୍ଷେପ ନେଇ ଥିବାରୁ,ଏବେ ମଧ୍ୟ ପୁଣି ଥରେ ଲୋକାଭିମୁଖୀ ପଦକ୍ଷେପ ନେବାର ସମ୍ଭାବନା ରହିଛି। ବେଜିଂ ଏହାର ପ୍ରତିକ୍ରିୟା ଦେବ ବୋଲି ସେତେବେଳେ ପ୍ରତିଜ୍ଞା କରିଥିଲା। ଆମେରିକାର କିଛଇ ବ୍ୟବସାୟୀ ଗୋଷ୍ଠୀ ଏହାର ତୀବ୍ର ସମାଲୋଚନା କରି କହିଥିଲେ ଏପରି ଶୁଳ୍କ ବୃଦ୍ଧି ପାଇଁ ବୃହତ ପରିମାଣର କ୍ଷତିର ହେବ। କାରଣ ଅନ୍ୟ ଦେଶଗୁଡ଼ିକ ଯଦି ଏପରି ପ୍ରତିଶୋଧ ନେବାକୁ ଆରମ୍ଭ କରିବେ ବ୍ୟବସାୟ କରିବା କଷ୍ଟକର ହୋଇପଡ଼ିବ। ୨୦୧୭ ମସିହାରେ ଚୀନ୍ ଆମେରିକାକୁ ୫୦,୫୦୦ କୋଟି ଡଲାରର ଉତ୍ପାଦ ରପ୍ତାନୀ କରିଥିବାବେଳେ ଆମେରିକା ଚୀନକୁ ୧୩,୫୦୦ କୋଟିଡଲାରର ଉତ୍ପାଦ ରପ୍ତାନୀ କରିଥିଲା।



## ମେ’ ଦ୍ୱିତୀୟ ସପ୍ତାହରେ ମ୍ୟାଟ୍ରିକ ଫଳ

**ଭୁବନେଶ୍ୱର :** ମେ ଦ୍ୱିତୀୟ ସପ୍ତାହରେ ବାହାରିବ ମ୍ୟାଟ୍ରିକ ରେଜଲ୍ଟ। ମାଧ୍ୟମିକ ଶିକ୍ଷା ପରିଷଦ ଭୁବନେଶ୍ୱର ଜୋନ୍‌ର ଜଣେ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଏପ୍ରିଲ ପହିଲା ସୁଦ୍ଧା ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇଛି। ତେବେ ମେ’ ୮ କିମ୍ବା ୯ତାରିଖରେ ରେଜଲ୍ଟ ପ୍ରକାଶ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ରେଜଲ୍ଟ ପ୍ରକାଶ ନେଇ ବୋର୍ଡ ପକ୍ଷରୁ କୌଣସି ତାରିଖ ସ୍ପଷ୍ଟ କରାଯାଇନାହିଁ। ମୂଲ୍ୟାୟନ ଶେଷ ହେବାପରେ ମାର୍କ କମ୍ପାଇଲ୍ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ ଫଳ ପ୍ରକାଶନର ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରାଯିବ ନାହିଁ। ମୂଲ୍ୟାୟନ ପ୍ରକ୍ରିୟାରେ ଚଳିତବର୍ଷ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ଛାତ୍ରଛାତ୍ରୀମାନେ ଯେପରି ସମସ୍ୟାର ସମ୍ମୁଖୀନ ନହେବେ ସେ ଦିଗରେ ମଧ୍ୟ ଉଭୟ ସରକାର ଓ ବୋର୍ଡ ଅଧିକାରୀ ସଜାଗ ଅଛନ୍ତି ବୋଲି ସେ କହିଛନ୍ତି।

# ଓଡ଼ିଶା ବିକାଶରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଶ୍ରମିକମାନେ ହେଉଛନ୍ତି ବିକାଶର ଆଧାର। ଓଡ଼ିଶାରେ ବିକାଶରେ ଶ୍ରମିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଜୁ ଏକ୍ସପ୍ରେସ୍ ୱେ ହେଉ କି ମେଡିକାଲ କଲେଜ ଅବା ଉତ୍କଳଗୌରବ ମଧୁସୂଦନ ସେତୁ, ଏ ସବୁ ପ୍ରକଳ୍ପରେ ଶ୍ରମିକମାନଙ୍କ ଭୂମିକା ରହିଛି ବୋଲି ନିର୍ମାଣ ଶ୍ରମିକ ସେବା ସପ୍ତାହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ପ୍ରଦର୍ଶନୀ ପଡ଼ିଆରେ ନିର୍ମାଣ ଶ୍ରମିକ ସେବା ସପ୍ତାହର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଶ୍ରମିକମାନଙ୍କ କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ଏକ ଆଦର୍ଶ ରାଜ୍ୟ। ବର୍ତ୍ତମାନ ସୁଦ୍ଧା ୨୨ ଲକ୍ଷରୁ ଅଧିକ ଶ୍ରମିକ ପଞ୍ଜୀକୃତ ହୋଇଥିବା ବେଳେ ୧୧ ଲକ୍ଷରୁ ଅଧିକ ଶ୍ରମିକଙ୍କ ପରିବାରକୁ ପ୍ରାୟ ୮୦୦ କୋଟି ଟଙ୍କା ସହାୟତା ଦିଆଯାଇଛି। ୮୦୦୦ ପରିବାରକୁ ଘର ଯୋଗାଇ ଦିଆଯାଇଛି। ଅଧିକରୁ ଅଧିକ ଶ୍ରମିକ ଯେପରି ସୁବିଧାରେ ଘର ପାଇପାରିବେ, ସେଥିପାଇଁ ବିଭିନ୍ନ ଯୋଗ୍ୟତା ନିୟମାବଳୀକୁ କୋହଳ କରାଯାଇଛି। ଏଥର ବର୍ଷକର ରେଜିଷ୍ଟ୍ରେସନ୍ ବି ଶ୍ରମିକମାନଙ୍କୁ ପକ୍କାଘର ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରମିକମାନଙ୍କ ପାଇଁ ଦୁଇଟି ପୋର୍ଟାଲର ଉନ୍ମୋଚନ କରିଥିଲେ। ଏହି ପୋର୍ଟାଲ ଦୁଇଟି ଦ୍ୱାରା ଶ୍ରମିକମାନେ ନିଜ ଘର ପାଖରେ ସୁବିଧାରେ ପଞ୍ଜୀକରଣ କରିପାରିବେ ଏବଂ ସେମାନଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇବା ପାଇଁ ମଧ୍ୟ ସୁବିଧା ମିଳିପାରିବ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ



ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ବଣ୍ଟନ କରିଥିଲେ ଏବଂ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଜ୍ୟସ୍ତରୀୟ ନିର୍ମାଣ ଶ୍ରମିକ ସେବା ସପ୍ତାହ କାର୍ଯ୍ୟକ୍ରମରେ ୭ହଜାର ଶ୍ରମିକ ଯୋଗ ଦେଇଛନ୍ତି। ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ କହିଥିଲେ, ପ୍ରତି ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକଙ୍କ ପାଇଁ ବିଶ୍ରାମ ସ୍ଥଳ, ପିଇବା ପାଣି, ପଙ୍ଖା, ଶୌଚାଳୟ ଇତ୍ୟାଦି ସୁବିଧା ରହିବ। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ତଦାରଖ ପାଇଁ ଏବେ ବରିଷ୍ଠ ସଚିବ ମାନେ ଜିଲ୍ଲା ପରିଦର୍ଶନ କରିବେ। ନିର୍ମାଣ ଶ୍ରମିକଙ୍କ ପିଲାମାନଙ୍କୁ ଆଇଟିଆଇ ଓ ଡିପ୍ଲୋମା କଲେଜରେ ପାଠପଢ଼ା ପାଇଁ ପୂର୍ବରୁ ଦିଆଯାଉଥିବା ସହାୟତା ବର୍ତ୍ତମାନ ଲୋକସେବା ପୋର୍ଟାଲରେ ଅନଲାଇନରେ ଆବେଦନ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରମମନ୍ତ୍ରୀ ଶ୍ରୀ ସିଂହ କହିଥିଲେ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା, ସାଂସଦ ପ୍ରସନ୍ନ ପାଟଶାଣୀ, ମେୟର୍ ଅନନ୍ତ ଜେନା, ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବିଜୟ ମହାନ୍ତି, ଶ୍ରମ ସଚିବ ଅନୁ ଗର୍ଗ ଯୋଗ ଦେଇଥିଲେ। ଶ୍ରମ କମିଶନର ସଚିନ ରାମଚନ୍ଦ୍ର ଯାଦବ ଧନ୍ୟବାଦ ଦେଇଥିଲେ।

# ୨୦୨୦ ସୁଦ୍ଧା ଦେଶରେ ବିଏସ୍-୬ ଇନ୍ଧନ ପ୍ରଚଳନ ହେବ : ଧର୍ମେନ୍ଦ୍ର



**ଭୁବନେଶ୍ୱର :** ଆସନ୍ତା ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର (ଏନ୍‌ସିଟି) ଦିଲ୍ଲୀରେ ସୋମବାର ଠାରୁ ବିଏସ୍-୬ ମାନର ଇନ୍ଧନ ବିକ୍ରି ଆରମ୍ଭ ହୋଇଛି। ନୂଆ ଦିଲ୍ଲୀର କନ୍‌ଷ୍ଟିଚ୍ୟୁସନ କ୍ଲବ୍‌ରେ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଏସ୍-୬ ମାନର ଇନ୍ଧନ ପ୍ରଚଳନ ହେବା ନେଇ ଘୋଷଣା କରିବା ସହ ଏହାକୁ ଦିଲ୍ଲୀବାସୀଙ୍କୁ ସମର୍ପିତ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ବିଏସ୍-୬ ମାନର ଇନ୍ଧନ ପ୍ରଚଳନ ହେବା ଦିଲ୍ଲୀବାସୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିର୍ଦ୍ଧାରିତ ସମୟ ପୂର୍ବରୁ ଏପ୍ରିଲ ୨୦୧୮ରୁ ବିଏସ-୬ ଇନ୍ଧନକୁ ଦିଲ୍ଲୀରେ ଲାଗୁ କରିବାର ନିଷ୍ପତ୍ତି ସରକାରଙ୍କର ସାଧାରଣ ଲୋକ ମାନଙ୍କର ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି। ୟୁରୋ-୬ ନିର୍ଗମନ ମାନକୁ ଲାଗୁ କରିଥିବା କିଛି ବଛା ବଛା ଦେଶମାନଙ୍କର ସମୂହରେ ଭାରତ ବର୍ତ୍ତମାନ ପ୍ରବେଶ କରିଥିବା ଶ୍ରୀ ପ୍ରଧାନ ଏହି ଅବସରରେ କହିଛନ୍ତି। ଏହା ଦ୍ୱାରା ଯାନବାହନ କାରଣରୁ ହେଉଥିବା ପ୍ରଦୂଷଣକୁ ଖୁବ ଅଧିକ ମାତ୍ରାରେ କମ କରାଯାଇ ପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଦିଲ୍ଲୀରେ ଚିନ୍ତାଜନକ ପ୍ରଦୂଷଣ ରହିଥିବା କାରଣରୁ ଏହାକୁ କମ୍ କରିବାରେ ଏହି ସ୍ୱଚ୍ଛ ବିଏସ୍-୬ ଇନ୍ଧନ ଖୁବ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହାଦ୍ୱାରା ଭବିଷ୍ୟତରେ ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ପରିବେଶ ଆଡ଼କୁ ଅଗ୍ରସର କରାଇବାରେ ସହାୟକ ହେବ ବୋଲି ସେ କହିଛନ୍ତି। ୨୦୨୦ ମସିହା ଏପ୍ରିଲ ମାସକୁ ବିଏସ୍-୬ ମାନର ଇନ୍ଧନ ଲାଗୁ କରିବାକୁ ପ୍ରଥମେ ଲକ୍ଷ୍ୟ ରଖାଯାଇଥିବା ବେଳେ ଏପ୍ରିଲ ୨୦୧୮ ଠାରୁ ଦିଲ୍ଲୀରେ ବିଏସ୍-୬ ମାନର ଇନ୍ଧନ ଲାଗୁ କରି ପାରିଥିବାରୁ ତୈଳ ବିପଣନ କମ୍ପାନୀମାନଙ୍କର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। ବିଏସ୍-୬ ମାନର କମ୍ପ୍ଲାୟଣ୍ଟ ବାହନ ପ୍ରଚଳନ କରିବା ପ୍ରକ୍ରିୟାକୁ ତ୍ୱରିତ କରିବାକୁ ସେ ଅଟୋମୋବାଇଲ ଶିଳ୍ପକୁ ମଧ୍ୟ ଆହ୍ୱାନ ଜଣାଇଛନ୍ତି। ଦେଶ ସାରା ବିଏସ-୬ ମାନର ଇନ୍ଧନ ଲାଗୁ ୨୦୨୦ ଏପ୍ରିଲ ସୁଦ୍ଧା କରିବାକୁ ସରକାରଙ୍କର ପ୍ରତିବଦ୍ଧତାକୁ ଶ୍ରୀ ପ୍ରଧାନ ଦୋହରାଇଛନ୍ତି। କାର୍ଯ୍ୟକ୍ରମରେ ସେଣ୍ଟର୍ ଫର ସାଇନ୍ସ ଏଣ୍ଡ ଏନଭାର୍ନମେଣ୍ଟ (ସିଏସଇ)ର ମହାନିର୍ଦ୍ଦେଶକ ସୁନୀତା ନାରାୟଣ ଓ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ତଥା ତୈଳ ରାଷ୍ଟ୍ରାୟତ ଉଦ୍ୟୋଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# କୋଟିଆ ବିକାଶ ପାଇଁ ୧୫୦ କୋଟିର ପ୍ୟାକେଜ୍

**ଭୁବନେଶ୍ୱର :** ଆନ୍ଧ୍ରର ଅନୁପ୍ରବେଶ ପରେ କୋଟିଆ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କୋରାପୁଟ ଜିଲ୍ଲା ଅନ୍ତର୍ଗତ ସମ୍ପୃକ୍ତ ପଞ୍ଚାୟତର ବିକାଶ ପାଇଁ ରାଜ୍ୟ ସରକାର ଦେଢ଼ଶହ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହା କହିଛନ୍ତି। କୋଟିଆ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ଅଗ୍ରଗତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ପରେ ସେ ଏହା କହିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପୃକ୍ତ ଅଞ୍ଚଳର ବିକାଶ ପାଇଁ ଗଠିତ ଇଣ୍ଟର୍ ଡିପାର୍ଟମେଣ୍ଟାଲ୍ କମିଟିର ପ୍ରସ୍ତାବଗୁଡ଼ିକୁ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ତଦନୁସାରେ ଆଗାମୀ ଏକବର୍ଷ ମଧ୍ୟରେ କୋଟିଆ ଅଞ୍ଚଳରେ ଆଖିଦୃଶିଆ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ ଠାକୁରଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଆନ୍ତଃବିଭାଗୀୟ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ସରକାରୀ ଅନୁଦାନ ମାଧ୍ୟମରେ ସମ୍ପୃକ୍ତ ଅଞ୍ଚଳର ବିକାଶ ସହିତ ଲୋକମାନଙ୍କ ପାଇଁ କର୍ମସଂସ୍ଥାନ ନେଇ ତା’ର ରିପୋର୍ଟ ଦେଇଥିଲା। ସେହି ଅନୁସାରେ ଜିଲ୍ଲା ପ୍ରଶାସନ ତରଫରୁ କୋଟିଆ ଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ ନିମନ୍ତେ କମ୍ପ୍ଲେକ୍ସ ନିର୍ମାଣ ସହିତ କର୍ମଚାରୀମାନଙ୍କ ରହିବା ପାଇଁ ଗୃହନିର୍ମାଣ କରାଯିବା ପାଇଁ ବିଭାଗ ପକ୍ଷରୁ ଖସଡ଼ା ପ୍ରସ୍ତୁତ କରାଯାଇଛି। ସେହିପରି କୋଟିଆ ଠାରେ ପ୍ରସ୍ତାବିତ ଥାନାଗୃହ ନିର୍ମାଣ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଏକମାସ ମଧ୍ୟରେ ଆବଶ୍ୟକ ଜମି ଯୋଗାଇ ଦିଆଯିବ। ଗୃହ ବିଭାଗ ସମ୍ପୃକ୍ତ ଅଞ୍ଚଳରେ ବର୍ଷେ ମଧ୍ୟରେ ଥାନା କାର୍ଯ୍ୟକ୍ଷମ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେଠାରେ ଥିବା ଆବାସିକ ସେବାଶ୍ରମ ସ୍କୁଲଗୁଡ଼ିକୁ ଉଚ୍ଚ ବିଦ୍ୟାଳୟରେ ଉନ୍ନୀତ କରାଯିବା ସହିତ ୩୦୦ ଶଯ୍ୟାବିଶିଷ୍ଟ ଅନୁସୂଚିତ ଜନଜାତି ବାଳକ ଓ ୨୦୦ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ବାଳିକା ଛାତ୍ରାବାସ ନିର୍ମାଣ ପାଇଁ ପଦକ୍ଷେପ ଆରମ୍ଭ କରାଯାଇଛି। ସେଠାରେ ଥିବା ୨୮ଟି ଗାଁ ମଧ୍ୟରେ ରାସ୍ତା ସଂଯୋଗୀକରଣ ପାଇଁ ୨୮ କୋଟି ଟଙ୍କା ବ୍ୟୟ କରାଯିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଉକ୍ତ ରାସ୍ତା ନିର୍ମାଣ କରାଯିବ। ଏହାସହିତ ଅଗ୍ରାଧିକାର ଭିତ୍ତିରେ ସେତୁ ନିର୍ମାଣ କରାଯାଇ ୯ଟି ଗାଁକୁ ସଂଯୋଗ କରାଯିବ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇସାରିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପୃକ୍ତ ପଞ୍ଚାୟତରେ ୧୩ଟି ୱାର୍ଡମେମ୍ବର ମଧ୍ୟରୁ ଖାଲିଥିବା ୬ଟିରୁ ୫ଟି ୱାର୍ଡମେମ୍ବର ପଦବୀ ପୂରଣ କରାଯାଇଛି। ସେଠାରେ ଉନ୍ନତ ମୋବାଇଲ୍ ସେବା ଯୋଗାଇ ଦେବାପାଇଁ ଟାୱାର ନିର୍ମାଣ ଲାଗି ବିଏସଏନଏଲ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି। ଏଥିପାଇଁ ବିଭିନ୍ନ ଆନୁଷଙ୍ଗିକ ସୁବିଧା ରାଜ୍ୟ ସରକାର ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଲିଡ୍ ବ୍ୟାଙ୍କ କୋରାପୁଟ୍ ପକ୍ଷରୁ କୋଟିଆ ଠାରେ ଶାଖା ଖୋଲାଯିବ। ଆସନ୍ତା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ସାଉଥକୋ ପକ୍ଷରୁ ସମସ୍ତ ଗ୍ରାମକୁ ବିଜୁଳୀ ସଂଯୋଗ କରାଯିବା ସହିତ ଗ୍ରାମପଞ୍ଚାୟତ ମୁଖ୍ୟାଳୟ ଠାରେ ହାଇମାଷ୍ଟ ଆଲୋକ ବ୍ୟବସ୍ଥା କରାଯିବ ବୋଲି ବୈଠକ ପରେ ସୂଚନା ଦିଆଯାଇଛି। ସେହିପରି ଆଧାର ପଞ୍ଜୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ହାଟ, ଶିକ୍ଷାନୁଷ୍ଠାନ ଓ ଖେଳପଡ଼ିଆ ନିମନ୍ତେ ସରକାରୀ ଜାଗା ଚିହ୍ନଟ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଞ୍ଚଳରେ ନିୟମିତ ଜନସମ୍ପର୍କ ଶିବିର ଆୟୋଜନ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି।

# ଅନୁପ୍ରବେଶକାରୀଙ୍କୁ କାହିଁକି ଅନୁକମ୍ପା !

**କେନ୍ଦ୍ରାପଡ଼ା :** ଅନୁପ୍ରବେଶକାରୀଙ୍କୁ ନେଇ ସରକାରଙ୍କ ମୁଣ୍ଡ ବ୍ୟଥା ହେଉଥିବା ବେଳେ, ଅନୁପ୍ରବେଶ ରୋକିବା ପାଇଁ ତଟବାହିନୀଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ଏହି ଅନୁପ୍ରବେଶ ଦିନକୁ ଦିନ କମିବା ଅପେକ୍ଷା ବୃଦ୍ଧି ପାଉଛି। ଅନ୍ୟଦେଶ ଅପେକ୍ଷା ଭାରତକୁ ସେମାନେ ନିରାପଦ ମଣୁଛନ୍ତି। ଏହା ଦ୍ୱାରା ସେମାନେ ବଂଚିବାପାଇଁ ଛୋଟ ଛୋଟ ଅପରାଧ କରିବାକୁ ପଛାଉନାହାନ୍ତି। ସେମାନଙ୍କୁ ଦେଶରୁ ବିତାଡ଼ିତ କରିବା ବଦଳରେ କେତେକ ନେତା ଭୋଟ ପାଇବା ଆଶାରେ ତାଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ବିଲ୍ ପାରିତ କରୁଥିବାର ଜାଣିବାକୁ ମିଳିଛି। ତେବେ ଉପକୂଳବର୍ତ୍ତି କିଛି ପଚାଂୟତରେ ଦୀର୍ଘ ଦିନହେବ ବାସ କରିଆସୁଥିବା ବଙ୍ଗୀୟମାନଙ୍କୁ ଜମି ମାଲିକାନୀ ପ୍ରଦାନ ସରକାର ଘୋଷଣା କରିଛନ୍ତି। ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅଧିନ ବଙ୍ଗୋପସାଗର କୂଳରେ ଥିବା ବତୀଘର, ଖରନାସୀ, ରାମନଗର, ପେଟଛେଲା, ଜମ୍ବୁ ସୁନିତୀ ଓ ଗୋଗୁଆ ଆଦି ପଚାଂୟତରେ ଦିର୍ଘଦିନ ଧରି ବାସକରି ଆସୁଥିବା ବଙ୍ଗୀୟ ମାନଙ୍କୁ ସ୍ଥାନୀୟ ଶାସକ ଦଳର ନେତାଙ୍କ ଦ୍ୱାରା ସ୍ଥାୟୀ ପଟ୍ଟା ପ୍ରାପ୍ତ ହୋଇଛି। ଗତ ୨୦୧୪ ମସିହା ଠାରୁ ରାଜ୍ୟ ସରକାର ଖଜଣା ବନ୍ଦ କରିଥିବା ବେଳେ ଏବେ କିନ୍ତୁ ଭୋଟ ପାଇବା ଆଶାରେ ପୁନଃ ଚାଲୁ କରିବାପାଇଁ ଘୋଷଣା କରିଛନ୍ତି। ଖରନାସୀଠାରେ ଆୟୋଜିତ ଏକ ସଭାରେ ବିଧାୟକ ଅତନୁ ସାବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ କାହ୍ନୁଚରଣ ଧୀର, ଡ଼ିଆରଡ଼ିଏ ସରକାରୀ ପ୍ରକଳ୍ପ ନିର୍ଦ୍ଦେଶକ ସଂଜୟ ମିଶ୍ର, ସ୍ଥାନୀୟ ତହସିଲଦାର ନୀଳମାଧବ ଭୋଇ ପ୍ରମୁଖ ଯୋଗଦେଇ ଖଜଣା ଆଦାୟ ପୁର୍ନବାର ଆରମ୍ଭ କରିଥିଲେ। ଯଦ୍ୱାରା କି ସେମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଦାରିଦ୍ର ଦୁରିକରଣ ଯୋଜନାରେ ସମିଲ ହୋଇପାରିବେ। ବନ୍ଦ ହୋଇଥିବା ଯୋଜନା ପୁଣି କାର୍ଯ୍ୟକାରୀ କରିବା ଅର୍ଥ ସରକାରଙ୍କର ସ୍ୱାର୍ଥ ନିହିତ। ଶଙ୍ଖ ଧ୍ୱନି ଦିନକୁ ଦିନ କମି ଆସୁଥିବା ବେଳେ ଭୋଟ ହାତେଇବା ଏହା ଏକ ପ୍ରୟାସ ବୋଲି ଶୁଣିବାକୁ ମିଳେ।

### ରାଜ୍ୟରେ ଆଇଏଏସ୍ ଅଧିକାରୀଙ୍କ ଅଭାବ

# କେନ୍ଦ୍ରୀୟ ଡେପୁଟେସନ୍ ବନ୍ଦ

**ଭୁବନେଶ୍ୱର :** ଚଳିତ ବର୍ଷ ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଫିସରମାନେ କେନ୍ଦ୍ରୀୟ ବା ଆନ୍ତଃରାଜ୍ୟ ଡେପୁଟେସନ୍ ପାଇଁ ଆବେଦନ କରିପାରିବେ ନାହିଁ। ଏନେଇ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବର୍ତ୍ତମାନ ବହୁ ଆଇଏଏସ୍ ଅଫିସର କେନ୍ଦ୍ରୀୟ ଡେପୁଟେସନରେ ଥିବା କାରଣରୁ ରାଜ୍ୟରେ ଅଫିସର୍ ସଙ୍କଟ ଦେଖାଦେଇଛି। ତେଣୁ ଜଣେ ଅଫିସରଙ୍କୁ ଏକାଧିକ ଦାୟିତ୍ୱ ନିର୍ବାହ କରିବାକୁ ପଡୁଛି। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ତଦାରଖ ପାଇଁ ଅଫିସରମାନଙ୍କ ଆବଶ୍ୟକତା ଥିବାରୁ ରାଜ୍ୟ ସରକାର ସେମାନଙ୍କୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ଏହି କାରଣରୁ କେନ୍ଦ୍ରୀୟ ଡେପୁଟେସନ୍ ପାଇଁ ଆବେଦନ କରିଥିବା ୫ ଜଣ ଆଇଏଏସ୍ ଅଧିକାରୀ ଏବଂ ଆନ୍ତଃରାଜ୍ୟ ଡେପୁଟେସନ ପାଇଁ ଆବେଦନ କରିଥିବା ଜଣେ ଆଇଏଏସ୍‌ଙ୍କୁ ନିରାଶ ହେବାକୁ ପଡ଼ିଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ବର୍ତ୍ତମାନ ଓଡ଼ିଶା କ୍ୟାଡର୍‌ର ୩୧ ଜଣ ଆଇଏଏସ୍ ଅଧିକାରୀ ରାଜ୍ୟ ବାହାରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୪ କେନ୍ଦ୍ରୀୟ ଡେପୁଟେସନ୍‌ରେ ଥିବା ବେଳେ ଦୁଇଜଣ ବିହାର ଏବଂ ହରିଆଣାରେ ଡେପୁଟେସନରେ ରହିଛନ୍ତି। ୩ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀ ଦିଲ୍ଲୀରେ ଥିବା ରାଜ୍ୟ ସରକାରଙ୍କ ଆବାସିକ ଆୟୁକ୍ତ(ରେସିଡେଣ୍ଟ୍ କମିଶନର୍) ଅଫିସରେ ରହିଛନ୍ତି। ଅନ୍ୟ ୪ ଜଣ ୨୦୧୬ ମସିହାର ଓଡ଼ିଶା କ୍ୟାଡର ଅଫିସର ମସୌରୀ ସ୍ଥିତ ଆଇଏଏସ୍ ଏକାଡେମୀରେ ଏବେ ବି ଟ୍ରେନିଂ ନେଉଛନ୍ତି। ବରିଷ୍ଠ ଆଇଏଏସ୍ ଅଫିସର ଆଇ ଶ୍ରୀନିବାସ୍, ଅରୁଣ ପଣ୍ଡା, ଏଆର୍ ଦଲୱାଇ, ୟୁପି ସିଂହ, ଏସ୍ ଏନ୍ ତ୍ରିପାଠୀ, ନିକୁଞ୍ଜ କିଶୋର ସୁନ୍ଦରରାୟ, ପରାଗ ଗୁପ୍ତା, ମନୋଜ ଆହୁଜା, ଆରତି ଆହୁଜା, ଅନୁ ଗର୍ଗ, ସୌରଭ ଗର୍ଗ, ସତ୍ୟବ୍ରତ ସାହୁ, ସଞ୍ଜୟ ରସ୍ତୋଗୀ, ସନ୍ତୋଷ କୁମାର ଷଡ଼ଙ୍ଗୀ, ଅପରାଜିତା ଷଡ଼ଙ୍ଗୀ, ସୁଶୀଲ୍ କୁମାର ଲୋହାନୀ, ଅରବିନ୍ଦ ପାଢ଼ୀ, ଉଷା ପାଢ଼ୀ, ସୁରେଶ କୁମାର ବଶିଷ୍ଠ, ଆର୍ ସନ୍ତୁଗୋପାଳନ୍, ଦେବଜାନୀ ଚକ୍ରବର୍ତ୍ତୀ ଏବଂ ଏମ୍ ଅଶ୍ୱସ୍ଥୀ କେନ୍ଦ୍ରୀୟ ଡେପୁଟେସନରେ ରହିଛନ୍ତି। ସେହିପରି ୨୦୦୦ ବ୍ୟାଚ୍ ଆଇଏଏସ୍ ଅଫିସର ମନିଷ କୁମାର ବର୍ମା ଆନ୍ତଃରାଜ୍ୟ ଡେପୁଟେସନରେ ବିହାର, ପୁର୍ଣ୍ଣିଆ ଜିଲ୍ଲାରେ ଅବସ୍ଥାପିତ ହୋଇଥିବା ବେଳେ ୨୦୦୯ ବ୍ୟାଚର ଗୌରୀ ପରାଶର ହରିଆଣାରେ ଅବସ୍ଥାପିତ ହୋଇଛନ୍ତି। ଡିପାର୍ଟମେଣ୍ଟ ଅଫ୍ ପର୍ସନେଲ୍ ଆଣ୍ଡ ଟ୍ରେନିଂ(ଡିଓପିଟି) ଗାଇଡଲାଇନ୍ ଅନୁସାରେ ରାଜ୍ୟର ସମୁଦାୟ ଆଇଏଏସ୍ ଅଫିସର ସଂଖ୍ୟା ୨୨୬ ହୋଇଥିବା ବେଳେ ଏଥିରୁ ସର୍ବାଧିକ ୪୯ ଜଣ ଆଇଏଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେସନରେ ଯାଇପାରିବେ। ଏହି ନିର୍ଦ୍ଧାରିତ ହାରର ୬୩ ପ୍ରତିଶତ ଆଇଏଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେସନରେ ଯାଇସାରିଛନ୍ତି। ପଶ୍ଚିମବଙ୍ଗ, କେରଳ ଓ ମହାରାଷ୍ଟ୍ର ଭଳି ରାଜ୍ୟରେ ଗାଇଡଲାଇନ୍ ଅନୁସାରେ ନିର୍ଦ୍ଧାରିତ ସଂଖ୍ୟାଠାରୁ ୫୦ ପ୍ରତିଶତରୁ ବି କମ୍ ଅଫିସର କେନ୍ଦ୍ରୀୟ ଡେପୁଟେସନ୍‌ରେ ଅଛନ୍ତି। ସେହିଦୃଷ୍ଟିରୁ କିଛି ଆଇଏଏସ୍ ଅଫିସରଙ୍କୁ ନିଜ ମୂଳ କ୍ୟାଡର୍‌କୁ ଫେରାଇଦେବା ଲାଗି ନିକଟରେ ରାଜ୍ୟ ସରକାର ଡିଓପିଟିକୁ ଚିଠି ଲେଖିଛନ୍ତି।



କେନ୍ଦ୍ରାପଡ଼ା ମହାକାଳପଡ଼ା ତହସିଲ ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ୍ ଭାବେ ମାଟି ଓ ବାଲି ଚାଲାଣ ହେଉଥିଲା ବେଳେ ସ୍ଥାନୀୟ ତହସିଲଦାର ନିରବ ରହିଥିଲେ। କିନ୍ତୁ ପରିବହନ ବିଭାଗ ନିଜ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କରି ତିନୋଟି ମାଟି ବୋଝେଇ ହାଇୱାକୁ ଜବତ କରିଛନ୍ତି। କେନ୍ଦ୍ରାପଡ଼ା ଆରଟିଓ ଏହି ଗାଡି ଗୁଡିକୁ ଅଟକ ରଖିଥିବା ଜଣାପଡିଛି।

# ଜଗମୋହନ କେବେ ଖୋଲିବ ଜଣାଅ : ହାଇକୋର୍ଟ

**କଟକ :** ଜଗମୋହନ ମରାମତି ସମ୍ପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟ କେତେ ତାରିଖ ସୁଦ୍ଧା ଜଗମୋହନ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଖୋଲିବ ସେ ସମ୍ପର୍କରେ ସତ୍ୟପାଠ ମାଧ୍ୟମରେ ତଥ୍ୟ ପ୍ରଦାନ କରିବାକୁ ମୁଖ୍ୟ ବିଚାରପତି ଜଷ୍ଟିସ୍ ବିନୀତ୍ ଶରନ୍ ଓ ଜଷ୍ଟିସ୍ ଡ. ବିଆର୍ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ନାଟମଣ୍ଡପର ମରାମତି ପାଇଁ ଜଗମୋହନ ଭକ୍ତଙ୍କ ପାଇଁ ଖୋଲାଯିବା ଉଚିତ୍ ଏବଂ ଏହା ମଧ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର କରାଯିବା ଆବଶ୍ୟକ। ଜଗମୋହନ ନ ଖୋଲିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆଉ ବାହାନା ନ ନେଉ। ଏଣୁ କେବେ ସୁଦ୍ଧା ଜଗମୋହନ ସାଧାରଣ ଭକ୍ତଙ୍କ ପାଇଁ ଖୋଲାଯିବ ସେ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଆସନ୍ତା ୧୦ ତାରିଖ ପୂର୍ବରୁ ଲିଖିତ ଭାବେ ଅଦାଲତଙ୍କୁ ଅବଗତ କରାଇବାକୁ ଖଣ୍ଡପୀଠ ମାମଲାର ଶୁଣାଣି କରି ରୋକ୍‌ଠୋକ୍ କହିଛନ୍ତି। କିପରି ସାଧାରଣ ଭକ୍ତ ଜଗମୋହନ ଦର୍ଶନ କରିପାରିବେ ତାହା ମନ୍ଦିର ପ୍ରଶାସନର ନିଷ୍ପତ୍ତି ଉପରେ ନିର୍ଭର କରୁଛି ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଆଜି ମାମଲାର ଶୁଣାଣିବେଳେ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ପ୍ରଦୀପ କୁମାର ଜେନାଙ୍କ ପକ୍ଷରୁ ଅଦାଲତରେ ସତ୍ୟପାଠ ଦାଖଲ କରାଯାଇଥିଲା। ଅଦାଲତଙ୍କ ପୂର୍ବ ନିର୍ଦ୍ଦେଶ ଆଧାରରେ ଏହି ସତ୍ୟପାଠ ଦାଖଲ କରାଯାଇଛି ବୋଲି ଏଥିରେ ଦର୍ଶାଯାଇଛି। କୁହାଯାଇଛି, ଗତ ମାର୍ଚ୍ଚ ୨୦ ତାରିଖରେ ଜଗମୋହନ ସର୍ବସାଧାରଣ ଭକ୍ତଙ୍କ ପାଇଁ ଖୋଲିବା ସମ୍ପର୍କରେ ଗଠିତ ମ୍ୟାନେଜିଂ କମିଟିରେ ଆଲୋଚନା ହୋଇଛି। ଏଥିରେ ନିଷ୍ପତ୍ତି ହୋଇଛି ଯେ ଭକ୍ତମାନେ ଜୟ ବିଜୟ ଦ୍ୱାର ଦେଇ ଜଗମୋହନ ଓ ନାଟମଣ୍ଡପ ଯାଇପାରିବେ। ତେବେ ଜୟ ବିଜୟ ଦ୍ୱାରରୁ ପଥର ଖସୁଥିବାରୁ ଏହାର ତୁରନ୍ତ ମରାମତି ଆବଶ୍ୟକ। ଏଥିପାଇଁ ୧୮୦ ଦିନ ସମୟର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଆସନ୍ତା ୧୮ ତାରିଖ ଅକ୍ଷୟ ତୃତୀୟାରୁ ମହାପ୍ରଭୁଙ୍କ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ବିଭିନ୍ନ ପ୍ରସ୍ତୁତି ଓ କାର୍ଯ୍ୟ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ନାଟମଣ୍ଡପକୁ ଏହାର ମରାମତି ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ୯୦ ଦିନ ପାଇଁ ହସ୍ତାନ୍ତର କରିବା ସମ୍ଭବପର ନୁହେଁ। ଏଣୁ ୨୦୧୮ ରଥଯାତ୍ରା ଶେଷ ପରେ ଏହା ସମ୍ଭବ ବୋଲି ଦାଖଲ ସତ୍ୟପାଠରେ କୁହାଯାଇଛି।

### ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଆସିବ ସଂସ୍କାର

# ମାର୍କ ଅନୁସାରେ ନୁହେଁ, ସାକ୍ଷାତକାର ମାଧ୍ୟମରେ ଶିକ୍ଷକ ନିଯୁକ୍ତି

**ଭୁବନେଶ୍ୱର :** ଏଣିକି ଛାତ୍ର ଓ ଶିକ୍ଷକ ଅନୁପାତ ୧୦:୧ ରଖିବା ପାଇଁ ନିଷ୍ପତି ହୋଇଛି। ସେହିପରି ଶିକ୍ଷକ ମାନଙ୍କୁ ଏଣିକି ମାର୍କ ଭିତିରେ ନିଯୁକ୍ତି ଦିଆନଯାଇ ପ୍ରତିଯୋଗିତାମୂଳକ ପରୀକ୍ଷା ଓ ସାକ୍ଷାତକାର ମାଧ୍ୟମରେ ନିଯୁକ୍ତି ଦେବାପାଇଁ ରାଜ୍ୟ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ପ୍ରଦୀପ ମହାପାତ୍ର କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ସହିତ ରାଜ୍ୟ ସରକାର ଗତ ମାସରେ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣି ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ନେଇ ଏମଓୟୁ ହୋଇଥିଲା। ୨୪ ମାସ ମଧ୍ୟରେ ଏହା କାର୍ଯ୍ୟକାରୀ ହେବାର ଥିଲା। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକମାନର ଶିକ୍ଷା ପ୍ରଦାନ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୧୫ଟି ସଂସ୍କାରମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ୧୦୦ ମିଟର ମଧ୍ୟରେ ଥିବା ସରକାରୀ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ବିଦ୍ୟାଳୟକୁ ଗୋଟିଏ କ୍ୟାମ୍ପସ୍ ମଧ୍ୟରେ ରଖାଯିବ। ସେଥିରେ ଜଣେ ପ୍ରଧାନଶିକ୍ଷକ ରହିବେ। ଏହିଭଳି ୪ହଜାର ସ୍କୁଲ ଚିହ୍ନଟ କରାଯାଇଛି। ଏହାକୁ ୨ହଜାରକୁ ଖସାଇବାକୁ ସ୍ଥିର ହୋଇଛି। ବଳକା ବିଦ୍ୟାଳୟର ଶିକ୍ଷକ ଓ ପ୍ରଧାନଶିକ୍ଷକ ମନଙ୍କୁ ଶିକ୍ଷକ ନଥିବା ସ୍କୁଲକୁ ସ୍ଥାନାନ୍ତର କରାଯିବ। ବିଭିନ୍ନ ଷ୍ଟାଫ୍ ସିଲେକସନ୍ ମାଧ୍ୟମରେ ପ୍ରାଥମିକ ଶିକ୍ଷକ ନିଯୁକ୍ତି କରାଯିବ। ସେହିପରି ଟିଜିଟି ମାନଙ୍କୁ ଓପିଏସସି ମାଧ୍ୟମରେ ନିଯୁକ୍ତି ଦିଆଯିବ। ଗୁଣାତ୍ମକ ଶିକ୍ଷା ପାଇଁ ୧ ଲକ୍ଷ ୭୫ ହଜାର ଶିକ୍ଷକଙ୍କୁ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରାଯିବ। ସେହିପରି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ୩ ଟି ଯୋଜନା ଉଜ୍ଜ୍ୱଳା, ଉତଥାନ୍ ଓ ଉତ୍କର୍ଷ ଉପରେ ଗୁରୁତ୍ୱ ଦେବା ପାଇଁ ସ୍ଥିର ହୋଇଛି। ଉଜ୍ଜଳା ଯୋଜନାରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ରହିବ। ଓଡିଆ, ଗଣିତ ଓ ଇଂରାଜୀ ବିଷୟ ଉପରେ ଗୁରୁତ୍ୱ ଦିଆଯିବ। ଉତଥାନ ଯୋଜନା ୬ଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଲାଗୁ ହେବ। ଓଡିଆ, ଗଣିତ, ବିଜ୍ଞାନ, ଇଂରାଜୀ ଉପରେ ଏହି ଯୋଜନାରେ ଗୁରୁତ୍ୱ ଦିଆଯିବ। ଏହା ବ୍ୟତୀତ ୯ମରୁ ୧୦ମ ପର୍ଯ୍ୟନ୍ତ ଉତ୍କର୍ଷ ଯୋଜନାରେ ଓଡିଆ, ବିଜ୍ଞାନ, ଗଣିତ, ଇଂରାଜୀ ବିଷୟ ଉପରେ ଗୁରୁତ୍ୱ ଦିଆଯିବ। ଏଣିକି ଶିକ୍ଷକ ମାନଙ୍କ ବଦଳିକୁ ଅନଲାଇନ୍ କରାଯିବ। ଶିକ୍ଷକ ମାନେ ଅନଲାଇନ୍ ରେ ଆବେଦନ କରିପାରିବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଥିବା ୬୪ ହଜାର ମାମଲା ବିଭିନ୍ନ କୋର୍ଟରେ ବିଚାରଧୀନ ରହିଛି। ଏଗୁଡିକର ସମାଧାନ ପାଇଁ ଇଂଟର ଲିଟିଗେସନ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ପ୍ରଚଳନ କରାଯିବ। ଏକ ପ୍ରଶ୍ନର ଉତର ଦେଇ ଶ୍ରୀ ମହାପାତ୍ର କହିଥିଲେ ଯେ ବର୍ତ୍ତମାନ ଏହି ବିଭାଗରେ ୧୪ଟି ନିର୍ଦ୍ଦେଶକ ପଦବୀ ରହିଛି। ଏହାକୁ ୭ କୁ ହ୍ରାସ କରିବାକୁ ସ୍ଥିର ହୋଇଛି। ଜିଲ୍ଲାସ୍ତରରେ ଥିବା ଡିଇଓ ଓ ଡିପିସି କୁ ମିଶ୍ରଣ କରାଯିବ। କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ ନିଷ୍ପତି ଅନୁଯାୟୀ ଓପେପା ଏବଂ ରାମସାକୁ ମଧ୍ୟ ମିଶାଯାଇ ଓସେପା କରାଯିବ ବୋଲି ସେ କହିଛନ୍ତି।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୯ ଏପ୍ରିଲ - ୧୫ ଏପ୍ରିଲ, ୨୦୧୮


# ବିକାଶର ଭିନ୍ନ ପରିଭାଷା

**ଭା**ରତ ଭଳି ବିକାଶଶୀଳ ରାଷ୍ଟ୍ର ଓ ବିଶ୍ୱରେ ବିକଶିତ ରାଷ୍ଟ୍ର ସମୂହଙ୍କ ସାମାଜିକ ବ୍ୟବସ୍ଥା ଭିତରେ ଅନେକ ପାର୍ଥକ୍ୟ ଦେଖାଯାଏ। ବିକଶିତ ରାଷ୍ଟ୍ରରେ ନାଗରିକମାନଙ୍କର ସମସ୍ତ ପ୍ରକାର ଦାୟିତ୍ୱ ନିଜ ସରକାର ବା ପ୍ରଶାସନ ଉପରେ ନ୍ୟସ୍ତ ଥିଲା ବେଳେ ବିକାଶଶୀଳ ଓ ଅର୍ଦ୍ଧବିକଶିତ ରାଷ୍ଟ୍ର ଗୁଡିକରେ ଏଥିରେ ତାରତମ୍ୟ ଢେର ଅଧିକ ବୋଲି ଜଣାପଡେ। ଯେଉଁ ଦେଶରେ ଶିଶୁର ଜନ୍ମଠାରୁ ମୃତ୍ୟୁର ବ୍ୟବଧାନ ଭିତରେ ତା' ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତିକୁ ପ୍ରାଧାନ୍ୟ ଦିଆଯାଇଥାଏ। ତେଣୁ ଏସବୁ କ୍ଷେତ୍ରକୁ ପ୍ରାଧାନ୍ୟ ଦେଉଥିବା ଦେଶ ସେହି ଦେଶର ଲୋକଙ୍କ ଦୃଷ୍ଟିରେ ଏକ ଭଲ ସରକାର। ବ୍ୟବସ୍ଥାରେ ନାଗରିକଙ୍କ ପାଇଁ ସବୁପ୍ରକାର ସୁବିଧା ସୁଯୋଗ ରହିଥିବାରୁ ସମ୍ପୃକ୍ତ ଦେଶର ନାଗରିକମାନେ ଅଧିକ କର୍ମଠ, ଚଳଚଞ୍ଚଳ ଓ ବିଦ୍ୱାନ ହେବା ସହିତ ନିଜ ଦେଶର ହିତ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବା ସହିତ ନିଜ ପାଇଁ ଭବିଷ୍ୟତ ଗଢ଼ିତୋଳିଥାନ୍ତି। ତେଣୁ ଜନପ୍ରିୟ ସରକାରଙ୍କ ଏତାଦୃଶ କାର୍ଯ୍ୟର ସୁଦୂରପ୍ରସାରୀ ପ୍ରଭାବ ବିଶ୍ୱର କୋଣ ଅନୁକୋଣରେ ଉଦାହରଣ ସୃଷ୍ଟିକରେ। କିନ୍ତୁ ଯେଉଁ ରାଷ୍ଟ୍ରରେ ରାଜନୈତିକ ଉଦ୍ଦେଶ୍ୟ ରଖି ବିକାଶକୁ ପୁଞ୍ଜି ଭାବେ ଗ୍ରହଣ କରାଯାଏ ସେ ଦେଶରେ ବିକାଶ ଏକ ପ୍ରତୀକାତ୍ମକ ଚିତ୍ର ଭାବେ ଦୂରରୁ ଦିଶୁଥିଲେ ବି ବାସ୍ତବରେ ସେହିଭଳି ଆଖିଦୃଶିଆ କିଛି ଉନ୍ନତି ଦେଖିବାକୁ ମିଳିନଥାଏ। ଯେଉଁଠି ଦେଶର ବିକାଶ ଜନସାଧାରଣଙ୍କ ଟିକସ ଉପରେ ନିର୍ଭରଶୀଳ। ଏହି ଟିକସରୁ ଆଦାୟ ହେଉଥିବା ଅର୍ଥ ସାଧାରଣ ଲୋକଙ୍କ ସ୍ୱାର୍ଥ ଅପେକ୍ଷା ସରକାରୀ କର୍ମଚାରୀ ଏବଂ ରାଜନେତାଙ୍କ ବିଳାସବ୍ୟସନ ପାଇଁ ଖର୍ଚ୍ଚ ହୋଇଥାଏ ସେଠାରେ ବିକାଶ ବା ହେବ କେମିତି? ଏଭଳି ବ୍ୟବସ୍ଥା ଥିବା ଦେଶମାନଙ୍କରେ ନାଗରିକମାନେ ଅଧିକ ପ୍ରତିହିଂସା ପରାୟଣ ହେବା ସହିତ ବିରୋଧାତ୍ମକ ପନ୍ଥା ବାଛିନେବାକୁ ବାଧ ହୋଇଥାନ୍ତି। ଉଦାହରଣ ସ୍ୱରୂପ ପରାଧିନ ଭାରତବର୍ଷ ଓ ସ୍ୱାଧୀନ ଭାରତର ଅତୀତ, ବର୍ତ୍ତମାନକୁ ନେଇ ଅନୁଶୀଳନ କଲେ ଏଭଳି କିଛି ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ। ଆମ ଦେଶରେ ରାଜକୋଷରୁ ଖର୍ଚ୍ଚ ହେଉଥିବା ଅର୍ଥ ସଠିକ୍ ଢଙ୍ଗରେ ପରିଚାଳିତ ନହେବା ଦ୍ୱାରା ଅଧିକ ଅର୍ଥ ବାଟମାରଣା ହୁଏ ସିନା ସାଧାରଣ ଲୋକଙ୍କ ସ୍ୱାର୍ଥସାଧନ କରିପାରେ ନାହିଁ।

ଯାହା ଜଣାଯାଏ ଆମ ଦେଶର ପ୍ରତ୍ୟେକ କ୍ଷେତ୍ରରେ ଧନୀମାନଙ୍କ ପ୍ରଭାବ ଅଧିକ ମାତ୍ରାରେ ଦେଖିବାକୁ ମିଳୁଥିଲା ବେଳେ ଗରିବମାନେ ପୂର୍ବଭଳି ଶୋଷିତ ଓ ଲାଞ୍ଛିତ ହେଉଛନ୍ତି। ବ୍ୟବସ୍ଥାରେ ରହିଥିବା ତାରତମ୍ୟ ଯୋଗୁଁ ସମାଜରେ ନାଗରିକମାନଙ୍କ ଭିତରେ ସମାନତା ଦେଖାଯାଏନାହିଁ। ଯାହାକି ସମାଜବାଦ ପ୍ରତିଷ୍ଠା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରେ। ଏହାର କୁଫଳ ଭୋଗ କରନ୍ତି ଦେଶର ଜନସାଧାରଣ। ଶାସକମାନଙ୍କ କ୍ଷେତ୍ରରେ ଏହା ଏକ ରାଜନୈତିକ ପ୍ରସଙ୍ଗ ପାଲଟେ ସିନା ଏଥିରେ ଲୋକଙ୍କ ସ୍ୱାର୍ଥ ପାଇଁ ବିଶେଷ କିଛି ହୋଇନଥାଏ।

ମଞ୍ଜୁକଥା



ତାରକ ମହାନ୍ତି

ଯେଉଁ ଦେଶମାନଙ୍କରେ ରାଜନେତାମାନେ ରାଷ୍ଟ୍ରର ହିତ ପାଇଁ କାର୍ଯ୍ୟ କରିବା ବଦଳରେ ଦଳ କିମ୍ବା ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପାଇଁ ଅଧିକ ଚିନ୍ତା କରନ୍ତି ସେଠାରେ ବିକାଶ ଭିନ୍ନ ଭାବେ ପ୍ରତିଫଳିତ ହୋଇଥାଏ। ଏ କ୍ଷେତ୍ରରେ ଭାରତୀୟ ରାଜନୈତିକ ଦଳମାନେ ସର୍ବଦା ଦେଶର ନାଗରିକଙ୍କୁ କେବଳ ଭୋଟର ଭାବେ ଗ୍ରହଣ କରି ସେମାନଙ୍କୁ ପ୍ରତିଶ୍ରୁତିରେ ପୋତି ପକାନ୍ତି ହେଲେ ବାସ୍ତବ କ୍ଷେତ୍ରରେ ଲୋକଙ୍କ ବିକାଶ ପାଇଁ କାହା ହୃଦୟ କାନ୍ଦୁନଥାଏ। ରାଜନୀତି ମଇଦାନରେ ବିକାଶ ଏକ ଥୋପ ଭଳି କାର୍ଯ୍ୟ କରେ। ଏଥିରେ ପ୍ରଭାବିତ ହୋଇ ନିରୀହ ଭୋଟରମାନେ ଭାସିଯିବା ଫଳରେ ଚିତ୍ରରେ ବିକାଶକୁ ଦେଖି ଆଶ୍ଚର୍ଯ୍ୟ ହେବା ବ୍ୟତିରେକ ତାଙ୍କ ପାଖରେ ଆଉକିଛି ଚାରା ନଥାଏ। ନିଜର ସାମ୍ବିଧାନିକ ଅଧିକାର ଏବଂ ନିଜ ପାଇଁ ଥିବା ମୌଳିକ ସୁବିଧା ସୁଯୋଗ ଯେ ହାତଛଡା ହୋଇଯାଉଛି ଏକଥା ବୁଝିବାକୁ କେହି ଆଗ୍ରହ ପ୍ରକାଶ କରିନଥାନ୍ତି। ଫଳରେ ସମସ୍ତଙ୍କ ପାଇଁ ଥିବା ସମାନ ବ୍ୟବସ୍ଥା ଏମାନଙ୍କ ପାଇଁ ଅପହଞ୍ଚ ହୋଇ ରହିଯାଏ। ଯେଉଁଥିପାଇଁ ଧନୀ ଘରର ପିଲାଟିଏ ସହଜରେ ଦାମୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢ଼ି ପାରେ, ଠିକ୍ ସମୟରେ ବିଦ୍ୟାଳୟର ସମସ୍ତ ଖର୍ଚ୍ଚ ଜମା କରିପାରେ ଏବଂ ଉଚ୍ଚଶିକ୍ଷା ବେଳକୁ ସମସ୍ତ ସୁବିଧା ସୁଯୋଗ ହାସଲ କରିପାରେ। କିନ୍ତୁ ଗରିବ ପରିବାରରେ ଜନ୍ମ ନେଇଥିବା ମେଧାବୀ ପୁଅ ଝିଅମାନେ ଅର୍ଥାଭାବରୁ ସରକାରୀ ସ୍କୁଲରେ ପାଠ ପଢ଼ିବାକୁ ବାଧ ହୁଅନ୍ତି। ଦାମୀ ସ୍କୁଲରେ ପାଠ ପଢ଼ିବା ପାଇଁ ଯେତିକି ଅର୍ଥ ଓ ସମ୍ବଳର ଆବଶ୍ୟକ ତାହା ସେମାନଙ୍କ ନିକଟରେ ଉପଲବ୍ଧ ହୋଇନଥାଏ। ଅନ୍ୟଏକ କଥା ଦାମୀ ବିଦ୍ୟାଳୟରେ ନାମ ଲେଖାଉଥିବା ପିଲାମାନଙ୍କ ପରିବାର ଆଭିଜାତ୍ୟକୁ ଏଥିରେ ବିଚାରକୁ ନିଆଯାଇଥାଏ। ପିଲାମାନଙ୍କ ମାସିକ ଖର୍ଚ୍ଚ ତୁଲାଇବା କ୍ଷେତ୍ରରେ ଗରିବ ପରିବାର ନିରାଶ ହୋଇ ଈଶ୍ୱରଙ୍କୁ ସାକ୍ଷୀ ରଖୁଥିଲା ବେଳେ ଆଉ କେହି କେହି ଭାଗ୍ୟର ବିଡମ୍ବନା ମନେ କରି ନିରବ ରୁହନ୍ତି। କିନ୍ତୁ ସରକାର ସବୁବେଳେ ଗରିବଙ୍କ ନାମରେ ପ୍ରଣୟନ କରୁଥିବା ନୂଆ ନୂଆ ଯୋଜନା ବେଳେ ବେଳେ ପ୍ରଚାରରେ ସୀମିତ ରୁହେ। ଯୋଜନାରେ ବରାଦ ହେଉଥିବା ଅର୍ଥ ସଠିକ୍ ବାଟରେ ଖର୍ଚ୍ଚ ହେବା ଏବଂ ଏହାର ସଠିକ୍ ପରିଚାଳନା ନହେବା ଫଳରେ କେତେକ ଲୋକପ୍ରିୟ ଯୋଜନା ଅଧାପନ୍ତରିଆ ଭାବେ ରହିଯିବା ଫଳରେ ସାଧାରଣ ଲୋକଙ୍କ ସ୍ୱାର୍ଥ ଉପେକ୍ଷିତ ହୋଇଥାଏ। ସମସ୍ତଙ୍କ ପାଇଁ ସମାନ ଶିକ୍ଷା ବ୍ୟବସ୍ଥାର କଥା କହୁଥିବା ସରକାର ବାସ୍ତବରେ ସମସ୍ତଙ୍କୁ ଏହା ମିଳୁଛି କି ନାହିଁ ତାହା ପରଖି ନଥାନ୍ତି। ତେଣୁ ସାଧ ମୁତାବକ ଚେଷ୍ଟା କରି ଗରିବ ପରିବାରର ପିତାମାତା ଓ ନିମ୍ନମଧ୍ୟବିତ୍ତ ପରିବାରର ବୋଝ ସମ୍ଭାଳୁଥିବା ଅଭିଭାବକମାନେ ନିଜ ପିଲାଙ୍କୁ ମଣିଷ କରିବା ପାଇଁ ନାକେଦମ୍ ହୋଇପଡନ୍ତି। ଯେଉଁମାନେ ହାତ ଉଧାରି ବା ଋଣ କରଜ କରି ନିଜ ପିଲାଙ୍କୁ ଉଚ୍ଚ ଶିକ୍ଷିତ କରିବାରେ ସମର୍ଥ ହୁଅନ୍ତି ସେମାନଙ୍କ ପିଲାଙ୍କୁ ଉପଯୁକ୍ତ ସରକାରୀ ନିଯୁକ୍ତି ନମିଳିବା ଯୋଗୁଁ ମଧ୍ୟ ଉକ୍ତ ପରିବାର ଆର୍ଥିକ ବୋଝରେ ତଳିତଳାନ୍ତ ହୋଇଯାନ୍ତି। ସାମାଜିକ ସ୍ତରରେ ମଧ୍ୟ ସେମାନେ ଅସୁରକ୍ଷିତ ଓ ମ୍ରିୟମାଣ ହୋଇପଡନ୍ତି। ବିଶେଷକରି ଯେଉଁମାନେ ସ୍ଥାନୀୟ ମହାଜନମାନଙ୍କ ନିକଟରୁ ଚଢ଼ା ଦର ସୁଧରେ ଋଣ ଆଣି ପିଲାଙ୍କୁ ଶିକ୍ଷିତ କରାଇଥାନ୍ତି ସେମାନେ ନାନା ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହେବା ଥୟ। କେତେକ ସ୍ଥଳେ ପରିବାରର ମୁଖିଆ ଋଣ ବୋଝ ସମ୍ଭାଳି ନପାରି ଆତ୍ମହତ୍ୟା କରିବାକୁ ବାଧ ହୋଇଥାନ୍ତି। ବ୍ୟାଙ୍କ ମଧ୍ୟ ଦେଶର ସବୁ ପରିବାରକୁ ଶିକ୍ଷା ବା ସ୍ୱାସ୍ଥ୍ୟ ସୁବିଧା ପାଇଁ ଋଣ ପ୍ରଦାନ କରିନଥାନ୍ତି। କାରଣ ସେମାନେ ବ୍ୟାଙ୍କ ପରିଚାଳନାର ନିରାପତ୍ତା ଓ ନିଜର କର୍ମଚାରୀମାନଙ୍କ ସ୍ୱାର୍ଥ ପ୍ରତି ଅଧିକ ଗୁରୁତ୍ୱ ଦେଇଥିଲାବାଲାଙ୍କୁ ଡାକିହାକି ଋଣ ଦେଉଥିଲା ବେଳେ ଗରିବଙ୍କୁ ନିରାଶ କରୁଥିବାର ଅନେକ ଘଟଣା ସାମ୍ନାକୁ ଆସିଥାଏ। ସେହିଭଳି ସରକାରୀ ଯୋଜନାରେ ମଞ୍ଜୁର ହେଉଥିବା ଅର୍ଥ ବାବଦକୁ ଗରିବଙ୍କ ଅପେକ୍ଷା ଧନୀଙ୍କଙ୍କୁ ଅଧିକ ଗୁରୁତ୍ୱ ଦିଆଯାଏ। ଏହାର ଏକମାତ୍ର କାରଣ ହେଉଛି ଗ୍ୟାରେଣ୍ଟି। ଧନୀ ପରିବାର ପାଖରେ ସ୍ଥାବର ସମ୍ପତ୍ତିର ବିଶାଳ ତାଲିକା ଥିଲା ବେଳେ ଗରିବଙ୍କ ଭାଗ୍ୟରେ ଏସବୁ ଜୁଟି ନଥାଏ। ତେଣୁ ଋଣ ପରିଶୋଧ କ୍ଷେତ୍ରରେ ବ୍ୟାଙ୍କମାନେ ଧନୀଲୋକଙ୍କୁ ଅଧିକ ବିଶ୍ୱାସକୁ ନେଇଥାନ୍ତି। ତେଣୁ ପୁଞ୍ଜିବାଦ ଲୋପ କଥା କେବଳ କାଗଜ କଲମରେ ସୀମିତ ରୁହେସିନା ସତ କଥା ଅଲଗା। ତେଣୁ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଲୋକଙ୍କୁ ସ୍ୱାବଲମ୍ବୀ କରିବା ଅପେକ୍ଷା ସେମାନଙ୍କୁ ଗରିବ ରଖି ବିଭିନ୍ନ ସରକାରୀ ଯୋଜନାର ସହାୟତା ପ୍ରଦାନ କରିଥାନ୍ତି। ଯାହାଫଳରେ ଦାରିଦ୍ର୍ୟ କମିଯାଏ ସିନା ଲୋକେ ଉପଯୁକ୍ତ ମଣିଷ ହୋଇପାରନ୍ତି ନାହିଁ।

# ନ୍ୟାୟପାଳିକାରେ ହସ୍ତକ୍ଷେପ



ଝରଣା ପଣ୍ଡା

ସୁପ୍ରିମ କୋର୍ଟର ବରିଷ୍ଠତମ ବିଚାରପତି ନ୍ୟାୟମୂର୍ତ୍ତି ଜେ.ଚେଲମେଶ୍ୱର ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କୁ ଚିଠି ଲେଖି ନ୍ୟାୟପାଳିକାରେ ସରକାରଙ୍କ ହସ୍ତକ୍ଷେପ ବିରୁଦ୍ଧରେ ପଦକ୍ଷେପ ନେବାଲାଗି ଦାବି କରିବା ଖବର ସମ୍ପ୍ରତି ଗଣମାଧ୍ୟମର ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ। ତେବେ ଏଭଳି ଏକ ସମୟ ପହଞ୍ଚିଛି ଯେଉଁ ସମୟରେ ସୁପ୍ରିମକୋର୍ଟର ପ୍ରଧାନବିଚାରପତି ତଥା ଉତ୍କଳ ମାତାର ଜଣେ ସୁଯୋଗ୍ୟ ସନ୍ତାନ ନ୍ୟାୟମୂର୍ତ୍ତି ଦୀପକ ମିଶ୍ରଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସଙ୍ଗ। ଉତ୍କଳ ଦିବସକୁ ନେଇ ଓଡ଼ିଆ ଜାତି ଗର୍ବର ସହ ଏହାକୁ ସ୍ମରଣୀୟ କରି ପାଳନ କରୁଥିବା ଅବସରରେ ଜଣେ ଗୁଣୀଜ୍ଞାନୀ ପ୍ରତିଭା ବିମଣ୍ଡିତ ନ୍ୟାୟମୂର୍ତ୍ତିଙ୍କ ବିରୁଦ୍ଧରେ ଅଭିଯୋଗ ଆମ ସମସ୍ତଙ୍କୁ ଦୁଃଖାଭିଭୂତ ଓ ମର୍ମାହାତ କରୁଛି। ଏଠାରେ ସୂଚାଇ ଦିଆଯାଇପାରେ କି ତତ୍କାଳୀନ କଂଗ୍ରେସ ସରକାର ହିଁ ନ୍ୟାୟମୂର୍ତ୍ତି ଦୀପକ ମିଶ୍ରଙ୍କୁ ହାଇକୋର୍ଟ ଜର୍ଜ ନିଯୁକ୍ତ କରିବା ସୁପାରିଶକୁ ଗ୍ରହଣ କରିଥିଲା। ସେହି କଂଗ୍ରେସ ସରକାର ମଧ୍ୟ ନ୍ୟାୟମୂର୍ତ୍ତି ମିଶ୍ରଙ୍କୁ ସୁପ୍ରିମକୋର୍ଟ ବିଚାରପତି କରାଇବାରେ ସମର୍ଥ ହୋଇଥିଲା କିନ୍ତୁ ଦୁର୍ଭାଗ୍ୟର ପ୍ରସଙ୍ଗ ସେହି କଂଗ୍ରେସ ଦଳ ଏହି ନ୍ୟାୟମୂର୍ତ୍ତିଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯାଉଛି। ଅତୀତରେ ବିଭିନ୍ନ ହାଇକୋର୍ଟର ବିଚାରପତିଙ୍କ ବିରୁଦ୍ଧରେ ମହାଭିଯୋଗ ଆସିଛି କିନ୍ତୁ କୌଣସିଟିରେ ମହାଭିଯୋଗ ଆଗତ କରିଥିବା ପକ୍ଷ ସଫଳ ହୋଇନାହାନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ମହାଭିଯୋଗ ବଳରେ ବରଖାସ୍ତ ପ୍ରକ୍ରିୟା ଅତ୍ୟନ୍ତ ଜଟିଳ। ପ୍ରଧାନ ବିଚାରପତିଙ୍କ ନାମରେ ମହାଭିଯୋଗ ପ୍ରସ୍ତାବରେ ସ୍ୱାକ୍ଷର ପାଇଁ ପ୍ରବର୍ତ୍ତାଇବା ବେଳେ କଂଗ୍ରେସ ନେତୃବର୍ଗ ଅନ୍ୟଦଳର ସାଂସଦ ମାନଙ୍କୁ ସୁପ୍ରିମକୋର୍ଟର ଚାରିଜଣ ବିଚାରପତି କିଛି ଦିନ ପୂର୍ବେ ପ୍ରଧାନବିଚାରପତିଙ୍କ ନାମରେ ଆଣିଥିବା ଅଭିଯୋଗର ଉଲ୍ଲେଖ କରୁଛନ୍ତି କିନ୍ତୁ ମହାଭିଯୋଗର ସମ୍ମୁଖୀନ ହେବାଭଳି ଅପରାଧ ପ୍ରଧାନବିଚାରପତି କରିନାହାନ୍ତି। ସର୍ବଶେଷ ତଥ୍ୟ ଅନୁଯାୟୀ ତିନିଜଣ ବରିଷ୍ଠ କଂଗ୍ରେସ ନେତା ତଥା ଓକିଲ କପିଲ ଶିବଲ, ଅଭିଶେଷ ମନୁସିଂଘ୍ୱି ଓ ବିବେକ ତନଖା ଉପରେ ଭାରତୀୟ ବାରକାଉନ୍ସିଲ କଟକଣା ଜାରି କରିଛି। ଏହି ତିନିଜଣ ଓକିଲଙ୍କୁ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ କୋର୍ଟରେ କୌଣସି ମାମଲା ଲଢ଼ିବାକୁ ଅନୁମତି ଦିଆଯିବନାହିଁ। ସେମାନେ ପ୍ରଧାନ ବିଚାରପତିଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ଅଣାଯିବା ପ୍ରକ୍ରିୟାରେ ସାମିଲ ଥିବାରୁ ସେମାନଙ୍କ ଉପରେ ଏହି କଟକଣା ଜାରି କରାଯାଇଛି। ଭାରତର ସର୍ବୋଚ୍ଚ ଆଇନଜୀବୀ ସଙ୍ଗଠନ ଭାରତୀୟ ବାର କାଉନ୍ସିଲ ଉଲ୍ଲେଖ କରିଛି ଯେ ଆମ ଦେଶରେ ସଂସଦ ହେଉଛି ସର୍ବୋଚ୍ଚ ସଂସ୍ଥା ତେଣୁ ସାଂସଦ ମାନଙ୍କର ବିଚାରପତିଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ଆଣିବାର ଅଧିକାର ଅଛି। ସେମାନେ ଉଲ୍ଲେଖ କରିଛନ୍ତି ଯେ ଆମେ ସେଥିରେ କିଛି ହସ୍ତକ୍ଷେପ କରିପାରିବୁନାହିଁ। ସେହିପରି ସାଂସଦ ଓ ବିଧାୟକମାନଙ୍କ ଉପରେ ଓକିଲାତି ନକରିବା ପାଇଁ ଆମେ କଟକଣା ଲଗାଇ ପାରିବୁନାହିଁ। ତେବେ ଓକିଲ ହିସାବରେ ଜଣେ ଯେପରି ନିଜ ଅଧିକାର ଓ ପ୍ରଭାବର ଦୁରୁପଯୋଗ ନକରେ ତାହାକୁ ଆମେ ସୁନିଶ୍ଚିତ କରିବୁ। ଏହି କାରଣରୁ ଯଦି ଜଣେ ସାଂସଦ ତଥା ଓକିଲ କୌଣସି ବିଚାରପତିଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯିବା ପ୍ରକ୍ରିୟାରେ ସାମିଲ ଥାଆନ୍ତି ତାହେଲେ ସେହି ବିଚାରପତିଙ୍କ କୋର୍ଟରେ ଉକ୍ତ ଓକିଲ ମାନଙ୍କୁ ମାମଲା ପରିଚାଳନା କରିବାକୁ ଅନୁମତି ଦିଆଯିବନାହିଁ।

ଆନ୍ତର୍ଜାତୀକ ଆଇନଜ୍ଞ ପରିଷଦ ମନ୍ତବ୍ୟ ଦେଇଛନ୍ତି ଯେ କଂଗ୍ରେସ ବିଭିନ୍ନ ରାଜନୈତିକ ମାମଲାରେ ହାରିବାର ପ୍ରତିଶୋଧ ନେବା ସହ ପ୍ରଧାନ ବିଚାରପତିଙ୍କୁ ତଥା ସମଗ୍ର ନ୍ୟାୟପାଳିକାକୁ ବ୍ଲାକମେଲ୍ କରିବା ପାଇଁ ଆଗଭର ହୋଇଛି। କଂଗ୍ରେସ ଭଲଭାବେ ଜାଣିଛି ଯେ ପ୍ରଧାନ ବିଚାରପତିଙ୍କ ନାମରେ ମହାଭିଯୋଗ ପ୍ରସ୍ତାବ ବାଚସ୍ପତିଙ୍କ ସ୍ତରରେ ନାକଚ ହୋଇଯିବ କାରଣ ଆବଶ୍ୟକ ସଂସଦଙ୍କ ସମ୍ମତି ମିଳିବ ନାହିଁ। ତେବେ ରାଜନୈତିକ ଉଦ୍ଦେଶ୍ୟ ରଖି ନ୍ୟାୟପାଳିକା ଉପରେ ଚାପ ପକାଇବା ପାଇଁ ସୁଚିନ୍ତିତ ଷଡ଼ଯନ୍ତ୍ର ନୁହେଁତ? ବର୍ତ୍ତମାନ ସୁପ୍ରିମକୋର୍ଟରେ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଆଧାର ପ୍ରସଙ୍ଗ ଓ ଅଯୋଧ୍ୟା ମାମଲା ରହିଛି। ଅଯୋଧ୍ୟା ପ୍ରସଙ୍ଗରେ ହିନ୍ଦୁମାନଙ୍କ ସପକ୍ଷରେ ରାୟ ପ୍ରକାଶ ପାଇଲେ ବିଜେପି ଏହାର ଶ୍ରେୟ ନବାର ସମ୍ଭାବନା ରହିଛି। ତେବେ ରାଜନୈତିକ କାଦୁଅ ଫିଙ୍ଗା ଭିତରେ ଜଣେ କୃତବିଦ୍ୟ ଓଡ଼ିଆ ଆଇନ ଜଗତର ବିଶିଷ୍ଟ ବିଦ୍ୱାନ ଓ ପ୍ରାଜ୍ଞ ନ୍ୟାୟମୂର୍ତ୍ତି ଦୀପକ ମିଶ୍ର ଟଣା ହୋଇଯାଉଛନ୍ତି। ବିଚାରପତିଙ୍କ ମହାଭିଯୋଗ ପ୍ରସଙ୍ଗରେ ଆମର କୌଣସି ମନ୍ତବ୍ୟ ବା ଟିପ୍ପଣୀ ନାହିଁ କିନ୍ତୁ ଯୋଜନାବଦ୍ଧ ଭାବରେ ପ୍ରଧାନ ବିଚାରପତିଙ୍କୁ ରାଜନୀତି ଭିତରକୁ ଟଣାଯିବା ସହ ତାଙ୍କୁ ଅପମାନିତ କରିବାର ଯୋଜନା ଚାଲିଛି। ନ୍ୟାୟମୂର୍ତ୍ତି ଦୀପକ ମିଶ୍ର ସୁପ୍ରିମକୋର୍ଟର ପ୍ରଧାନବିଚାରପତି ଦାୟିତ୍ୱ ଗ୍ରହଣ କରିବାପରେ ଅନେକ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ମାମଲାର ଐତିହାସିକ ରାୟ ଦେଇଛନ୍ତି। ନ୍ୟାୟମୂର୍ତ୍ତି ମିଶ୍ରଙ୍କ ଆଇନ ପ୍ରସଙ୍ଗ କ୍ଷେତ୍ରରେ ଅଗାଧ ଜ୍ଞାନ ଥିବାରୁ ସେ ଅନେକ ମାମଲାକୁ ବିଧି ବ୍ୟବସ୍ଥା ଭିତରେ ପରିଚାଳନାର ସୁଯୋଗ ସୃଷ୍ଟି କରୁଛନ୍ତି। ଜଷ୍ଟିସ୍ ଚେଲମେଶ୍ୱରଙ୍କ ମତରେ ସରକାର କର୍ଣ୍ଣାଟକ ହାଇକୋର୍ଟର ଚିଫ୍ ଜଷ୍ଟିସ୍ ଦୀନେଶ ମହାଶ୍ୱେରୀଙ୍କ ସହ ଯୋଗାଯୋଗ କରିଥିଲେ। ଏହି ମାମଲା ସୁପ୍ରିମକୋର୍ଟ କଲେଜିୟମର ସୁପାରିଶ ବିରୁଦ୍ଧରେ ଜିଲ୍ଲା ତଥା ସେସନ ଜର୍ଜ ପି.କୃଷ୍ଣ ଭଟ୍ଟଙ୍କ ପଦୋନ୍ନତି ଓ ତାଙ୍କ ବିରୁଦ୍ଧରେ ତଦନ୍ତ ଆଦେଶ ଦିଆଯିବା ସହ ସମ୍ପର୍କିତ। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଦୀପକ ମିଶ୍ର ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ନେତୃତ୍ୱରେ କଲେଜିୟମ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସହ ବିଚାରପତି ମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ତେବେ କୌଣସି ବିଚାରପତି ରାଜନୈତିକ ଅଭିସନ୍ଧି ରଖି ଏପରି ଷଡ଼ଯନ୍ତ୍ର କରୁନାହାଁନ୍ତି ତ? କାରଣ ବିଚାରପତିଙ୍କ ବିରୁଦ୍ଧରେ ଅଯଥା ଅଭିଯୋଗ ଆଣିବା ଦ୍ୱାରା ନ୍ୟାୟପାଳିକା ଉପରୁ ସାଧାରଣ ଜନତାଙ୍କ ଭରଷା ତୁଟିବାର ଆଶଙ୍କା ରହିଛି। ହାଇକୋର୍ଟ ଜର୍ଜ ନିଯୁକ୍ତି ପାଇଁ ସୁପାରିଶ କରିବା ଅଧିକାର କେବଳ ବିଚାରପତି ମାନଙ୍କ କଲେଜିୟମର ରହିଛି। ସରକାରଙ୍କ ପାଖକୁ ସୁପାରିଶ ପଠାଯାଏ ଯାହାକି ସରକାର ମାନିବାକୁ ବାଧ। ତେବେ ସରକାର ଆପତ୍ତି ଜଣାଇଲେ ବିଚାରପତି ଅଭିଯୋଗର ତଦନ୍ତ କରି ପୁନର୍ବାର ସୁପାରିଶ କରିପାରିବେ। ଏଠାରେ ସୂଚାଇ ଦିଆଯାଇପାରେକି ଭାରତୀୟ ନ୍ୟାୟପାଳିକା ଇତିହାସରେ ଏକ ଅଭୁତପୂର୍ବ, ନିହାତି ଅସ୍ୱାଭାବିକ ଓ ଅସ୍ୱସ୍ତିକର ଘଟଣାକ୍ରମରେ ଜାନୁଆରୀ ୧୨ ତାରିଖରେ ଉଚ୍ଚତମ ନ୍ୟାୟାଳୟର ଚାରିଜଣ ବରିଷ୍ଠତମ ନ୍ୟାୟମୂର୍ତ୍ତି ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ପ୍ରଧାନ ବିଚାରପତିଙ୍କ କାର୍ଯ୍ୟଶୈଳୀରେ ସାଧୁତା, ସ୍ୱଚ୍ଛତା ଓ ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଥିଲେ। ମାନ୍ୟବର ବିଚାରପତିମାନେ ନିଜେ ଧର୍ମାବତାର ଆସନରେ ବସି ନ୍ୟାୟର ମନ୍ଦିରର ପବିତ୍ରତାକୁ କାଠଗଡ଼ାରେ ଠିଆ କରାଇ ଏକ ଅସ୍ୱସ୍ତିକର ଘଟଣା ଘଟାଇଥିଲେ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପବିତ୍ରତମ ଅଙ୍ଗ ତଥା ସର୍ବାଧିକ ବିଶ୍ୱସନୀୟ ଅନୁଷ୍ଠାନ ନ୍ୟାୟପାଳିକାର ସ୍ୱାଧୀନତା, ନିରପେକ୍ଷତା ସର୍ବୋପରି ଏହାର ଗରିମା ଉପରେ ବିଶାଳ ପ୍ରଶ୍ନ ଚିହ୍ନ ଲାଗିଯାଇଥିଲା। ଯାହାକି ସାଧାରଣ ଜନତାଙ୍କ ଆସ୍ଥା ଓ ବିଶ୍ୱାସକୁ ଦୋହଲାଇବାରେ ସକ୍ଷମ ହୋଇଥିଲା। ନ୍ୟାୟପାଳିକା ପାଇଁ ବୋଧ ହୁଏ ଅଧିକ ଅସମୟ ଆଉ କିଛି ନହୋଇପାରେ। ବିଚାରପତି ଚେଲମେଶ୍ୱରଙ୍କ ପତ୍ର ଏମିତି ଏକ ସମୟରେ ବିବାଦକୁ ତେଜିଛି ଯେତେବେଳେ ବିରୋଧିଙ୍କ ପକ୍ଷରୁ ପ୍ରଧାନ ବିଚାରପତିଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ପାଇଁ ଯୋଜନା ଚାଲିଛି। ନ୍ୟାୟପାଳିକାର ସଙ୍କଟ କ୍ରମଶ ଗୁରୁତର ରୂପ ନେବାକୁ ଯାଉଥିବାବେଳେ ଏହା ଅତ୍ୟନ୍ତ ଦୁଃଖଦ ପ୍ରସଙ୍ଗ। ବିଚାରପତି ଚେଲମେଶ୍ୱର ଯଥାର୍ଥରେ କାର୍ଯ୍ୟନିର୍ବାହୀ ଓ ନ୍ୟାୟପାଳିକା ମଧ୍ୟରେ ଘନିଷ୍ଠତାକୁ ନ୍ୟାୟପାଳିକାର ସ୍ୱାଧୀନତା ଓ ନିରପେକ୍ଷତାକୁ ମୃତ୍ୟୁଘଣ୍ଟି ବୋଲି କହିଛନ୍ତି। ନ୍ୟାୟପାଳିକାର ବ୍ୟାପାରରେ ହସ୍ତକ୍ଷେପ ପାଇଁ କାର୍ଯ୍ୟନିର୍ବାହୀର ବ୍ୟଗ୍ରତା ଅନୁଷ୍ଠାନର ସ୍ୱାଧୀନତା ଓ ନିରପେକ୍ଷତା ପ୍ରତି ବିପଦ ନିଶ୍ଚୟ ଅନ୍ୟ ପଟରେ କାର୍ଯ୍ୟନିର୍ବାହୀର ହସ୍ତକ୍ଷେପର ପ୍ରତିବାଦ ପାଇଁ ନ୍ୟାୟପାଳିକା ସାହାସ ଓ ସାମର୍ଥ୍ୟ ଜୁଟାଇ ନପାରିବା ମଧ୍ୟ ଆଉ ଏକ ବିପଦ। ତେବେ ମୁଖ୍ୟ ପ୍ରସଙ୍ଗ ହେଉଛି କ'ଣ ଜଣେ ଓଡ଼ିଆ ଭାବେ ନ୍ୟାୟମୂର୍ତ୍ତି ମିଶ୍ର ଦାୟିତ୍ୱସମ୍ପାଦନ କରୁଥିବାରୁ ଅନ୍ୟ ମାନଙ୍କୁ କଷ୍ଟ ଲାଗୁଛିକି? ସମଗ୍ର ଭାରତବର୍ଷରେ ଜଣେ ଅତ୍ୟନ୍ତ ମେଧାଜ୍ଞାନସମ୍ପନ୍ନ ତଥା ଓ ବିଦ୍ୟାର ଅସରନ୍ତି ଭଣ୍ଡାର ବୁଝାଉଥିବା ନ୍ୟାୟମୂର୍ତ୍ତି ଦୀପକ ମିଶ୍ରଙ୍କ ପରି ପ୍ରତିଭା ବିରଳ। ବିରୋଧୀ ରାଜନୈତିକ ଦଳର ହାତବାରସୀ ହୋଇ ଅନ୍ୟ ବିଚାରପତିମାନେ ନ୍ୟାୟମୂର୍ତ୍ତି ଦୀପକ ମିଶ୍ରଙ୍କୁ କାଠଗଡ଼ାକୁ ଟାଣିବା ଅତ୍ୟନ୍ତ ଦୁଃଖଦ ଓ କ୍ଷୋଭର ପ୍ରସଙ୍ଗ। ନ୍ୟାୟମୂର୍ତ୍ତି ମିଶ୍ରଙ୍କ ସମୟରେ ସୁପ୍ରିମକୋର୍ଟ ଚଳଚଞ୍ଚଳ ହୋଇ ଧୂଳି ଖାଉଥିବା ଅନେକ ମାମଲା ସାମ୍ନାକୁ ଆସି ଏହାର ଐତିହାସିକ ବିଚାର ହୋଇଛି। ନିରପେକ୍ଷ ତଥା ଆଇନ ପ୍ରଦାନରେ ଜ୍ଞାନ ଓ ଯୁକ୍ତିକୁ ସବୁବେଳେ ଅଗ୍ରାଧିକାର ଦେଇ ନ୍ୟାୟମୂର୍ତ୍ତି ମିଶ୍ର ସମଗ୍ର ବିଚାରପତି ମାନଙ୍କ ପାଇଁ ଆଦର୍ଶ ଓ ପ୍ରେରଣାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଶୁଣାଯାଏ ନ୍ୟାୟମୂର୍ତ୍ତି ମିଶ୍ରଙ୍କ ଅନେକ ଐତିହାସିକ ମାମଲାର ଶୁଣାଣି ସମୟରେ ଭାରତର ବିଭିନ୍ନ ରାଜ୍ୟର ଆଇନଜ୍ଞମାନେ ସୁପ୍ରିମକୋର୍ଟରେ ଉପସ୍ଥିତ ହୋଇ ଏହାକୁ ଶୁଣିଥାନ୍ତି। ନ୍ୟାୟମୂର୍ତ୍ତି ମିଶ୍ରଙ୍କ ଅନେକ ଐତିହାସିକ ସିଦ୍ଧାନ୍ତ ଭାରତବର୍ଷର ଆଇନ ଇତିହାସରେ କାଳ କାଳକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ।


*ବିଜୁପଟ୍ଟନାୟକ ଛକ, ତୁଳସୀପୁର, କଟକ*
*ଦୂରଭାଷ : ୦୬୭୧-୨୩୦୨୩୦୦*


# ଓଡ଼ିଶାରେ ସମ୍ବାଦପତ୍ରର କ୍ରମବିକାଶ ଓ ଦାୟିତ୍ୱବୋଧତା



ଅଲେଖ ଚନ୍ଦ୍ର ସାମଲ

ସ୍ୱାଧୀନତା ପୂର୍ବରୁ ସାମ୍ବାଦିକତା ଓ ଜାତୀୟତା ସମାର୍ଥବୋଧକ ଥିଲା। ସେବା ଥିଲା ସାମ୍ବାଦିକତାର ଭିତ୍ତି। ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ଦେଶବାସୀଙ୍କୁ ଦେଶ ବିଷୟରେ ହେଉ ବା ସମାଜ ବିଷୟ ଏଥିରେ ସେମାନଙ୍କୁ ସଚେତନ କରାଇବା। ତେବେ ସ୍ୱାଧୀନୋତ୍ତର ଭାରତର ପରିବର୍ତ୍ତିତ ସ୍ଥିତିରେ ସାମ୍ବାଦିକତା ଆଉ ନିରୁତ୍ତାସେବା ନ ହୋଇ ଏହା ପେଷା ଭାବେ ପରିଚିତ ହେଲା। ୧୯୧୦ ମସିହାରେ ଭାରତୀୟ ପ୍ରେସ୍ ନିୟମର ବୈଶିଷ୍ଟ୍ୟ ଥିଲା ସ୍ୱେଚ୍ଛାଚାରିତା। ସେ ସମୟରେ ଖବରକାଗଜ ବିଭିନ୍ନ ପ୍ରକାର ସରକାରୀ କଟକଣାର ଶିକାର ହେଉଥିଲେ। ଓଡ଼ିଶାର ଖବରକାଗଜର ଜନ୍ମ ଜାତକ ଥିଲେ ସର୍ବପ୍ରଥମେ ଆସିବ 'ସମାଜମିତ୍ର' ନାମକ ଏକ ଓଡ଼ିଆ ମାସିକ ପତ୍ରିକା ଯାହାକି ୧୯୧୭ରେ ପ୍ରକାଶ ପାଇଲା। ତେବେ ତତ୍କାଳୀନ ବ୍ରିଟିଶ ଶାସକମାନେ ଚାପ ପକାଇ ଏହାର ପ୍ରକାଶନକୁ ବନ୍ଦ କରିବାରେ ସକ୍ଷମ ହୋଇଥିଲେ। କଲିକତାର ଅମୃତ ବଜାର ପତ୍ରିକାର ଏକ ସଂସ୍କରଣ କଟକର ତୁଳସୀପୁରସ୍ଥିତ ବିଜୁପଟ୍ଟନାୟକଙ୍କ ବାସଭବନରୁ ପ୍ରକାଶିତ ହୋଇଥିଲା ଯାହାକି ପରବର୍ତ୍ତୀ ସମୟରେ ବନ୍ଦ ହେଲା। ୧୯୪୭ରେ 'ମାତୃଭୂମି' ନାମକ ସାପ୍ତାହିକ ଆତ୍ମପ୍ରକାଶ କଲା ଯାହାକି ୧୯୫୧ରେ ଦୈନିକ ଭାବରେ ପ୍ରତିଷ୍ଠାତା ବାଳକୃଷ୍ଣ କରଙ୍କ ଆଦର୍ଶକୁ ନେଇ ପ୍ରକାଶନ ହେଲା। ୧୯୬୦ରେ ବିଜୁପଟ୍ଟନାୟକ 'କଳିଙ୍ଗ' ନାମରେ ଏକ ଦୈନିକ ଖବରକାଗଜ ପ୍ରକାଶ କରାଇଲେ ଯାହାକି ୧୯୬୭ରେ ନିଜର ସତ୍ତା ହରାଇଥିଲା। ୧୯୬୬ ଏପ୍ରିଲ ପହିଲାରେ 'ଜନଶକ୍ତି' ନାମରେ ଆଉ ଏକ ଦୈନିକ ପ୍ରକାଶନ ହୋଇ ଚାରି ବର୍ଷ ପରେ ବନ୍ଦ ହୋଇଗଲା। ଭାରତର ଚତୁର୍ଥ ସାଧାରଣ ନିର୍ବାଚନ ପରେ 'ସ୍ୱରାଜ୍ୟ' ନାମରେ ଏକ ଓଡ଼ିଆ ଦୈନିକ ରମା ପ୍ରସାଦ ସିହ୍ନାଙ୍କ ସମ୍ପାଦନାରେ ଭୁବନେଶ୍ୱରରୁ ପ୍ରକାଶ ପାଇଲା। ଯାହାର ପୃଷ୍ଠପୋଷକ ଥିଲେ ପାଟଣାର ତତ୍କାଳୀନ ମହାରାଜ ଆର.ଏନ୍.ସିଂହଦେଓ। ୧୯୭୪ ନଭେମ୍ବର ୨୪ରେ ନନ୍ଦିନୀ ଶତପଥିଙ୍କ ପରିଚାଳନାରେ 'ଧରିତ୍ରୀ' ଖବରକାଗଜ ପ୍ରକାଶ ପାଇଲା। ୧୯୬୭ରେ 'ନ୍ୟୁଜ୍ ଅଫ୍ ଦ ୱାର୍ଲଡ଼' ନାମରେ ଏକ ଇଂରାଜୀ ଦୈନିକ କଟକରୁ ପ୍ରକାଶ ପାଇଲା। ୧୯୬୫ରେ ଆର.ପି.ଶାସ୍ତ୍ରୀଙ୍କ ସମ୍ପାଦନାରେ 'ଓଡ଼ିଶା ଟାଇମ୍ସ' ନାମରେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରକାଶନ ଆରମ୍ଭ କରିଥିଲେ ଯାହାକି ୧୯୮୫ରେ ଦୈନିକ ଭାବେ ପ୍ରକାଶ ପାଉଛି। ତେବେ ଯେଉଁକିଛି ଖବରକାଗଜ ଖୁବ୍ କମ୍ ଦିନ ପାଇଁ ଆତ୍ମପ୍ରକାଶ କରି ପରେ ବନ୍ଦ ହୋଇଯାଇଥିଲା ସେଗୁଡ଼ିକ ହେଉଛି 'ଉତ୍କଳ ସେବକ' ଯାହାକି ୧୯୧୪ ପର୍ଯ୍ୟନ୍ତ ପ୍ରକାଶ ହୋଇଥିଲା। ସେହିପରି 'ସାଧନା' ନାମରେ ଏକ ଓଡ଼ିଆ ସାପ୍ତାହିକ ୧୯୨୧ ପର୍ଯ୍ୟନ୍ତ, 'ଜାଗରଣ' ୧୯୩୬ ପର୍ଯ୍ୟନ୍ତ, 'ପ୍ରଜାଶକ୍ତି ସୁବ୍ରତି' ୧୯୫୮ ପର୍ଯ୍ୟନ୍ତ, 'ଜୀବନ' ୧୯୬୦ ପର୍ଯ୍ୟନ୍ତ, 'ପଞ୍ଚମୁଖୀ' ୧୯୬୬ ପର୍ଯ୍ୟନ୍ତ ଓ 'କଟୁତିକ୍ତ କେଶବ' ୧୯୬୮ ପର୍ଯ୍ୟନ୍ତ ପ୍ରକାଶ ପାଉଥିଲା। ୧୮୯୧ରୁ 'ଉତ୍କଳପ୍ରଭା' ତତ୍କାଳୀନ ମହାରାଜଙ୍କ ପୃଷ୍ଠପୋଷକରେ ବାରିପଦାରୁ ପ୍ରକାଶ ପାଇଲା। ୧୯୦୫ରୁ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମୟୂରଭଞ୍ଜ ଗେଜେଟ୍ର ବାରିପଦା ପ୍ରିଣ୍ଟିଂ କମ୍ପାନୀ କଲିକତାରୁ, 'ଭଞ୍ଜ ପ୍ରଦୀପ' ଅକ୍ଟୋବର ୧୯୩୪ରୁ, 'ମୟୂରଭଞ୍ଜ କ୍ରୋନିକିଲ' ୧୯୩୫ରୁ ପ୍ରକାଶ ପାଇଥିଲା। ୧୯୩୬ ଜାନୁଆରୀରେ ପ୍ରକାଶ ପାଇଥିବା 'ମୟୂରଭଞ୍ଜ ଷ୍ଟେଟ୍ ଗେଜେଟ୍'ର ଓଡ଼ିଶାରେ ସାମ୍ବାଦିକତାର ଉନ୍ନତି ଓ ପ୍ରୋତ୍ସାହନର ଗୁରୁତ୍ୱ ବହନ କରି ଆତ୍ମପ୍ରକାଶ ହେଲା। ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୬୩ରେ 'ମୟୂରଭଞ୍ଜ ଜାଗରଣ', ୧୯୩୬ରେ 'ଜନତା', ୧୯୬୩ରେ 'ହିଣ୍ଟ(ଇଂରାଜୀ)' ଓ 'ର 'ବାହଦୀ', 'ଖବର (ଇଂରାଜୀ)', 'ଅଞ୍ଜଳୀ', 'ଚଳନ୍ତିକା', 'ରାମରାଜ୍ୟ' ଇତ୍ୟାଦି ପ୍ରକାଶ ପାଇଥିଲା।

୧୮୬୭ରେ ଫକୀର ମୋହନ ସେନାପତି 'ସମ୍ବାଦ ବାହିକା' ପ୍ରକାଶ କରିଥିଲେ। ନୀଳମଣି ବିଦ୍ୟାରତ୍ନ ବାମଣ୍ଡାରୁ 'ସମ୍ବଲପୁର ହିତୈଷିଣୀ' ପ୍ରକାଶ କଲେ। ଉତ୍କଳ ଗୌରମ ମଧୁସୂଦନ ଦାସ ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ କରି ଏହାର ମୁଖପାତ୍ର ଭାବେ 'ଉତ୍କଳ ଦୀପିକା'ର ଆତ୍ମ ପ୍ରକାଶ କରାଇଥିଲେ। ସେହିବର୍ଷ ଉତ୍କଳ ସାହିତ୍ୟ ସମାଜ ଗଠିତ ହେଲା। ଯାହାର ତତ୍କାଳୀନ ସମ୍ପାଦକ ଥିଲେ ବିଶ୍ୱନାଥ କର। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ୧୯୧୯ ଅକ୍ଟୋବର ୪ ତାରିଖରେ ସତ୍ୟବାଦୀରୁ ସାପ୍ତାହିକ 'ସମାଜ' ପ୍ରକାଶ କଲେ। ୧୯୩୧ରେ 'ସମାଜ' ଦୈନିକ ଭାବେ ପ୍ରକାଶ ପାଇଲା। ୧୯୨୮ରେ 'ଦୈନିକ ଆଶା' ଶଶୀଭୂଷଣ ବାବୁଙ୍କ ସମ୍ପାଦନାରେ ପ୍ରକାଶ ପାଇଲା। ହରେକୃଷ୍ଣ ମହତାବ ୧୯୨୩ରେ ବାଲେଶ୍ୱରରୁ ପ୍ରଥମେ 'ପ୍ରଜାତନ୍ତ୍ର' ପ୍ରକାଶ କଲେ ଯାହାକି ପରେ କଟକରୁ ପ୍ରକାଶ ପାଇଲା। ହରେକୃଷ୍ଣ ମହତାବ ପ୍ରଥମ ଇଂରାଜୀ ଦୈନିକ 'ଇଷ୍ଟର୍ଣ୍ଣ ଟାଇମ୍ସ' ୧୯୪୯ ମସିହାରେ ପ୍ରକାଶ କରାଇଥିଲେ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ 'ନିଆଁଖୁଣ୍ଟା' ଏକ ବ୍ୟଙ୍ଗ ପତ୍ରିକା ଭାବେ ପ୍ରକାଶ ପାଇଥିଲା। ନିଆଁଖୁଣ୍ଟାର ତତ୍କାଳୀନ ସମ୍ପାଦକ ଗୋଦାବରୀଶ ମହାପାତ୍ର ଓ 'ଡଗର'ର ସମ୍ପାଦକ ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ। ୧୯୪୭ ରେ କଟକରୁ ଦୈନିକ 'ପ୍ରଜାତନ୍ତ୍ର' ଓ ୧୯୫୧ରେ ଦୈନିକ 'ମାତୃଭୂମି' ପ୍ରକାଶିତ ହେଲା। ୧୯୫୫ ମସିହାରେ ସୀମା ପୁର୍ନଗଠନ କମିଶନ ଷଢ଼େଇକଳା ଓ ଖରସୁଆଁକୁ ଓଡ଼ିଶାରେ ମିଶ୍ରଣ ପାଇଁ ସୁପାରିଶ ନକରିବାରୁ ରାଜ୍ୟର ସମ୍ବାଦପତ୍ରମାନେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ୧୯୭୪ ମସିହାରେ ଧରିତ୍ରୀ ଭୁବନେଶ୍ୱରରୁ ପ୍ରକାଶିତ ହେଲା। ଓଡ଼ିଶାର ପ୍ରଥମ ଦୈନିକ ସମ୍ବାଦପତ୍ର 'ଆଶା'ର ପ୍ରକାଶନ ୧୯୪୯ ମସିହାରେ କଟକରୁ ବନ୍ଦ ହେଲା ପରେ ୧୯୮୦ରେ ବ୍ରହ୍ମପୁରରୁ ଏହା ପ୍ରକାଶିତ ହେଉଛି। ଓଡ଼ିଆ ସାମ୍ବାଦିକତାର ଉନ୍ମେଷ ଓ କ୍ରମବିକାଶରେ ଉତ୍କଳ ଦୀପିକାର ଭୂମିକା ନିଶ୍ଚିନ୍ତ ଭାବେ ଗୁରୁତ୍ୱପୂର୍ଣ୍ଣ। ଏହା ପ୍ରଥମ ଓଡ଼ିଆ ସାପ୍ତାହିକ ସମ୍ବାଦପତ୍ର ଓ ୧୮୬୬ରୁ ୧୯୩୬ ମସିହା ଯାଏ ସତୁରୀ ବର୍ଷ ଯାଏ ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇଥିଲା। ପ୍ରଥମ ଓଡ଼ିଆ ଦୈନିକ ସମ୍ବାଦ ପତ୍ର 'ଦୈନିକ ଆଶା' ୧୯୨୮ରୁ ଆତ୍ମ ପ୍ରକାଶ କରିଥିଲା। କଟକରେ ୧୮୩୭ ମସିହାରେ ଓଡ଼ିଶା ମିଶନ ପ୍ରେସ ସ୍ଥାପିତ ହେଲା। କଟକରେ ମୁଦ୍ରଣଯନ୍ତ୍ର ସ୍ଥାପନର ବାରବର୍ଷ ପରେ ମିଶନାରୀ ମାନଙ୍କ ଦ୍ୱାରା ୧୮୪୯ରେ 'ଜ୍ଞାନାରୁଣ', ୧୮୫୬ 'ପ୍ରବୋଧ ଚନ୍ଦ୍ରିକା', ୧୮୬୧ରରେ 'ଅରୁଣଦୋୟ' ପ୍ରକାଶିତ ହେଲା। ମୁଦ୍ରିତ ପତ୍ରପତ୍ରିକା ପ୍ରକାଶନ ପୂର୍ବରୁ କେବଳ ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ 'କୁଜୀବରପତ୍ର' ନାମକ ଏକ ହାତଲେଖା ପତ୍ର ପ୍ରଚଳନ ହୋଇଥିଲା। ନଅଙ୍କ ଦୁର୍ଭିକ୍ଷ ବେଳେ ୧୮୬୬ରୁ ୧୮୭୦ ଯାଏ 'ଉତ୍କଳଦୀପିକା' ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶାକୁ ସରକାରଙ୍କ ସମ୍ମୁଖରେ ନିୟମିତ ଭାବେ ଉପସ୍ଥାପନ କରିଥିଲେ। ଉତ୍କଳଦୀପିକା ଆତ୍ମ ପ୍ରକାଶ କରିବା ପରଠୁ ୧୯୧୫ ମସିହା ଯାଏ ଦୀର୍ଘ ଅଣଚାଶ ବର୍ଷ ଧରି ଏହାର ସମ୍ପାଦନା ଓ ପ୍ରକାଶନ ଦାୟିତ୍ୱ ନେଇଥିଲେ ଗୌରୀଶଙ୍କର ରାୟ। ୧୮୬୬ ମସିହା ଅଗଷ୍ଟ ମାସ ଠାରୁ ଉତ୍କଳ ଦୀପିକା ୧୮୬୯ ମସିହା ଯାଏ ତିନିବର୍ଷ ଧରି ନଅଙ୍କ ଦୁର୍ଭିକ୍ଷ ପ୍ରପୀଡ଼ିତ ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବାର ଥିଲା ଏକ ବିଶିଷ୍ଟ ମାଧ୍ୟମ। ଗୌରୀଶଙ୍କର ରାୟ ହେଉଛନ୍ତି ଓଡ଼ିଆ ସାମ୍ବାଦିକତାର ଜନକ ଓ ସ୍ରଷ୍ଟା। ୧୮୬୬ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ଉତ୍କଳ ଦୀପିକା ହେଉଛି ଓଡ଼ିଶାର ପ୍ରଥମ ବିଧିବଦ୍ଧ ସମ୍ବାଦପତ୍ର। ଓଡ଼ିଆ ସମ୍ବାଦିକତାର ଖଡ଼ି ପାଠ ଏଇଠୁ ହୋଇଥିଲା। ଗୌରୀଶଙ୍କର ରାୟ ଏହାକୁ ଓଡ଼ିଶା ସ୍ୱାର୍ଥରେ ଏକ ବଳିଷ୍ଠ ମୁଖପତ୍ରରେ ପରିଣତ କରିପାରିଥିଲେ। ସମାଜ ଗଠନରେ ଖବରକାଗଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାମ୍ବାଦିକତା ପରି ଉଚ୍ଚମୂଲ୍ୟବୋଧ ସମ୍ପନ୍ନ ବୃତ୍ତି ନିଶ୍ଚିନ୍ତ ଭାବରେ ଅନେକ ସମୟରେ ବିଭିନ୍ନ ଚ୍ୟାଲେଞ୍ଜକୁ ସାମ୍ନା କରିଥାଏ।


*ଓଏଫଏସ୍-୧*
*ରାୟଗଡ଼ା ବନ୍ୟ ଡିଭିଜନ, ରାୟଗଡ଼ା*
*ଦୂରଭାଷ : ୯୪୩୭୨୫୭୧୨୩*


# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

(ଭାଗ-୧)

**(ପୂର୍ବ ପ୍ରକାଶ ଉତ୍ତାରୁ...)**

'ଟୀକା ଗୋବିନ୍ଦଚନ୍ଦ୍ର' ଭଳି ସ୍ୱଚ୍ଛ ପୃଷ୍ଠା ବିଶିଷ୍ଟ ଗ୍ରନ୍ଥରେ! ଯୋଗୀନ୍ଦ୍ର ନାମକ ବିପ୍ର ଭିକ୍ଷାବୃତ୍ତି ଉଦ୍ଦେଶ୍ୟରେ ଅତୀତର ଏହି ସତ୍ୟ କାହାଣୀକୁ ଆବୃତ୍ତି କରି କଳିଯୁଗର ନର ନାରୀଙ୍କୁ ଯେଉଁ ଆତ୍ମ ସାକ୍ଷାତକାର କରାଉଥିଲେ, ବାସ୍ତବରେ ତାହା ଅବିସ୍ମରଣୀୟ! ଗାଁ ଦାଣ୍ଡରେ କେନ୍ଦରାର ଗୁଣୁ ଗୁଣୁ ସଙ୍ଗୀତର ମୂର୍ଚ୍ଛନାରେ ଉପଯୁକ୍ତ ଗୁରୁ ଗ୍ରହଣ କରି ଜୀବନର ମୋକ୍ଷ ପଥ ପ୍ରଦର୍ଶନ କରାଇଛନ୍ତି ବିପ୍ର ଯୋଗୀନ୍ଦ୍ର। ତାଙ୍କ ଦିବ୍ୟ ସନ୍ଦେଶରେ ସେ ଚେତାଇ ଦେଇଛନ୍ତି ଯେ ମାତୃକୃପା ଓ ଶ୍ରୀଗୁରୁଙ୍କ ଚରଣରେ ସମର୍ପିତ ଭାବରୁ ଗୋବିନ୍ଦଚନ୍ଦ୍ରଙ୍କୁ ଯେଉଁ ବିଜୟର ଟୀକା ପ୍ରାପ୍ତ ହେଲା, ତାହା ପ୍ରତ୍ୟେକ ମାନବଙ୍କ ପାଇଁ ଅନୁକରଣୀୟ!

ପ୍ରାର୍‌ବଧ କର୍ମର ଫଳ ଯୋଗୁଁ ଏକବିଂଶ ବର୍ଷ ବୟସ ଯୁବା କାଳରେ ମୃତ୍ୟୁ ଲଭିବା ପାଇଁ ବିଧି ନିର୍ଦ୍ଦିଷ୍ଟ ଥିବାସତ୍ତ୍ୱେ ଜୀବାତ୍ମା ସାଧନ ପଥରେ ଯାଇ ତିନିଲୋକରେ ହୋଇ ଯାଇଛି ଅମର! ଜନ୍ମ-ମୃତ୍ୟୁ ଚକ୍ରକୁ ଅତିକ୍ରମ କରି ସ୍ୱଦେହରେ ବିଷ୍ଣୁପୁରରେ ପ୍ରବେଶ କରିଛନ୍ତି! ଭକ୍ତିର ଚରମସୀମାକୁ ଛୁଇଁବାକୁ ହେଲେ ଦୁଃଖର ସାଗରକୁ ଅତିକ୍ରମ କରିବାକୁ ପଡ଼ିବ, ଏହି ସତ୍ୟ ସ୍ପଷ୍ଟ ହୋଇଛି ରାଜା ଗୋବିନ୍ଦଚନ୍ଦ୍ରଙ୍କ ଜୀବନରେ। ଗୁରୁକୃପାର ଅନନ୍ତକୋଳରେ ଆତ୍ମହରା ହୋଇ ରାଜ୍ୟ,ରାଜ ପ୍ରାସାଦ, ଧନଦୌଲତ, ଅନେଶତ ସୁନ୍ଦରୀ ରମଣୀଙ୍କୁ ତ୍ୟାଗ କରି ଗୁରୁ ମହାନତାର ଗୁଣକୁ ତାଙ୍କ ଜୀବନରେ ପ୍ରକାଶ କରିଛନ୍ତି! ଗୁରୁ ହିଁ ଭଗବାନ, ଭଗବାନ ହିଁ ଗୁରୁ! ଯିଏ ଯେଉଁ ଭାବରେ ତାଙ୍କୁ ଖୋଜନ୍ତି, ସେ ସେହିମତେ ରୂପ ବଦଳାଇ ଦିଅନ୍ତି! ଭକ୍ତିପଥର ପ୍ରଥମ ପାହାଚ ଗୁଡ଼ିକ ବଡ଼ ଦୁର୍ଗମ! ସେଇ ଦୁର୍ଗମ ବାଟରୁ ଗୁରୁରୂପୀ ଭଗବାନ ହାତ ଧରି ଉଠାଇ ନିଅନ୍ତି ମହାଶୂନ୍ୟକୁ, ଏହା ପ୍ରମାଣିତ ହୋଇଛି ରାଜା ଗୋବିନ୍ଦଚନ୍ଦ୍ରଙ୍କ ଜୀବନ କାଳରେ। ରାଜା ହୋଇ ଚଣ୍ଡାଳର ଗୋଡ଼ ଧରିବା ଭଳି ଜାଗତିକ ନ୍ୟୁନତାକୁ ଗ୍ରହଣ କରି ଲୋକଲୋଚନରେ ନିନ୍ଦିତ,**(କ୍ରମଶଃ...)**


ସମ୍ପାଦନା କାର୍ଯ୍ୟାଳୟ
ଏକମାତ୍ର
ପ୍ଲଟ୍-୧୮୬ ,ଲେନ୍-୨
ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୨୦
ଦୂରଭାଷ
୦୯୩୩୮୨୨୫୯୩୦
୯୪୩୭୧୩୩୭୭୭

ଉପନ୍ୟାସ




**ପୂ**ର୍ବରୁ ରକ୍ତବାନ୍ତି ହେଉଥିଲା ତାର। ଦେବଦାସ ପଚାରିଲେ କହୁଥିଲା..ପେଟ ଗରମ ହୋଇଯାଇଛି। ସଂସାର ଜଂଜାଳ ଭିତରେ ନିଜକୁ ଅବହେଳା କଲେ ଏମିତି ହୁଏ। ତୁ ବେସ୍ତ ହ'ନା। ମନଦେଇ ପାଠ ପଢ। ମାଣ୍ଡିଆ ଯାଉ, ମିଶ୍ରି ମିଶାଇ ଦିନା କେତେ ଖାଇଲେ ପେଟ ଥଣ୍ଡା ରହିବ ଆଉ ରକ୍ତ ପଡିବନି ବାନ୍ତିରେ। ଏତିକି କହି ସେ ଦେହ ମୁଣ୍ଡ ଆଉଁସି ପକାଏ। କଣ କଣ ସବୁ ଗୁଣୁଗୁଣାଏ। ତା ଆଖି ଭିଜି ଆସେ। କଣ୍ଠ ଥରିଯାଏ ଅବ୍ୟକ୍ତ ଯନ୍ତ୍ରଣାରେ। ସେତେବେଳେ ସେ ମମତ୍ୱବୋଧର ଛଳଛଳ ନଈଟିଏ ଭଳି ଖରସ୍ରୋତା ମନେହୁଏ। ଦେବଦାସ ତାକୁ ନିରେଖି ଦେଖେ। ଭାରି ସୁନ୍ଦର ଦିଶେ ମାଆ। ଆଗଠାରୁ ଅଧିକ।

ଦେବଦାସ ତଥାପି ବ୍ୟସ୍ତ ହୋଇ ପଚାରେ-ନିଜର ଧ୍ୟାନ ରଖ ମାଆ। ତୁ ହେଳା କରନି ରୋଗକୁ। ନହେଲେ ଚାଲ,ବୈଦ୍ୟଙ୍କୁ ଦେଖାଇବା।

ସେକିନ୍ତୁ ମାତୃତ୍ୱରେ ଉକୁଟି ଉଠି ଦେବଦାସକୁ କୋଳକୁ ଆଉଜେଇ ନେଇ କହେ-ତୁ କେବେ ଥକି ପଡିବୁନି ଧନ, ଯାହା ହେଲେ ବି ତୁ ପାଠ ପଢିବୁ। ଦରକାର ହେଲେ ଏ ଘରବାଡି ବନ୍ଧା ପକେଇ ଦେବି.. ଆହୁରି ଖଟିବି ତୋ ଭବିଷ୍ୟତ ପାଇଁ। ହେଲେ ତୋତେ ଏମିତି ହନ୍ତସନ୍ତ ହେବାକୁ ଦେବିନି ଏ ସ୍ୱାର୍ଥପର ସମାଜରେ ତୋ ବାପ ପରି! କେତେ ଦମ୍ଭ ଦିଏ ମାଆ ତାକୁ। ହାତଧରି ବାଟ କଢାଇନିଏ। କେତେବେଳେ ମଥାର ଛାତ ତ କେତେବେଳେ ଆକାଶର ସୂର୍ଯ୍ୟ! କେତେବେଳେ ପାଦତଳର ଭୂମି ତ ପୁଣି କେବେ ମଥାନର ଚାନ୍ଦ! ମାଆର ରୂପ ବଦଳିଯାଉଥାଏ ଆଖି ଆଗରେ..!! ସବୁ ଭୂମିକାରେ ମାଆର ରୂପ ଅବର୍ଣ୍ଣନୀୟ। ମାଆମାନେ କଣ ସତରେ ଏତେ ସୁନ୍ଦର? କେମିତି ସେମାନଙ୍କୁ ବିଧାତା ଗଢିଥାଆନ୍ତି କେଜାଣି! ମାଆ ଥିଲା ତ ସବୁଥିଲା ତା ପାଖରେ। ଅଭାବ ନଥିଲା ଜୀବନରେ। ସବୁ ଭଲ ଲାଗୁଥିଲା। ଦିନ ରାତି.. ଗ୍ରୀଷ୍ମ, ବର୍ଷା, ଶୀତ..ସବୁକିଛି। ଜୀବନର ଛନ୍ଦ ବି ନିଆରା ଥିଲା। କାହାକୁ ଭୟ କି ଖାତିର୍ ନଥିଲା।

ତାକୁ ଆଲୋକିତ କରିବାକୁ ନିଜେ ଜଳିଜଳି ଶେଷକୁ ଚାଲିଗଲା ସଂସାରରୁ। ଖୁବ୍ ଲଢିଛି ସେ ମରଣ ସହିତ। ମଲାପୂର୍ବରୁ ବି ସେ ଖଟିଛି ନିଜ ଘର ପାଇଁ। ତା ପାଇଁ। ହେଲେ ଆଉ ପାରିଲାନି ବିଚାରି! ତା ହାତମୁଠାରୁ ଅଦୃଶ୍ୟର ଆକର୍ଷଣ ଏତେ ଶକ୍ତ ହୋଇଗଲା ଯେ ମାଆକୁ ମାତ୍ର କେଇଟା ଝିଙ୍କାରେ ସେ ନେଇଗଲା ତା ପାଖକୁ। ମାଆକୁ କାଳେ କାଟିବ ବୋଲି ତା ହାତ ବି ଛାଡିଦେଲା ଦେବଦାସ। ବାସ୍ ସେବେଠାରୁ ନିଃସ୍ୱ ହୋଇଗଲା। ମଥାନ ଓ ଭୂମି ଉଭୟ ହରାଇଦେଲା ପରି ମନେହେଲା।

ଦିନା କେତେ ଗୁମ୍‌ସୁମ୍ ହୋଇଗଲା ଦେବଦାସ। କଣ କରିବ ନକରିବ ଭାବିଭାବି ଥକିପଡିଲା। କିଛି କରିବାକୁ ସାହସ କୁଳେଇଲା ନାହିଁ। ବହି ପତ୍ରରେ ଉଇ ଚରିଗଲେ। ଘର ଛାଉଣୀ ବି ହୋଇପାରିଲା ନାହିଁ। ଚୁଲି ଝିଙ୍କା ଭାଙ୍ଗିଗଲା। ମାଆ ସାଇତିଥିବା ଶୁଖିଲା ଜାଳ ବର୍ଷାରେ କାଉନ୍ଦା ହୋଇଗଲା। ବଳିଥିବା ଧାନ ବସ୍ତା ଓ ମୁଗରେ ପୋକ ଚରିଗଲେ। କୋଉଦିନ ଚାଉଳ ଦି'ଟା ଫୁଟାଏ ଡେକ୍‌ଚିରେ। ତା ବ ଅମଜା ରହିଯାଏ। ବାଡିର ଲଙ୍କା ଗଛ,କଖାରୁ ଗଛମାନେ ଝାଉଁଳି ପଡନ୍ତି। ସଜନାଗଛକୁ ସଁବାଳୁଆ ମାନେ ଚରିଗଲେଣି। ଅନ୍ୟମାନେ ନିର୍ଦ୍ୱନ୍ଦ୍ୱରେ ଡାଳ ଭାଙ୍ଗି ନେଇଯାଆନ୍ତି। ଆଗରୁ ମାଆ ଡରରେ କେହି ସାହସ କରୁନଥିଲେ ତାଙ୍କ ବାଡିଗଛରେ ହାତଦେବାକୁ। ହେଲେ ଆଜିକାଲି ସେ ବଂଚିଛି ବୋଲି ଲୋକେ ଅନୁଭବ କରିପାରନ୍ତିନି ବୋଧେ। ତାର ଏ ପରିବର୍ତ୍ତନରେ କିଛି ପ୍ରକୃତ ସାଙ୍ଗ ସାହାଯ୍ୟର ହାତ ବଢାନ୍ତି।

କେବେ କେମିତି ପାରୋ ଖାଇବାକୁ ଦେଇଯାଏ ତା ବାପ କଥାରେ। ତା ଦେହପା' ଓ ଭଲମନ୍ଦ କଥା ବି ବୁଝିଯାଏ। ଜୀଅନ୍ତା ଶବ ଭଳି ଦେବଦାସ ଚାହିଁ ରହେ ଆକାଶକୁ। ଖୋଜିହୁଏ ମାଆର ସାହାରା। ମାଆର ଅମୃତବୋଳା ଡାକ-ଦେବୁନା.ତେଯଉଁ ଡାକ ତାକୁ ଆଉ କେହି ବି ଡାକନ୍ତିନି!! ଦୂର ଦିଗ୍‌ବଳୟରେ ହଜିଯାଏ ସେ ଡାକ..। ଅତୀତର ଅଳନ୍ଧୁରେ ହଜିଯାଏ ସ୍ମୃତିତକ। କେହି କେବେ ଏତେ ଆଦରରେ ତାକୁ ଲୋଡନ୍ତିନି କି ଖୋଜନ୍ତିନି।

ଲୋକେ କହନ୍ତି-ଜମା ବିଶ୍ୱାସ କରନା ସେ ବାପଝିଅଙ୍କୁ। ତୋ ଘର ଡିହ ଉପରେ ସେମାନଙ୍କ ନଜର। ମହୁବୋଳା କଥା କହି ସେମାନେ ତୋ ଆଖିର କଳା ନେଇଯିବେ ଆଉ ତୁ ଭକୁଆ ହୋଇ ଚାହିଁଥିବୁ। ହେଲେ ଏସବୁ କଥା ଦେବଦାସ କାନରେ ପଶେନି। ଅନ୍ୟମାନେ ବି କୋଉ ସାହାଯ୍ୟର ହାତ ବଢେଇଥିଲେ ଯେ ସେ ସେସବୁ କଥାକୁ ଶୁଣିଥାଆନ୍ତା! ଆଗକୁ ବଢିବାର ଚିନ୍ତାରେ ସେ ପେଟ ବିକଳକୁ ବିସ୍ମରି ଯାଇଥିଲା! ଯାହାହେଉ ସେମାନେ ତା ଖବର ବୁଝୁଥିଲେ ତ!

ଅନ୍ୟମାନେ ତ ଓଲଟା ତାକୁ ବିଲକୁ ଧାନ ରୋଇଁବାକୁ ନହେଲେ ଧାନ କାଟିବାକୁ ଡାକୁଥିଲେ। ଘର ତିଆରି ପାଇଁ ମୂଲ ଲାଗିବାକୁ ବି ଉପଦେଶ ଦେଉଥିଲେ। ବୁଝାଉଥିଲେ-ତୋ ବାପାମାଆ ବି ତ ଏଇ କାମ କରୁଥିଲେ। ତୁ କୋଉ ଅଫିସରଟା କି ତୋର ଏତେ ବହପ! କାହାକୁ କାମ ମିଳୁନି। ଆଉ ଏ ବାବୁଙ୍କୁ କାମ ଗନ୍ଧାଉଛି। ତୋ ପାଇଁ କଣ କାହାର କାମ ଅଟକିଯିବ। ଖାଲି ବାପମାଆ ଛେଉଣ୍ଡ ବୋଲି ମନରେ ଦୟା ଆସୁଛି ବୋଲି। ନହେଲେ ଏକଥା କିଏ କାହିଁକି ବା ବୁଝେଇବ ଯେ! ଦେବଦାସ ଭାବେ ହଁ ସେମାନେ ସତ କହୁଛନ୍ତି। ଏସବୁ ନକରି ଆଉ ଚାରା ବା କଣ! ପେଟ ପାଇଁ ଏସବୁ କରିବାକୁ ହିଁ ହେବ। ନିଜ ମନକୁ ଦମ୍ଭ କରି ଦାଆ ନେଇ ଧାନ କାଟିବାକୁ ବାହାରିପଡେ। କେବେ କୋଦାଳ ଧରି ମାଟି ହାଣିବାକୁ। ଗୋଇଠି ଫାଟି ଆଁ କରିଛି। ହାତ ବି ଦାଆରେ କଟିଯାଇଛି କେଇବାର। ହିଡରେ ଛିଡାହୋଇ ପାର୍ବତୀ ଡାକୁଛି-

ଆସେ ଶୀଘ୍ର ..ଚକୁଳି ଥଣ୍ଡା ହୋଇଯିବ ଯେ!

ମୁଁ ଖାଇବିନି କହିଲି ପରା! ତୁ କଣ ଥରେ କହିଲେ ବୁଝିପାରୁନି। ଦେବଦାସ କହେ ବିରକ୍ତିରେ।

ଆରେ..ନ ଖାଇଲେ କାମ କେମିତି କରିବୁ? କାମ ନକଲେ ପେଟ ପାଳିବୁ କେମିତି? ଆକଟ କରେ ପାର୍ବତୀ

ତୁ ଆଉ ମୋ ଚିନ୍ତା କରି ମୋ କଟା ଘାଆରେ ଚୂନ ଲଗାନି ପାର।

ଏଁ ..ମୁଁ ତୋ ଭଲ ପାଇଁ କରୁଛି। ଆଉ ତୁ ଗାଳି କରୁଚୁ? ଅଭିମାନ କରେ ପାର୍ବତୀ।

ହଁ ମୁଁ ତୋ ଭଲ ଜାଣିପାରୁଛି। ତୁ ଆଉ ଏତେ ଭଲେଇ ହଅନି।

ହଉ ମୁଁ ଯାଉଛି। କିନ୍ତୁ ଯାହା ଯାହା ଆଣିଥିଲି ତୋ ପାଇଁ ସବୁ ଖାଇବୁ। କିଛି ଫିଙ୍ଗିବୁନି ତୋତେ ମାଆ ଜାଗୁଳେଇଙ୍କ ରାଣ। ଏତିକି କହି ଯିବାକୁ ବାହାରେ ସେ।

ତୋ ଜିନିଷ ନେଇଯାଆ। ମୋ କାମ ସହଜ ହୋଇଯିବ। ଆଉ ଫିଙ୍ଗିବାକୁ ପଡିବନି ଅନ୍ତତଃ ପକ୍ଷେ। **(କ୍ରମଶଃ...)**

## ବିଶେଷ କବିତା



**ଅକ୍ଷୟ ବେହେରା**

ମୁଁ ଯେ ଉତ୍ତାଳ ଫଗୁଣ
ଇର୍ଷାର ପାଚେରୀ ଗଢ଼ି
ପଥ ମୋର ରୋକି ଦିଅନାହିଁ
ମୁଁ ଯେ ଏକ ଶ୍ରୋତସ୍ୱିନୀ
ଗୁଞ୍ଜରିତ କରି ନିରବ ବନଭୂମି
ପୋଡାକ୍ଷେତ, ଉଜୁଡା ମାଟି
ଯାଉଥାଏ ବହି
କ୍ରୋଧର ପାହାଡ ନଦି
ପଥ ମୋର ରୋକିଦିଅ ନାହିଁ ...

ଝରା ଶେଫାଳିରେ ମନ ମୋ ଆତୁର
ଉଜୁଡା କ୍ଷେତରେ ଗାଏ ଜୀବନ ସଙ୍ଗୀତ
ପୋଡା ମାଟିର କରୁଣ ଗନ୍ଧରେ
ଆତ୍ମା ମୋର ଜରଜର
ସବୁଜ ଲହରରେ ବନ୍ଧା ମୋ ଜୀବନ ...



କାହାଡାକ ଶୁଣି ବାହାରି ପଡିଥିଲି
ଭିଟାମାଟିର ମୋହ କାଟି
ଭାବୁଛି ନିରର୍ଥକ ହୋଇନି ମୋ ଯାତ୍ରା
ଏ ବନ୍ଧୁର ପଥରେ
କାହିଁକି ରୋକୁଛ ପଥ ମୋର
ମୋର ଯେ ଯିବାକୁ ଅଛି
ଅନେକ ଦୂର ...
ଲଙ୍ଘି ବିଷର ବଳୟ
ଛୁଇଁବାକୁ ଅମୃତର କୁମ୍ଭ ....

(**କବି ଅକ୍ଷୟ ବେହେରା**ଙ୍କର ଶୀର୍ଷକ ନଥିବା ଏଇ କବିତାଟି ଫେସ୍‌ବୁକ୍ ସୌଜନ୍ୟରୁ ସଂଗୃହୀତ। ପାଠକ/ ପାଠିକାମାନଙ୍କୁ ଏହାର ଶୀର୍ଷକ ଦାୟିତ୍ୱ ଦେଉଛୁ।)

---

## ପଥର



**ପବିତ୍ର ବ୍ରହ୍ମପୁତ୍ର ନାୟକ**

ତମେ ଜାଣିଛ
ମୁଁ ଝିଅ
ହେଲେ ମୁଁ ଜାଣିଛି ମୁଁ ପଥର।
ମୋ ଦେହକୁ ଯେତେ ନିଲାମ କରୁଛ କର
ଯେତେ କରୁଛ କର ବିଭସ୍ତ।
ତମେ ଜାଣିଛ
ମୁଁ ଝିଅ
ହେଲେ ମୁଁ ଜାଣିଛି ମୁଁ ପଥର।
ମୋ ଦେହରେ ଯେତେ ଫୋଡୁଛ ଫୋଡ଼ କଣ୍ଟା
ଯେତେ ଦେଉଛ ଦିଅ ଚେଙ୍କ
କଦାପି ଆପତ୍ତି କରିବିନି ତମକୁ।



ତମେ ଜାଣିଛ
ମୁଁ ଝିଅ
ହେଲେ ମୁଁ ଜାଣିଛି ମୁଁ ପଥର।
ମତେ ନେଇ ତମେ ତମ ଗାଁରେ ପକାଓ କି
ଗଢ଼ ପାଚେରୀ
ଟିକେ ଇ ପ୍ରତିବାଦ କରିବିନି ତମକୁ
ମୁଁ ଜାଣିଛି ମୁଁ ପଥର
**(କୁନ୍ଦୁଲି ପୀଡ଼ିତାଙ୍କ ପାଇଁ .....)**

*ରାଜନଗର, କେନ୍ଦ୍ରାପଡ଼ା*

## ବଳୟ ଭିତରେ ଜୀବନଟିଏ

**ପାରମିତା ଷଡଙ୍ଗୀ**



**ପ**ଖାଳ କଂସାଟାକୁ ଧରି ଅଗଣାକୁ ଉଠି ଆସିଲା ସେ। ସେଇଟା ତା'ର ପୁରୁଣା ଅଭ୍ୟାସ। କେବଳ ବର୍ଷା ଦିନଟାକୁ ଛାଡିଦେଲେ ପ୍ରାୟ ଅଗଣାରେ ବସି ଖାଏ। ରାତିରେ ଖାଇବା ବେଳେ ମଝିରେ ମଝିରେ ଆକାଶକୁ ଚାହେଁ। ଖୋଜେ ସେ ତାରାଟାକୁ ଯେଉଁଟିରେ ନିଳୀମାର ମୁହଁ ଦେଖାଯିବ ବୋଲି। ପିଲାଦିନୁ ପୁଅକୁ ତାରାଟେ ଦେଖାଇ 'ଏଇ ଦେଖେ ଏଇ ତାରାଟା ତୋ ବୋଉ', କହୁ କହୁ, ସେ ବି ବିଶ୍ୱାସ କରିଯାଇଥିଲା ଆଉ ଖୋଜୁଥିଲା ତାରା ମାନଙ୍କ ଭିତରେ ନିଳୀମାକୁ।

ଅଗଣାରେ ବସିପଡି କଂସା ଭିତରକୁ ନଇଁକି ଚାହିଁଲା। ତା' ମୁହଁଟା କଂସାରେ ଝାପ୍‌ସା ଦେଖାଗଲା। ସେ କଂସାରେ ଜହ୍ନଟା ବି ଦେଖା ଯାଉଥିଲା। ସେ ତା' ମୁହଁଟାକୁ ଉପରକୁ ଟିକେ ପୁଣି ତଳକୁ ଟିକେ କରି ଆଡଜଷ୍ଟ କଲା। 'ହଁ ଏବେ ଠିକ୍ ହେଲା', ଭାତ କମ୍ ପାଣି ଅଧିକ ହେଲେ କ'ଣ ହେଲା, ଏବେ ଜହ୍ନଟା ତା'ମଥାର ମୁକୁଟ ପରି ଦେଖାଯାଉଥିଲା। ମୁଠାଏ ଭାତ ନେଇ ପାଟିରେ ପୁରାଇଥିଲା କି, 'ହି ... ହି'

'କିଏ .... କିଏ... ହସୁଛି?' ସେ ଚାହିଁଲା ବାମକୁ, ଡାହାଣକୁ, ଉପରକୁ।

'ମୁଁ ଏଇଠି ... ଏଇଠି ଅଛି। ଏଇ ମନ୍ଦାର ଗଛ ମ। ଦେଖ ତୁମ ସାମନା ଡାଳର ସବୁଠାରୁ ସାନ ପତ୍ରଟି।'

'ଓହୋ! ତୁ ହସୁଛି କାହିଁକି?'

'ତୁମ ପିଲାଳିଆମି ଦେଖି। ଅଶୀବର୍ଷର ବୁଢ଼ା ଜହ୍ନର ଛବିକୁ କଂସାରେ ଦେଖି କେତେ ଖୁସି - ହସ ଲାଗିବନି ତ ଆଉ କ'ଣ।'

ଲାଜଇ ଗଲା ସେ। ତଥାପି ଛାଡିଲାନି, ପୁଣି ଆରମ୍ଭ ହୋଇଗଲା ଯୁକ୍ତିତର୍କ।

'ଆରେ ବୁଢ଼ା ହୋଇଗଷଲ ତ' କ'ଣ ହେଲା। ବଞ୍ଚିବାର ଆଉ ସ୍ୱପ୍ନ ଦେଖିବାର ହକ୍ ଚାଲିଗଲା ନା କ'ଣ। ତା'ସ୍ୱରରେ ଟିକେ ରାଗ ଟିକେ କଷ୍ଟ ସ୍ପଷ୍ଟ ଜଣାପଡୁଥିଲା।

'ତୁ ତୋ ପୁଅ ପାଖକୁ ଚାଲିଯା। ଏଠି ଏମିତି ଏଇ ଭଙ୍ଗାଘରେ ପଡିଛୁ। ବାସି ପଖାଳ ଖାଉଛୁ। ଏ ବୁଢ଼ା ଶରୀରଟାକୁ ଠିକ ଖୋରାକ ଦରକାର। ନହେଲେ ବଞ୍ଚିବୁ କେମିତି? ସେଠି ଭଲ ଖାଇବାକୁ ମିଳିବ। ଯା ସେଠି ରହିବୁ। ପତ୍ରଟା ଦୁଃଖି ଜଣାପଡୁଥିଲା।

'ନା ଯିବନି। ଯେଉଁ ପୁଅକୁ ଜମିବାଡି ବିକି, ଅଧାପେଟ ରହି ଦିନରାତି ଖଟି ପାଠ ପଢ଼ାଇଥିଲି, ବାହାକଲି, ସେ ମୋତେ ଭୂଲି ଗଲାଣି। ଆଉ ତା' ଘରକୁ ଯିବି କାହିଁକି? 'ତା ଆଖିଟା ପାଣିଚିଆ ଦେଖାଗଲା, 'ନିଳୀମା ମଲାପରେ ମୁଁ ଆଉ ବାହା ହେଲିନି, ସେଇ ପୁଅକୁ ଚାହିଁ ଜୀବନ କଟାଇ ଦେଲି। ଆଜି ବୋହୂ କହୁଛି, ଗୋଟିଏ ବଖରାରେ ରୁହ ବାହାରକୁ ଆସନି। ମୋ ରୂପ ଭେକ ଦେଖି ସେମାନଙ୍କର ଇଜ୍ଜତ ପଳାଇ ଯିବ। ଏବେ କହ ମୁଁ ସେଠି କେମିତି ରହିବି? ଯେତେ ଭଲ ଖାଇବା ହେଉ ପଛେ।

ପତ୍ରଟା ଚାହିଁଲା ତା' ଡେମ୍ଫ ଉପରେ ଲାଗିଥିବା ପତ୍ରଟାକୁ। ତାକୁ ବି କେତେ ଦିନରୁ ଭଲ ଖୁରାକ ମିଳିନି। ଜ୍ୱରରେ କମ୍ପୁଛି ସେ ପତ୍ରଟି।

'ତାହେଲେ ଏବେ ତୁ' କ'ଣ କରିବୁ?' ସାନ ପତ୍ରଟା ପଚାରିଲା,

'ଏଇଠି ରହିବି ମୋ .... ଘରେ।'

'ମୋତେ ଡର ଲାଗୁଛି।'

'କାହିଁକି ଡରୁଛୁ। ମୁଁ ଅଛି ତୋ ପାଖରେ। ବୁଢ଼ା ହେଲେ କ'ଣ ହେଲା, ତୋ ଯତ୍ନ ନେଇପାରିବି।' ସେ ପତ୍ରକୁ ଆଶ୍ୱାସନା ଦେଉଥିଲା।

'ଏଇ ଦେଖତ, ସେ ପତ୍ରଟା କେମିତି କମ୍ପୁଛି। କାଳେ ତା'ର କ'ଣ ହେବ - କାଳେ ସେ ଖସିପଡିବ ତା' ଡାଳରୁ। ନେଇଯିବ ସେ ତା' ସହ ଗୋଟେ ଯୁଗର କାହାଣୀକୁ।' କହୁ କହୁ ଅନ୍ୟମନସ୍କ ହୋଇଗଲା ପତ୍ରଟି।

'ହଉ, ଭଲ, ତୁ ଡରନା। ମୁଁ ସଉପଟା ଆଣି ଏଇଠି ଶୋଉଛି।'

ସାନ ପତ୍ରର ଡରଟା ବୁଢ଼ାକୁ ବି ଗ୍ରାସ କଲା।

ସେ ସଉପ ଆଣିଲା। ବାଁ ହାତଟିକୁ ତକିଆ କରି ଗଡିପଡିଲା।

ସେ ତା ନିଜ ଇଲାକାର ସମ୍ରାଟ ଥିଲା। ଜହ୍ନ ଆଜି ତା ମୁକୁଟରେ ପରିଣତ ହୋଇଯାଇଥିଲା। କେତେଦିନର ନିଃସଙ୍ଗତା ପରେ ଏଇ ମନ୍ଦାର ଗଛର ପତ୍ରଟି ତା'ସାଥି ହୋଇଯାଇଥିଲା। ଏଇ କିଛି ସମୟ ଭିତରେ ତାକୁ କେତେଗୁଡିଏ ପଦ୍ୟାଂଶ ମିଳିଯାଇଥିଲା। ଯାହାକୁ ଯୋଡି ଯୋଡି ଆଜି ରାତିଟି କାବ୍ୟମୟ ହୋଇସାରିଥିଲା। ସତରେ ଆଉ କିଛି ଲୋଡା ନଥିଲା। ତା' ମନ ଭିତରେ ଅଦ୍‌ଭୂତ ପୂର୍ଣ୍ଣତାର ଲହଡି ପିଟି ହେଉଥିଲା। ଯେମିତି ସେ କେଉଁ ଏକ ଅଜଣା ଖୁସିର ବଳୟ ଭିତରକୁ ପଶି ପଶି ଯାଉଛି।

ସକାଳ ହେଲା। ସାନ ପତ୍ରଟା ଦୁଇବୁନ୍ଦା କାକରରେ ତା ନିଦୁଆ ଆଖିକୁ ସଫାକଲା। ଚମକି ପଡିଲା, 'ଏ କ'ଣ?'

ଜ୍ୱରରେ କମ୍ପୁଥିବା ପତ୍ରଟି ଖସି ପଡିଥିଲା ବୁଢ଼ାର ଉପରେ। ଆଉ ବୁଢ଼ାଟି ଶୋଇଥିଲା ପରମ ଶାନ୍ତିରେ ଠିକ୍ ଗୋଟେ ବିଜୟୀ ସମ୍ରାଟର ଭଙ୍ଗୀରେ। ସାନ ପତ୍ରଟି ଭାବୁଥିଲା ଏ ଘଟଣା ଗୁଡିକ କେତେ ବଦମାସ, ଏମିତି ଘଟିଯାଆନ୍ତି। କାହାକୁ କିଛି ନ ଜଣାଇ।

*ମାର୍ଫତ-ପ୍ରଫେସର ବଂଶୀଧର ଷଡଙ୍ଗୀ*
*ଗୁହାଳପଡା,ନିମାପଡା, ପୁରୀ*
*ମୋ-୯୮୬୭୧୧୩୧୧୩*

## କୁନାବାପାଙ୍କ କୁନିକଥା ୪୧



**ଏ**ଇ ଗଲା ରବିଗାର ଥିଲା ଉତ୍କଳ ଦିବସ। ୧୯୩୬ ମସିହା ଏପ୍ରିଲ ମାସରୁ ଆମ ରାଜ୍ୟକୁ ଏକ ନମ୍ବର ଭାଷା ଭିତ୍ତିକ ରାଜ୍ୟର ମାନ୍ୟତା ଦେଇଦେଲେ। ସେବେଠୁ ପ୍ରତିବର୍ଷ ଏପ୍ରିଲ ୧ ତାରିଖରେ ଆମେ ଉତ୍କଳ ଦିବସ ପାଳନ କରୁଛେ। ଆଉ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ବା ଓଡ଼ିଶା ପ୍ରଦେଶର ସ୍ୱପ୍ନ ଦେଖିଥିଲେ ମଧୁସୂଦନ ଦାସ ଓରଫ ମଧୁ ବାରିଷ୍ଟର (ଯଦିଓ ସେ ବାରିଷ୍ଟର ନଥିଲେ) ଯାହାଙ୍କୁ ଆମେ ଉତ୍କଳ ଗୌରବ ବୋଲି କହୁଛେ। ବଡ ସ୍ୱାଭିମାନୀ ଲୋକ ଥିଲେ ମଧୁବାବୁ। ଖଣ୍ଡେ ଚମଡା ଖରାପ ପଡିଲା ବୋଲି ସବୁ ଜୋତାକୁ ଫୋପାଡିବା ଭଳି ଚରମ ପଦକ୍ଷେପ କେବଳ ଜଣେ ସ୍ୱାଭିମାନୀ ହିଁ ନେଇପାରିବ। ତେବେ ଏପ୍ରିଲ ୬ ତାରିଖରେ ହୋଇଥିବା ଘଟଣାକୁ ୧ ତାରିଖକୁ କାହିଁକି ଘୁଞ୍ଚାଗଲା ଓ କିଏ ଘୁଞ୍ଚେଇଲା, ତା'ର କିଛି ତଥ୍ୟନାହିଁ। ତେବେ ସେଇ ଏପ୍ରିଲ ପହିଲାରୁ ଅଧିକାଂଶ ଲୋକ ଏପ୍ରିଲ ଫୁଲୁ ବା ବୋକା ଦିବସ ମନେଇଥାନ୍ତି। ସେମିତି ଅନେକ ବୋକା ବନେଇବା ଖବର ସାଙ୍ଗକୁ ଭିଡିଓ, କାର୍ଯ୍ୟକଳାପ ମଧ କରାଯାଏ, ସେଦିନ ସକାଳୁ। ତେବେ ଆମେ ଉତ୍କଳ ଦିବସ ପାଳିଲେ। ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବ ମଧୁସୁଦନଙ୍କ ନାମରେ ଏକ ସୁଦୀର୍ଘ ପୋଲର ଶୁଭ ଉଦ୍‌ଘାଟନ କରି ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ। ଦିନ ତମାମ 'ବନ୍ଦେ ଉତ୍କଳ ଜନନୀ' ସ୍ୱରରେ ପ୍ରକମ୍ପିତ ହେଉଥିଲା ରାଜଧାନୀ ସମେତ ରାଜ୍ୟ ତଥା ରାଜ୍ୟ ବାହାରେ ବସବାସ କରୁଥିବା ଓଡ଼ିଆ ଅଞ୍ଚଳରେ। ଏ ଭିତରେ ସରକାରଙ୍କର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଘୋଷଣାର କାର୍ଯ୍ୟକାରିତାର ଦିନ ବି ଥିଲା। ତେବେ ସୁଖେ ଦୁଃଖେ ସବୁ ଚଳେଇନେବାର କଳାଟିରେ ଆମେ ଭାରତୀୟ ଆଗରେ ଏବଂ ଓଡ଼ିଆ ସର୍ବାଗ୍ରେ ଥାଆନ୍ତି।

ସେଦିନ ସଂଧ୍ୟାରେ କୁନାବାପା ପହଞ୍ଚିଲେ ଖଟିରେ। ଦିନଯାକର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଧାରଣା, ସ୍ୱେଚ୍ଛାକୃତ ସେବା, ଫୁଲମାଳ ପ୍ରଦାନ ଓ ସ୍ଲୋଗାନ ଉପରେ ଚାଲିଥାଏ ଚର୍ଚ୍ଚା। ଗେଣ୍ଟୁବାବୁ କହିଲେ, ଏ ରାଜ୍ୟରେ ଖାଲି କଙ୍କଡା, ଗୋଡଟଣା ନୀତି। ଏତେ ବଡ ସେତୁଟାକୁ ବିଜୁବାବୁ ନାମ ନଦେଇ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ମଧୁବାବୁଙ୍କ ନାମରେ ନାମିତ କଲେ। ୟା'ଠୁ ବଡ ତ୍ୟାଗ, ଆଉ କ'ଣ ହୋଇପାରେ? ଦିଲନ ବାବୁ କହିଲେ, ଆହେ କି ପ୍ରତାରଣା? ଏପ୍ରିଲ ଫୁଲୁ କଲେ ଓଡ଼ିଆଙ୍କୁ। ସହଜେ ଏପ୍ରିଲ ଏକ ରବିବାର, ତେଣୁ ରବିବାରରେ କ'ଣ ସରକାରୀ କାମ ହୁଏ? ତେଣୁ, ଏପ୍ରିଲ ଏକରୁ ଭାଷା ଆଇନ କଡାକଡି ଲାଗୁହୋଇବ ଓ ଭାଷା ଆଇନ ଉଲ୍ଲଙ୍ଘନକାରୀଙ୍କୁ ହଜାରେରୁ ପାଞ୍ଚହଜାର ଟଙ୍କା ଦଣ୍ଡ ଦିଆଯିବ ବୋଲି ଘୋଷଣା କଲେ। ସହଜେ ସିଏ ଇଂରାଜୀ ପ୍ରିୟ ଲୋ,କ ତେଣୁ ଉତ୍କଳ ଦିବସ ସାଙ୍ଗକୁ ଓଡ଼ିଆଙ୍କୁ ଏପ୍ରିଲ୍ ଫୁଲୁ କଲେ। ଧଡୁବାବୁ କହିଲେ, ବର୍ଷଯାକତ ଇଂରାଜୀ ଦିବସ, ଏଇ ଗୋଟେ ଓଡ଼ିଆଙ୍କ ଦିବସ ଯେ, ସେଥିରେ ଏତେ ନଖରା କାହିଁକି ? ସର୍ବେ ଭବନ୍ତୁ ସୁଖୀନଃ।

**- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪**

## ବିଦଗ୍ଧ ପାଠକ

**ରୁଦ୍ରମାଧବ ସାହୁ**



ଡାକ ଯୋଗେ ଆସି ପହଞ୍ଚିଲା ପାର୍ସଲଟିଏ। ଖୋଲି ଦେଖିଲା ବେଳକୁ ଭିତରେ ଥିଲା ଗୋଟେ ଚିଠି ନାଁରେ ଖଣ୍ଡେ କାଗଜ ଆଉ ଏକ ପୁରୁଣା ମନିପର୍ସଟିଏ। 'ଆରେ ଇଏ ତ ମୋର ସେଇ ପର୍ସ... ଯୋଉଟା କି ଆଜକୁ ପ୍ରାୟ ଦଶ/ଏଗାର ଦିନ ତଳେ ଷ୍ଟେସନରେ ପକେଟମାର ହୋଇଯାଇଥିଲା...।' ସ୍ୱତଃ ତାଙ୍କ କଣ୍ଠ ନିସୃତ ହେଲା।

ମନରେ ତାଙ୍କର ସୃଷ୍ଟ ଏକ ଭାବାନ୍ତର। ମନେ ପକେଇଲେ ତାଙ୍କର ସେଇ ପର୍ସ ବିଷୟରେ। କ'ଣ ଥିଲା ତା'ଭିତରେ? ଥିଲା ତିନିଖଣ୍ଡ କାଗଜ, ଯେଉଁଥିରେ ଲେଖାଥିଲା ତାଙ୍କ ହୃଦୟର ଆବେଗ; ଦୁଇଗୋଟି ଅଣୁଗଳ୍ପ, ଗୋଟିଏ ଅସମାହିତ ଗଳ୍ପ ଓ ଏକ କ୍ଷୁଦ୍ରକବିତା ରୂପରେ। ଆଉ ତା'ସହ ଥିଲା ଟଙ୍କା...? ଧେତ୍ ... ଠିକ୍ ସେ ମନେ ପଡୁନି। ତା'ଛଡା ତାଙ୍କ ପରି ଉଦାରଚେତା ବ୍ୟକ୍ତି ବା ଭାବୁକଙ୍କ ପାଖରେ ଟଙ୍କା ଅତି ନଗଣ୍ୟ ନୁହେଁ କି! ଦେଣନେଣର ମାଧ୍ୟମ ମାତ୍ର, ବାସ୍... ସେତିକି ହିଁ ପରିଚୟ। ହଁ, ଏଇଆ ବାସ୍ ମନେ ପଡୁଛି ଯେ ସେଥିରେ ଥିବା ଟଙ୍କା କେଇଟି ମଧ ଟଙ୍କା ଅବସ୍ଥାରେ ନଥିଲା। ନେଇଯାଇଥିଲେ ସବୁ ସ୍ମାରକୀର ରୂପ ବେଶ୍ ଆତ୍ମୀୟତାର ସହ। କିନ୍ତୁ, ସେଇ ଲିଖିତ ଭାବାବେଗ କେଇଖଣ୍ଡ ସେଦିନ ଚୋରି ହୋଇଗଲା ପରେ ତାଙ୍କୁ ଯେତିକି କଷ୍ଟ ଦେଇଥିଲା, ଅନ୍ୟ କୌଣସି ଅର୍ଥଲୋଭୀ ବ୍ୟକ୍ତିର ଦୁଇ / ତିନିଲକ୍ଷ ଟଙ୍କା ଯିବାରେ ଯେତିକି ହୋଇଥା'ନ୍ତା ତା'ଠାରୁ ବି ଯଥେଷ୍ଟ ଅଧିକ। ଛାଡ, ଟଙ୍କା ସହ ସେସବୁର ତୁଳନା କରିବା ହିଁ ମୂର୍ଖାମୀ। କାରଣ, ସେସବୁ ଯେ ଅମୂଲ୍ୟ ଥିଲା ତାଙ୍କ ପାଇଁ...।

ତତ୍‌କ୍ଷଣାତ ସେ ଦେଖିବସିଲେ ଯେ ଅଜଣା ଚିଠିଟିକୁ। ଏକ ସୁଚିନ୍ତିତ ଗଠନମୂଳକ ମତାମତଟିଏ ଆଙ୍କିଦେଇଥିଲା ପରିସ୍ଥିତିର ଦାସତ୍ୱ ସ୍ୱୀକାର କରି ଜିଇଁବା ପାଇଁ ପକେଟମାର ପରି ଅପକର୍ମକୁ ଆବୋରି ବସିଥିବା ହୃଦୟବାନ୍ ବ୍ୟକ୍ତିଟିର କଲମ। ତା'ସହ ବେଶ୍ ସ୍ପଷ୍ଟ କରି ଲେଖିଥିଲା, ଏଇ କେଇଖଣ୍ଡ ଲେଖା ମୋ ଜୀବନ ଗତିପଥରେ ଭିନ୍ନ ଏକ ମୋଡ ଦେବାକୁ ଯଥେଷ୍ଟ ସମର୍ଥ ବୋଲି। ଆଉ ତପ୍ରେ ଲେଖକ ଜଣକ ଖୋଲି ଦେଖୁଥିଲେ ନିଜ ଫେରିପାଇଥିବା ପର୍ସଟିକୁ।

ହଁ, ଏବେ ମନେପଡୁଛି... ପର୍ସଟି ତାଙ୍କଠୁ ଦୂରେଇଯିବା ପୂର୍ବରୁ ସେଥିରେ ଥିଲା ପୁରୁଣା ମସିଆ ନୋଟ୍ ଦୁଇଖଣ୍ଡ ... ଗୋଟିକରେ ସଂଖ୍ୟାରେ ଲେଖାଥିଲା ୧୦୦ ଓ ଆରଟିରେ ୧୦; ଆଉ ସେଇ ଦୁଇଟି ମଧ ଲିଖିତ ମୂଲ୍ୟଠାରୁ ଯଥେଷ୍ଟ ଗୁଣରେ ଅଧିକ ମୂଲ୍ୟବାନ ମନେ ହେଉଥିଲେ ତାଙ୍କୁ। କାରଣ, ସେ ଦୁଇଟି ଦୁଇ ଭିନ୍ନ ଭିନ୍ନ ଅଭୁଲା ସ୍ମୃତିକୁ ନିଜ ସହ ଜଡାଇଧରି ଦର୍ଶନମାତ୍ରକେ ସ୍ମରଣ କରାଉଥିଲେ। ତେଣୁ, ସେ ଯଥାସମ୍ଭବ ସେସବୁକୁ ସାଇତି ରଖିବାକୁ ନିଜ ପାଖେ ନିଷ୍ପତ୍ତି ନେଇଥିଲେ। ହେଲେ ଏ କ'ଣ! ପର୍ସଟିରେ ଯେ ଏବେ ଅଧିକ ପଚାଶ ଟଙ୍କା ପଡିଛି!



ଅବାକ୍ ହୋଇ ଉପରକୁ ଚାହିଁ ବସିଥିଲେ ଭାବୁକ ମହାଶୟ। ମାତ୍ର ସଠିକ୍ ଭାବେ ଠଉରାଇ ପାରୁନଥିଲେ - 'ପକେଟମାର କରିଥିବା ଲୋକଟି ନିଜର ଚୌର୍ଯ୍ୟ ପ୍ରବୃତ୍ତି ପ୍ରତି ଅନୁତପ୍ତ ହୋଇ ସ୍ୱେଚ୍ଛାକୃତ ଭାବେ ଜୋରିମାନା ପୈଠ କରିଛି ଅବା ତାଙ୍କର ସାରସ୍ୱତ କୃତିର ମର୍ମେମର୍ମେ ଅନୁପ୍ରାଣିତ ହୋଇ ପ୍ରୋତ୍ସାହନ ରାଶି ଜ୍ଞାପନ କରିଛି!

*ମାର୍ଫତ୍ : ଅକ୍ଷୟ କୁମାର ସାହୁ*
*ବାଘମୁଣ୍ଡା, କାକଟପୁର, ପୁରୀ*
*ମୋ - ୭୩୭୭୧୩୫୮୭୮*



# ‘ଓଡ଼ିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ମୋର ଲକ୍ଷ୍ୟ’



**ବ୍ରହ୍ମପୁର :** ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ କଲେଜ ଖେଳପଡ଼ିଆଠାରେ ବିଜେଡି ପକ୍ଷରୁ ଅନୁଷ୍ଠିତ ହୋଇଥିଲା ମିଶ୍ରଣ ପର୍ବ ଓ କର୍ମୀ ସମାବେଶ। ଏହି ମିଶ୍ରଣ ପବରେ ଅନ୍ୟୂନ ୨୦ ହଜାର କର୍ମୀଙ୍କ ଗହଣରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିକ୍ରମ ପଣ୍ଡା, ଭଗବାନ ଗନ୍ତାୟତ, ସଞ୍ଜିତ ପାଣିଗ୍ରାହୀ, ବନମାଳି ସେଠୀ, ପ୍ରମୋଦ ଦାସ, ଦୁର୍ଗା ପଣ୍ଡା, ମଳୟ ବିଷୋୟୀ, ଶୂନ୍ୟ ଦାସଙ୍କ ସମେତ ୩୫ରୁ ଅଧିକ ପୂର୍ବତନ କଂଗ୍ରେସ ନେତା ବିଜେଡିରେ ଆନୁଷ୍ଠାନିକ ଭାବରେ ଯୋଗ ଦେଇଛନ୍ତି। ଜିଲ୍ଲା ବିଜେଡି ସଭାପତି ତଥା ଗୋପାଳପୁର ବିଧାୟକ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ମୁଖ୍ୟମନ୍ତ୍ରୀ। ଗ୍ରାମ୍ୟ ଜମି ଓ ପରଂବକ୍ ଜମି ଆଇନ ଯୋଗେ ଗରିବମାନଙ୍କୁ ଜମିପଟ୍ଟା ଦିଆଯାଇଥିବା ବେଳେ ବସ୍ତି ଉନ୍ନୟନ ମାଧ୍ୟମରେ ଅନଗ୍ରସର ଲୋକଙ୍କୁ ସହରାଞ୍ଚଳର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇପାରିଥିବାରୁ ଖୁସି ଜାହିର କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏବଂ କଂଗ୍ରେସ ତ୍ୟାଗ କରିଥିବା ଅନ୍ୟ ତୁଙ୍ଗ ନେତାମାନେ ରାଜ୍ୟର ବିକାଶଧାରାରେ ସାମିଲ ହେବାକୁ ଆଗେଇ ଆସିଥିବାରୁ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ ମୁଖ୍ୟମନ୍ତ୍ରୀ। ଓଡ଼ିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟ ଭାବରେ ପ୍ରତିପାଦିତ କରିବା ତାଙ୍କର ଲକ୍ଷ୍ୟ ଏବଂ ଭଲ ଭଲ ନେତା ବିଜେଡିରେ ସାମିଲ ହେବା ଏହି ଲକ୍ଷ୍ୟସ୍ଥଳରେ ପହଁଚିବାରେ ସହାୟକ ହେବ ବୋଲି ସେ କହିଥିଲେ। ଦୀର୍ଘ ୪୦ ବର୍ଷ କାଳ କଂଗ୍ରେସରେ ରହି ଲୋକଙ୍କ ସାମାଜିକ, ଅର୍ଥନୈତିକ ଉନ୍ନତି ଏବଂ ସୁରକ୍ଷା ପାଇଁ ଲଢ଼ିଆସିଥିବା ବେଳେ ଏବେ ଭାରତବର୍ଷର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବରେ ପ୍ରମାଣିତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ସ୍ୱୀକାର କରି ବିକାଶଧାରାରେ ସାମିଲ ହୋଇଥିବା ଚନ୍ଦ୍ରଶେଖର ସାହୁ କହିଥିବା ବେଳେ କଂଗ୍ରେସରେ ଗୋଡ଼ଟଣା ନୀତି ଏବଂ ବିଶୃଂଖଳା ଯୋଗୁଁ କର୍ମୀ ଓ ଜନସାଧାରଣଙ୍କ ପରାମର୍ଶକ୍ରମେ ବିଜେଡିରେ ସାମିଲ ହେଲେ ବୋଲି କହିଥିଲେ ବିକ୍ରମ ପଣ୍ଡା। ଜିଲ୍ଲା ବିଜେଡି ସଭାପତି ଡକ୍ଟର ପାଣିଗ୍ରାହୀ ବିଜେଡିରେ ସାମିଲ ହୋଇଥିବା ସମସ୍ତ ନେତା ଓ କର୍ମୀଙ୍କୁ ସ୍ୱାଗତ କରିଥିଲେ। ବ୍ରହ୍ମପୁର ବିଧାୟକ ଡାକ୍ତର ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଥିଲେ ଯେ, କଥା କମ୍ ଏବଂ କାମ ବେଶୀ ହେଉଛି ନବୀନ ପଟ୍ଟନାୟକ ଏବଂ ବିଜେଡିର କାର୍ଯ୍ୟଶୈଳୀ। ଜାତୀୟ ଦଳ କେବଳ କଥା କହନ୍ତି ହେଲେ କାମ କରନ୍ତି ନାହିଁ। ତେଣୁ ବ୍ରହ୍ମପୁରର ତୁଙ୍ଗ ନେତାମାନେ ଠିକ୍ ନିଷ୍ପତ୍ତି ନେଇ ବିଜେଡିରେ ସାମିଲ ହୋଇଥିବାରୁ ସେ ସାଧୁବାଦ ଦେଇଥିଲେ। ପୂର୍ବରୁ ବିଭିନ୍ନ କାର୍ଯ୍ୟରେ ସମାଲୋଚନା କରୁଥିବା ନେତାମାନେ ଏବେ ବିଜେଡିରେ ସାମିଲ ହେବା ଫଳରେ କାମ ଆଗେଇବ ଏବଂ ସେମାନେ ପୂର୍ବଭଳି ସମାଲୋଚନା ଏବଂ ମାର୍ଗଦର୍ଶନ କଲେ ହିଁ ଭୁଲ ଭଟକାର ସମାଧାନ ହୋଇ ବିକାଶ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ବ୍ରହ୍ମପୁର ସାଂସଦ ସିଦ୍ଧାନ୍ତ ମହାପାତ୍ର କହିଥିଲେ। ଖାଦ୍ୟ ଯୋଗାଣ, ସମବାୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ତାଙ୍କ ଭାଷଣରେ ବ୍ରହ୍ମପୁରର ତୁଙ୍ଗ କଂଗ୍ରେସ ନେତା ଓ ହଜାର ହଜାର କର୍ମୀଙ୍କୁ ବିଜେଡିକୁ ସ୍ୱାଗତ କରିବା ସହ ବାକିଥିବା ଅନ୍ୟ ଦଳର ନେତାମାନେ ମଧ୍ୟ ବିଜେଡିରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ ଆରୁଖ ମୁଖ୍ୟମନ୍ତ୍ରୀଙ୍କ ହାତମୁଠା ଟାଣ କରିବାରେ ଏହି ନେତାମାନଙ୍କର ସହଯୋଗ ଦଳକୁ ଆହୁରି ସଂଗଠିତ କରିବ ବୋଲି କହିଥିଲେ।

## ପିଇବା ପାଣି ସମସ୍ୟା ଉତ୍କଟ ରୂପ ଧାରଣ କରୁଛି

**ଖୋରଧା :** ସହର ଏବଂ ଏହାର ଆଖା ପାଖ ଅଞ୍ଚଳରେ ପିଇବା ପାଣି ସମସ୍ୟା ଉତ୍କଟ ରୂପ ଧାରଣ କରୁଛି। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା କୂଅ ପୋଖରୀ ଗୁଡ଼ିକରୁ ୭୦ଭାଗ ଜଳ ଶୁଖିଯାଇଥିବା ବେଳେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଗ୍ରାମପଞ୍ଚାୟତ ଗୁଡ଼ିକରେ ଅଚଳ ହୋଇ ପଡ଼ିଛି। ପଇବା ପାଣି ପାଇଁ ଗ୍ରାମାଞ୍ଚଳରେ ନଳ କୂପ ଗୁଡ଼ିକ ଏକ ମାତ୍ର ଭରସା ପାଲଟିଛି। ଅଧିକାଂଶ ଗ୍ରାମରେ ନଳ କୂପରୁ ପଥର ଗୁଣ୍ଡ ମିଶା ପାଣି ବାହାରୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବାରେ ଲାଗିଛି। ସଦର ମହକୁମାରେ ପାନୀୟ ଜଳ ଯୋଗାଣ ହେଉଥିବା ପଏଣ୍ଟ ଗୁଡ଼ିକରୁ ଜଳସ୍ତର ହ୍ରାସ ଘଟିଛି ଫଳରେ ଆବଶ୍ୟକୀୟ ଅନୁଯାୟୀ ଜଳ ଯୋଗାଣରେ ବାଧା ଉପୁଜିଛି। ଆଗକୁ ଗ୍ରୀଷ୍ମ ପ୍ରବାହ ବଢ଼ିବାକୁ ଥିବାରୁ ତୁରନ୍ତ ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିକାର ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ଫେନ୍‌ସା ପକ୍ଷରୁ ‘ୱାଟର ମନ୍ଥ’ ଉଦ୍‌ଯାପିତ

## ଭବିଷ୍ୟତ ପାଇଁ ଜଳ ସଂରକ୍ଷଣକୁ ଗୁରୁତ୍ୱ




**ଭୁବନେଶ୍ୱର :** ଭବିଷ୍ୟତକୁ ଦୃଷ୍ଟିରେ ରଖି ଜଳ ସଂରକ୍ଷଣ କରାନଗଲେ ଏହା ବିଶ୍ୱ ପାଇଁ ସଙ୍କଟ ସୃଷ୍ଟି କରିବ ବୋଲି ଦକ୍ଷିଣ ଏସୀୟ ସ୍ୱଚ୍ଛ ଜଳ ସଂରକ୍ଷଣ ସଂଗଠନ (ଫେନ୍‌ସା), ଭୁବନେଶ୍ୱର ପକ୍ଷରୁ ଆୟୋଜିତ ‘ୱାର୍ଲ୍ଡ ୱାଟର ମନ୍ଥ’ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଶେଷଜ୍ଞମାନେ ମତ ଦେଇଥିଲେ। ସ୍ଥାନୀୟ ନେହେରୁ ଯୁବ ପ୍ରତିଷ୍ଠାନରେ ଫେନ୍‌ସା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଳ ବିଶେଷଜ୍ଞ ଇଂ.ବିପିନ୍ ବିହାରୀ ପଣ୍ଡା, ବକ୍ତା ଭାବେ ଇଂ. ଏମ୍.ବିକେ ଚୌଧୁରୀ, ସୁବାଷ ଚନ୍ଦ୍ର ଚୌଧୁରୀ ପ୍ରମୁଖ ଯୋଗଦେଇ ନିରନ୍ତର ବିକାଶ ଧାରା-୬, ସ୍ୱଚ୍ଛ ଭାରତ ମିଶନ, ଜଳ ପରିମଳ ଅଧିକାର ଓ କାହାକୁ ପଛରେ ପକାଇବା ନାହିଁ ଉପରେ ଆଲୋକପାତ କରିଥିଲେ। ଭାରତ ପକ୍ଷରୁ ଫେନ୍‌ସାର ଆବାହକ ପୂର୍ଣ୍ଣଚନ୍ଦ୍ର ମିଶ୍ର ସ୍ୱାଗତ ସମ୍ଭାଷଣ ଦେଇଥିଲେ। ସୂଚନାଯୋଗ୍ୟ ଗତ ୧ମାସ ଧରି ରାଜ୍ୟର ୧୩ଟି ଜିଲ୍ଲାରେ ଜଳ ସଂରକ୍ଷଣକୁ ନେଇ ଫେନ୍‌ସାର ଜଳ ପରିମଳ ରଥ ପରିକ୍ରମା କରାଯିବା ସହ ୪୫ଟି ସ୍ଥାନରେ ସଭା ଏବଂ ୧୦୦ରୁ ଅଧିକ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ରାଜ୍ୟ ଆବାହକ ମନୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଜଳଯାତ୍ରା କାର୍ଯ୍ୟକ୍ରମରେ ଯାଇଥିଲେ। ଏଥିରେ ଯୁବତୀଙ୍କ ମାସିକ ଧର୍ମ ସମ୍ପର୍କିତ ତାଲିମ ଶିବିରରେ ବିଭିନ୍ନ ଜିଲ୍ଲାର ଅଧିକାରୀ, ସାମାଜିକ କର୍ମୀ ଓ ମହିଳାମାନେ ଯୋଗଦାନ କରିଥିଲେ।

## ଖୋରଧାରେ ୩୦ କୋଟି ୮୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ ମାର୍କେଟ କମ୍ପ୍ଲେକ୍ସ

**ଖୋରଧା :** ମହିଳା ମହାବିଦ୍ୟାଳୟ ନିକଟରେ ଥିବା ହାବେଳି ଠାରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୩୦ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ତିନି ମହଲା ବିଶିଷ୍ଟ ଏହି ମାର୍କେଟ କମ୍ପ୍ଲେସ ର ନାମ ଖୋରଧା ହାଟ ରଖା ଯିବା ପାଇଁ ସ୍ଥିର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୬୨୪ ଜଣ ବ୍ୟବସାୟୀଙ୍କୁ ଥଇଥାନ କରାଯିବ ପରବର୍ତ୍ତୀ ମୁହୂର୍ତ୍ତରେ ଆଉ ୪୦୦ଜଣ ବ୍ୟବସାୟୀଙ୍କୁ ଦୋକାନ ଗୃହ ଯୋଗାଇ ଦିଆଯିବା ପାଇଁ ସ୍ଥିର ହୋଇଛି। ହାବେଳି ଠାରେ ରେସିଡ଼େଣ୍ଟାଲ କମ୍ ମାର୍କେଟ କମ୍ପ୍ଲେସ ନିମନ୍ତେ ୧କୋଟି ବସ ଟର୍ମିନାଲ ନିର୍ମାଣ ପାଇଁ ୧ କୋଟି ଖୋରଧା ନୂଆବସଷ୍ଟାଣ୍ଡର ନବୀକରଣ ନିମନ୍ତେ ୧୦ଲକ୍ଷ ଏବଂ ଖୋରଧା ସହର ମଧ୍ୟରେ ଥିବା ପାର୍କ ଗୁଡ଼ିକର ଉନ୍ନତି କରଣ ନିମନ୍ତେ ୨୦ ଲକ୍ଷ ଟଙ୍କା ବ୍ୟୟ କରାଯିବା ପାଇଁ ବିଡ଼ିଏ କର୍ତ୍ତୃପକ୍ଷ ଅନୁମୋଦନ କରିଛନ୍ତି। ବି.ଡ଼ି.ଏ ର ଅଧ୍ୟକ୍ଷ ତଥା ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଖୋରଧାରେ ମାର୍କେଟ୍ କମ୍ପ୍ଲେସର ନିର୍ମାଣ କରାଯିବ ନିମନ୍ତେ ଆଲୋଚନା କରାଯାଇଥିଲା। ବ୍ୟବସାୟୀମାନେ ସ୍ଥାୟୀ ଦୋକାନ ଗୃହ ପାଇଁ ଦୀର୍ଘ ବର୍ଷ ହେଲା ଖୋରଧା ପୌରପରିଷଦ ନିକଟରେ ଆବେଦନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବ୍ୟବସାୟୀମାନଙ୍କୁ ଦୋକାନ ଗୃହ ଯୋଗାଇ ଦିଆଯାଇ ନାହିଁ। ସ୍ଥାୟୀ ଦୋକାନ ଗୃହଟିଏ ପାଇବା ପାଇଁ ବ୍ୟବସାୟୀମାନେ ୩୦୦୦ ଟଙ୍କା ଲେଖାଏଁ ପୌରପରିଷଦ ନିକଟରେ ଜମା କରିଛନ୍ତି। ଖୋରଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ପୌରାଧ୍ୟକ୍ଷା ବି.ଡ଼ି.ଏକୁ ଏହି ପ୍ରସ୍ତାବ ଦେଇଥିଲେ। ହାବେଳି ଠାରେ ଚାରିପଟ ପଥର ପାଚେରୀ ରାସ୍ତା ନିର୍ମାଣ ଓ ଖାଲୁଆ ଅଞ୍ଚଳକୁ ସମତଳ କରାଯାଇଛି। ସହରର ଛୋଟ ବଡ଼ ସମସ୍ତ ବ୍ୟବସାୟୀଙ୍କୁ ଦୋକାନ ଗୃହ ଯୋଗାଇ ଦେବା ସହିତ ଗାଡ଼ି ମଟର ଗୁଡ଼ିକର ପାର୍କିଂ ନିମନ୍ତେ ସୁବିଧା ଉପଲବ୍ଧ ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖୋଲିଲାନି ...

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଦୁର୍ମୂଲ୍ୟ ରତ୍ନ, ଅଳଙ୍କାର ତତ୍କାଳୀନ ଗଜପତି ମହାରାଜାଙ୍କ ସମୟରେ ରଖାଯାଇଥିଲା। ସେ ସମୟରେ ବିଭିନ୍ନ ରାଜ୍ୟ ଜୟ କରି ଶ୍ରୀନହରକୁ ଫେରିବା ସମୟରେ ରାଜା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏହା ସମର୍ପଣ କରିଥିଲେ। ତେଣୁ ରହସ୍ୟମୟ ରତ୍ନଭଣ୍ଡାର ଖୋଲାଯିବାକୁ ନେଇ ପ୍ରଶାସନର ପଦକ୍ଷେପ ଏବଂ ଯାଞ୍ଚ କମିଟିର କାର୍ଯ୍ୟ ଉପରେ ସମସ୍ତଙ୍କ ତୀକ୍ଷ୍ଣ ନଜର ରହିଥିଲା। ଗତ ବୁଧବାର ଯାଞ୍ଚ ପାଇଁ ଗଠିତ ଟିମ୍ ସହ ରତ୍ନଭଣ୍ଡାର ବାହାର ଘରେ ପହଞ୍ଚି ଆଉ ଭିତର ଘରକୁ ଖୋଲିପାରି ନଥିଲେ। ସେହିଠାରୁ ମାତ୍ର ୧୫ମିନିଟ୍ ଭିତରେ ଯାଞ୍ଚ ଶେଷକରି ବାହାରକୁ ଆସିଥିବା ଜଣାପଡିଛି। ଏହାରି ଭିତରେ ଯାଞ୍ଚ ପାଇଁ ରତ୍ନଭଣ୍ଡାରକୁ ଯାଇଥିବା ପ୍ରାଧିକୃତ ଅଧିକାରୀଙ୍କ ମଧ୍ୟରୁ କମିଟିର ଅଧ୍ୟକ୍ଷ ରତ୍ନଭଣ୍ଡାର ସିନ୍ଦୁକରେ ଝୁଣ୍ଟିପଡି ଆହତ ହୋଇଥିବା ଖବର ପ୍ରକାଶ ପାଇଥିଲା। ସମଗ୍ର ଯାଞ୍ଚ ପ୍ରକ୍ରିୟା ମାତ୍ର ୪୫ ମିନିଟ୍‌ରେ ଶେଷ ହୋଇଥିଲା ବୋଲି ସୂଚନା ମିଳିଛି। ଯାହାକୁ ନେଇ ସବୁ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ସନ୍ଦେହ ଦେଖାଯିବା ସହିତ କାହିଁକି ଭିତର କବାଟ ଖୋଲାଯାଇପାରିଲା ନାହିଁ ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଯାଞ୍ଚ ପରେ ଏ ସମ୍ପର୍କିତ ତଥ୍ୟ ବିଶେଷଜ୍ଞ କମିଟି ହାଇକୋର୍ଟଙ୍କ ନିକଟରେ ଦାଖଲ କରିଛନ୍ତି ଓ ଏଥିରେ ରତ୍ନଭଣ୍ଡାର ଭିତର ପାଖ ମରାମତି ପାଇଁ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ଅନୁଧ୍ୟାନକାରୀ ଦଳ ଯାଞ୍ଚ ପରେ କୌଣସି ସ୍ପଷ୍ଟ ସୂଚନା ନଦେବା ଘଟଣାକୁ ଆହୁରି ରହସ୍ୟାବୃତ୍ତ କରିଦେଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାହାର ଭଣ୍ଡାର ଜାଲିପଟେ ଭିତର ଭଣ୍ଡାର କାନ୍ଥ ଓ ଛାତ ସ୍ପଷ୍ଟ ଦେଖାଯିବାରୁ ଆଉ ଯାଞ୍ଚ କରିବାର ଆବଶ୍ୟକତା ପଡିଲାନାହିଁ ବୋଲି ଯେଉଁ ସଫେଇ ଦିଆଯାଇଛି ତାହା ସନ୍ତୋଷଜନକ ନୁହେଁ। ଏବେ ପୁରୀ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ ଯେଉଁ ମତ ଦେଇଛନ୍ତି ସେଥିରେ ଭିତର ଭଣ୍ଡାରର ଚାବି ନଥିବା କଥା ଉଠିଛି। ସେ କହିଛନ୍ତି ଯେ, ମନ୍ଦିର ଭିତର ଭଣ୍ଡାରର ଚାବି କେବେବି ଜିଲ୍ଲା ଟ୍ରେଜେରୀରେ ଜମା କରାଯାଇନାହିଁ। ତେଣୁ ଏବେ ସମସ୍ତଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠେ ଯେ, ଚାବି ଗଲା କୁଆଡେ ? ପୁରୀ ଜିଲ୍ଲାପାଳଙ୍କ ଏଭଳି ସୂଚନା ସମସ୍ତଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ହେଲେ ଗବେଷକମାନଙ୍କ ମତରେ ଭୟ ଓ ଅଘଟଣ ଆଶଙ୍କା କରି ଯାଞ୍ଚ ଟିମ୍ ଭିତର ଭଣ୍ଡାର ନ ଖୋଲି ଫେରି ଆସିଲେ। କିଛି ସେବାୟତଙ୍କ ମତରେ ଗଜପତି ମହାରାଜାଙ୍କ ଅନୁପସ୍ଥିତି ଯୋଗୁଁ ଭିତର ଭଣ୍ଡାର ଖୋଲାଯାଇପାରିଲାନାହିଁ। ଏଭଳି କିଛି ମତ ପ୍ରକାଶ ପାଇଛି ଯେ, କିଛି ସେବାୟତଙ୍କ ପ୍ରବଳ ବିରୋଧ ଯୋଗୁଁ ଏହା ସମ୍ଭବ ହୋଇପାରିଲାନାହିଁ। ହେଲେ କୋର କମିଟି ସଦସ୍ୟ ଜିସି ମିତ୍ରଙ୍କୁ ପଛରୁ ଧକ୍କା ଦିଆଯାଇ ଅଘଟଣ ଘଟାଯାଇଥିବା କଥା ଆଲୋଚନା ହେବା ଆହୁରି ଏକ ସନ୍ଦେହ ସୃଷ୍ଟି କରିଛି। ତେଣୁ ଭିତର ରତ୍ନଭଣ୍ଡାର ଖୋଲା ନଯିବା ପଛରେ ଚାପ କିମ୍ବା ଆଉକିଛି ରହସ୍ୟ ରହିଛି ତାହାକୁ କୋଟି କୋଟି ଜଗନ୍ନାଥପ୍ରେମୀ ଜାଣିବା ଅପେକ୍ଷାରେ ଚାହିଁ ରହିଛନ୍ତି।

### ଭଲ ବର୍ଷା ...

୮୮୭ ମିମି ବର୍ଷା ହୋଇଥାଏ। ସ୍କାଏମେଟ୍ ରିପୋର୍ଟରେ କୁହାଯାଇଛି, “ଜୁନ୍ ମାସରୁ ବର୍ଷା ଋତୁ ଆରମ୍ଭ ହୋଇ ସେପ୍ଟେମ୍ବରରେ ଶେଷ ହେବା ପର୍ଯ୍ୟନ୍ତ ଦେଶରେ ଭଲ ବର୍ଷା ହେବ। ଜୁନ୍ ମାସରେ ରେକର୍ଡ ପରିମାଣର ଅଧିକ ବର୍ଷା ହେବ। କିନ୍ତୁ ଜୁଲାଇ ମାସରେ ସ୍ୱାଭାବିକ ବର୍ଷା ଏବଂ ଅଗଷ୍ଟ ମାସରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ। ଅର୍ଥାତ୍ ଜୁଲାଇରେ ୯୭% ଓ ଅଗଷ୍ଟ ମାସରେ ୯୬% ବର୍ଷା ହେବ। ସେପ୍ଟେମ୍ବରରେ ପୁଣି ବର୍ଷା ଜୋର ଧରିବ ଓ ଅଧିକ ବର୍ଷା ହେବ। ସାଧାରଣତଃ ଜୁଲାଇ ଓ ଅଗଷ୍ଟ ମାସରେ ପ୍ରାୟ ଅର୍ଦ୍ଧାଧିକ ବର୍ଷା ହୋଇଥାଏ। ଫସଲ ପାଇଁ ଏହା ଅତି ଜରୁରୀ। ବିଶେଷକରି ଧାନ, କପା, ସୋୟାବିନ୍ ପ୍ରଭୃତି ଚାଷ ପାଇଁ ବର୍ଷା ନିହାତି ଆବଶ୍ୟକ ହୋଇଥାଏ। ଜୁନ୍‌ରେ ଅଧିକ ବର୍ଷା ହେବ ବୋଲି ଆଶା କରାଯାଉଥିଲା ବେଳେ ସେପ୍ଟେମ୍ବରରେ ମଧ୍ୟ ସ୍ୱାଭାବିକ ବର୍ଷା ଅର୍ଥାତ୍ ଏଲ୍‌ପିଏର ୧୦୧% ହେବ ବୋଲି ସ୍କାଏମେଟ୍ ପୂର୍ବାନୁମାନ କରିଛି। ସରକାରୀ ପାଣିପାଗ ସଂସ୍ଥା ‘ଭାରତୀୟ ପାଣିପାଗ ବିଭାଗ’ ଚଳିତ ମାସରେ ମୌସୁମୀ ବର୍ଷା ନେଇ ଖୁବ୍‌ଶୀଘ୍ର ଘୋଷଣା କରିବ।

### ମହାନଦୀରେ ...

ସମ୍ପୂର୍ଣ୍ଣ ଭାବରେ ମହାନଦୀକୁ ଜଳ ପ୍ରବାହ ବନ୍ଦ କରିଦେଇଥିବା ବେଳେ ଜଳଭଣ୍ଡାରରେ ପାଣି ସ୍ତର ଆଗକୁ ଆହୁରି ହ୍ରାସ ପାଇବାର ସମ୍ଭାବନା ରହିଛି। ଜଳସମ୍ପଦ ବିଭାଗର କହିବା ଅନୁସାରେ ଯଦି ଜଳସ୍ତର ୬୧୦ ଏକର ଫୁଟକୁ ଖସିଆସେ ତାହେଲେ ସ୍ଥିତି ସଙ୍ଗୀନ ହେବ। ଏପରିକି ଜଳସେଚନ ପାଇଁ ବିଭିନ୍ନ କେନାଲ୍ ମାଧ୍ୟମରେ ଛଡ଼ାଯାଉଥିବା ପାଣିକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦିଆଯିବ। ଏପରିକି ଜଳସ୍ତର ହ୍ରାସ ପାଇବା କାରଣରୁ ଚିପିଲିମା ସ୍ଥିତ ପାୱାର ଟନେଲ୍ ପ୍ରଭାବିତ ହେବ। ବିଜୁଳି ଉତ୍ପାଦନ ଏହା ଦ୍ୱାରା ବାଧାପ୍ରାପ୍ତ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ ଏହି ସ୍ଥିତିରୁ ମୁକୁଳିବା ପାଇଁ ରାଜ୍ୟ ସରକାର ଆଗୁଆ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ନିକଟରେ କେନ୍ଦ୍ର ସରକାର ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଘୋଷଣା କରିସାରିଥିବା ବେଳେ ବ୍ୟାରେଜ୍ ନିର୍ମାଣ ଉପରେ ସମ୍ପୂର୍ଣ୍ଣ ରୋକ୍ ଲାଗାଇବା ପାଇଁ ଓଡ଼ିଶା ପକ୍ଷରୁ ସାନି ଆବେଦନ କରାଯିବ। ଜଷ୍ଟିସ୍ ଏଏମ୍ ଖାନୱାଲକରଙ୍କୁ ଟ୍ରିବ୍ୟୁନାଲର ଅଧ୍ୟକ୍ଷ କରାଯାଇଥିବା ବେଳେ ପାଟନା ହାଇକୋର୍ଟରେ କାର୍ଯ୍ୟରତ ଜଷ୍ଟିସ୍ ରବି ରଞ୍ଜନ ଓ ଦିଲ୍ଲୀ ହାଇକୋର୍ଟର ବିଚାରପତି ଆଇକେ କୋଚର୍ ଏହାର ସଦସ୍ୟ ରହିଛନ୍ତି। ତେବେ ଟ୍ରିବ୍ୟୁନାଲର କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇନଥିବା ବେଳେ ଏହାର କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଭିତ୍ତିଭୂମି ମଧ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇ ନାହିଁ। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ କେନ୍ଦ୍ରକୁ ଚିଠି ଲେଖାଯାଇଛି। ଚିଠିରେ ଟ୍ରିବ୍ୟୁନାଲ ତାଙ୍କ ଶୁଣାଣି ଆରମ୍ଭ କରିବା ପାଇଁ କେନ୍ଦ୍ର ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ଅନୁରୋଧ କରାଯାଇଛି।

### ସବୁ ଚାଷୀଙ୍କୁ ...

କରିବା ପାଇଁ ବ୍ୟାଙ୍କ୍‌ଗୁଡ଼ିକ ପ୍ରସ୍ତୁତ ଥିବା ଶ୍ରୀମତୀ ଚୋପ୍ରା କହିଛନ୍ତି। ୨୦୧୮ ଖରିଫ ପାଇଁ ୭୨୦୦କୋଟି ଟଙ୍କାର ସମବାୟ ଫସଲ ଋଣ ବଣ୍ଟନ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହା ୨୦୧୭ ଖରିଫ ପାଇଁ ଧାର୍ଯ୍ୟ ହୋଇଥିବା ଋଣ ପରିମାଣ ତୁଳନାରେ ୨ଶହ କୋଟି ଟଙ୍କା ଅଧିକ। ଏଥିରେ ଖୋର୍ଦ୍ଧା ଜିଲ୍ଲା ପାଇଁ ୩୮୦ କୋଟି, କେନ୍ଦ୍ରାପଡ଼ା ପାଇଁ ୪୩୭ କୋଟି, ଯାଜପୁର ପାଇଁ ୪୨୬ କୋଟି, ବରଗଡ଼ ଜିଲ୍ଲା ପାଇଁ ୬୯୩ କୋଟି, ସମ୍ବଲପୁର ପାଇଁ ୩୦୦ କୋଟି, ସୁନ୍ଦରଗଡ଼ରେ ୩୭୫ କୋଟି, ଭଦ୍ରକରେ ୪୪୩ କୋଟି, ମାଲକାନଗିରିରେ ୫୧ କୋଟି, କନ୍ଧମାଳରେ ୫୪ କୋଟି ଓ ପୁରୀରେ ୧୭୫ କୋଟି ଟଙ୍କା ଋଣ ବଣ୍ଟନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଚାଷୀଙ୍କ ଆକାଉଣ୍ଟ୍‌କୁ ଋଣ ଅର୍ଥ ଯିବାର ଶେଷ ତାରିଖ ଜୁଲାଇ ୩୧ତାରିଖ ଧାର୍ଯ୍ୟ କରାଯାଇଛି। ଋଣ ନେଉଥିବା ସମସ୍ତ ଚାଷୀଙ୍କୁ ବାଧ୍ୟତାମୂଳକ ଭାବେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ କରାଯିବ। ଏପରିକି ଫସଲ ବୀମାରୁ କୌଣସି ଚାଷୀ (ଋଣୀ ଓ ଅଣଋଣୀ)ଙ୍କୁ ବଞ୍ଚିତ କରାଯାଇ ପାରିବ ନାହିଁ। ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଭାଗ ଚାଷୀ, ମୌଖିକ ଲିଜ୍ ନେଇଥିବା ଚାଷୀଙ୍କୁ ମଧ୍ୟ ଫସଲ ଋଣ ପ୍ରଦାନ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ପ୍ରତ୍ୟେକ ପ୍ୟାକ୍ସ ଅତିକମ୍‌ରେ ୧୦ଟି ଜଏଣ୍ଟ ଲାଇବିଲିଟି ଗ୍ରୁପ୍‌କୁ ଋଣ ଦେବା ସହ ଋଣ ମେଳାର ଆୟୋଜନ କରିବେ। ଏହା ବ୍ୟତୀତ ଋଣୀ ଚାଷୀଙ୍କୁ ପ୍ୟାକ୍ସ ମାଧ୍ୟମରେ ଉଚ୍ଚମାନର ବିହନ ଯୋଗାଇ ଦିଆଯିବ। କୃଷି ବିଭାଗ ଏହି ବିହନ ସବ୍‌ସିଡିକୁ ସିଧାସଳଖ ଚାଷୀଙ୍କୁ ସେମାନଙ୍କ ଆକାଉଣ୍ଟ୍ ମାଧ୍ୟମରେ ପ୍ରଦାନ କରିବ। ସେହିପରି ଋଣୀ ଚାଷୀଙ୍କୁ ପ୍ୟାକ୍ସ ମାଧ୍ୟମରେ ସାର ଯୋଗାଇ ଦିଆଯିବ। ଅଣ ଋଣୀ ଚାଷୀଙ୍କ ପାଇଁ ମଧ୍ୟ ପ୍ୟାକ୍ସରେ ଟଙ୍କା ଦେଇ ସାର କିଣିବାର ବ୍ୟବସ୍ଥା ଉପଲବ୍ଧ କରିବାକୁ ଶ୍ରୀମତୀ ଚୋପ୍ରା ଜିଲ୍ଲାପାଳମାନଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୭ ଖରିଫ ଋତୁରେ ୭ହଜାର କୋଟିର ଫସଲ ଋଣ ବଣ୍ଟନ ପାଇଁ ସମବାୟ ବିଭାଗ ନିଷ୍ପତ୍ତି ନେଇଥିଲେ ମଧ୍ୟ ୧୫ ଲକ୍ଷ ୮୭ ହଜାର ୧୩୭ଜଣ ଚାଷୀଙ୍କୁ ମାତ୍ର ୫୬୪୨.୬୧ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ସେହିପରି ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ୬ଲକ୍ଷ ୩୦ହଜାର ୫୫୬ ଜଣ ଚାଷୀଙ୍କୁ ୩୬୨୬.୩୭ କୋଟି ଟଙ୍କା ଋଣ ଦିଆଯାଇ ଥିଲା।

### ଆଗରେ ବିଜେଡି ...

ହାର ୬%ରୁ ୨୫.୮୪%କୁ ବୃଦ୍ଧି ପାଇଛି। ବିଜେଡିର ଭୋଟ୍ ହାର ୫୯.୫୨ ପ୍ରତିଶତ ରହିଛି। ସେହିଭଳି ହିନ୍ଦୋଳ ଏନ୍‌ଏସିରେ ବିଜେଡି ପ୍ରାର୍ଥୀ ୧୩ଟି ୱାର୍ଡରେ ବିଜୟୀ ହୋଇଥିବାବେଳେ ବିଜେପି ପ୍ରାର୍ଥୀ ବିଜୟ ସାହୁ ୧୬ନମ୍ବର ୱାର୍ଡରେ ଜିତିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଇନାୟତ ଉଲ୍ଲାହ ଖାନ୍(ୱାର୍ଡ ନଂ-୩) ଓ ଶ୍ୟାମଘନ ଭୂତିଆ(ୱାର୍ଡ-୧୦)ରେ ବିଜୟୀ ହୋଇଛନ୍ତି। ଏହି ଏନ୍‌ଏସିରେ ବିଜେଡିକୁ ସର୍ବାଧିକ ୪୧୪୪ଟି ଭୋଟ୍ ମିଳିଥିବାବେଳେ ବିଜେପିକୁ ୨୫୬୬ଟି, କଂଗ୍ରେସକୁ ୨୧୯ଟି ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ୧୧୩୪ଟି ଭୋଟ୍ ମିଳିଛି। ୨୦୧୩ ଏନ୍‌ଏସି ନିର୍ବାଚନରେ ହିନ୍ଦୋଳରେ ବିଜେପିକୁ ମାତ୍ର ୧୧% ଭୋଟ୍ ମିଳିଥିବାବେଳେ ଚଳିତଥର ୩୧.୮୨% ଭୋଟ୍ ମିଳିଛି। କଂଗ୍ରେସ ପୂର୍ବଥର ୩୧ ପ୍ରତିଶତ ଭୋଟ୍ ପାଇଥିବାବେଳେ ଏଥର ଦଳର ଭୋଟ୍ ହାର ୨.୭୨ ପ୍ରତିଶତକୁ ଖସି ଆସିଛି। ସ୍ୱାଧୀନ ପ୍ରାର୍ଥୀମାନେ ୧୪.୦୬% ପ୍ରତିଶତ ଭୋଟ୍ ଓ ବିଜେଡି ୫୧.୩୯ ପ୍ରତିଶତ ଭୋଟ୍ ପାଇଥିବା ଜଣାପଡ଼ିଛି।

### ଦଳ ପାଇଁ ...

କିନ୍ତୁ ଓଡିଶା ସରକାର ହେଉଛି ପୋଡା ଟ୍ରାନସଫର୍ମର । କେନ୍ଦ୍ରରେ ସରକାର ୧୧୬ ଯୋଜନା କରିଥିଲେ ମଧ ରାଜ୍ୟ ସରକାର ସେହି ଯୋଜନାଗୁଡିକୁ ସାଧାରଣ ଲୋକଙ୍କ ପାଖରେ ପହଂଚାଇ ପାରିନାହାଁନ୍ତି । ଓଡିଶାର ବିକାଶ ପାଇଁ ମୋଦି ସରକାର ବଦ୍ଧ ପରିକର । ମାତ୍ର ରାଜ୍ୟରେ ଥିବା ସରକାର ପୋଡା ଟ୍ରାନସଫରମର ଭଳି କାର୍ଯ୍ୟ କରୁଛି । ଟ୍ରାନସଫରମର ବଦଳାଇବା ପରିବର୍ତେ ଏହାକୁ ଓପାଡି ଫିଙ୍ଗିବାକୁ ଶ୍ରୀ ଶାହା ଆହ୍ୱାନ ଦେଇଛନ୍ତି । କିଏ ବିଧାୟକ ଅବା ମୁଖ୍ୟମନ୍ତ୍ରୀ ହେବ ସେଥିପାଇଁ ବିଜେପି ନିର୍ବାଚନ ଲଢେ ନାହିଁ କେବଳ ଗରୀବ ଲୋକଙ୍କ ଉନ୍ନତି ପାଇଁ ବିଜେପି ନିର୍ବାଚନ ଲଢେ ବୋଲି ଶ୍ରୀ ଶାହା କହିଛନ୍ତି। ଆଜି ବି ଓଡିଶାର ୫୦ ଲକ୍ଷ ଲୋକ କଚ୍ଚା ଘରେ ରହୁଛନ୍ତି । ସେହିପରି ରାଜ୍ୟରେ ୩୬ ପ୍ରତିଶତ ଘରେ ବିଜୁଳି ପଂହଚିପାରିନାହିଁ । କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନା ଅନୁସାରେ ୨୦୨୧ ପୂର୍ବରୁ ରାଜ୍ୟର ପ୍ରତି ଘରେ ବିଜୁଳି ପହଂଚାଇବା ଏବଂ ୨୦୨୨ ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନୁସାରେ ଓଡିଶାରେ ସମସ୍ତ ପରିବାରକୁ ପକ୍କା ଘର ଯୋଗାଇଦେବାର ଦାୟୀତ୍ୱ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ନେଇଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି। ରାଜ୍ୟରେ ଶାସକ ବିଜେଡିର ନେତାମାନେ ହିଂସା ପରାୟଣ ହୋଇ ଉଠିଛନ୍ତି । ଗତ ପଂଚାୟତ ନିର୍ବାଚନ ପରେ ୧୪ ଜଣ ବିଜେପି କର୍ମୀଙ୍କୁ ଶାସକ ଦଳର କର୍ମୀ ମାନେ ରାଜନୈତିକ ହତ୍ୟା କରିଛନ୍ତି । ମାତ୍ର ରାଜ୍ୟ ସରକାର ଅପରାଧୀ ମାନଙ୍କୁ ଦଣ୍ଡ ଦେବା ପରିବର୍ତେ ସୁରକ୍ଷା ଦେଇଆସୁଛି । ଆଗାମୀ ଦିନରେ ରାଜ୍ୟରେ ବିଜେପି ସରକାର ଆସିଲେ ଅପରାଧୀମାନେ ପାତାଳରେ ରହିଲେ ମଧ୍ୟ ସେମାନଙ୍କୁ ଗିରଫ କରି ଜେଲ ପଠା ଯିବ ବୋଲି ଶ୍ରୀ ଶାହା ଦୃଢୋକ୍ତି ପ୍ରକାଶ କହିଛନ୍ତି। ବିଜେପି କଦାପି ହିଂସାରେ ବିଶ୍ୱାସ କରେ ନାହିଁ। ମାତ୍ର ହିଂସାକାରୀଙ୍କ ବିରୁଦ୍ଧରେ ରାଜନୈତିକ ଆନ୍ଦୋଳନ ଗଢି ତୋଳିବାକୁ ଶ୍ରୀ ଶାହା ଦଳର ଯୁବ କର୍ମୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି। ପଶ୍ଚିମ ଓଡିଶାକୁ ରାଜ୍ୟ ସରକାର ବୈମାତୃକ ଦୃଷ୍ଟିକୋଣରେ ଦେଖୁଛନ୍ତି। ରାଜ୍ୟସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ରାଜ୍ୟରେ ଜଳସେଚନ ବ୍ୟବସ୍ଥା କରାଯାଇନାହିଁ । ରାଜ୍ୟରେ ମାତ୍ର ୩୩ ପ୍ରତିଶତ ଜମିକୁ ଜଳସେଚନର ବ୍ୟବସ୍ଥା ହେଇଛି। ସେହିପରି ରାଜ୍ୟର ପଶ୍ଚିମାଂଚଳରେ ମାତ୍ର ୧୧ ପ୍ରତିଶତ ଜମିକୁ ଜଳସେଚିତ କରାଯାଇଛି। ରାଜ୍ୟ ସରକାର କାହିଁକି ସବୁବେଳେ ପଶ୍ଚିମ ଓଡିଶାକୁ ଅଣଦେଖା କରୁଛନ୍ତି ବୋଲି ଶ୍ରୀ ଶାହା ପ୍ରଶ୍ନ କରିଛନ୍ତି।

### ଶାହାଙ୍କ କଥାକୁ ...

କ୍ଷମତାସୀନ ବିଜେଡି ସରକାରକୁ କଡ଼ା ସମାଲୋଚନା କରି ଆସନ୍ତା ସାଧାରଣ ନିର୍ବାଚନରେ ବିଜେପି ଓଡ଼ିଶାରେ ୧୨୦ରୁ ଅଧିକ ଆସନ ହାସଲ କରିବ ବୋଲି ଦମ୍ଭୋକ୍ତି କରିଛନ୍ତି। ଯାହା ଉପରେ ପ୍ରତିକ୍ରିୟା ଦେଇ ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଶ୍ରୀ ଶାହା ଅତିରଞ୍ଜିତ କରି କଥା କହୁଛନ୍ତି। ଅନ୍ୟପକ୍ଷରେ ବିଜେଡି ଉପସଭାପତି ତଥା ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ସମଗ୍ର ପଶ୍ଚିମ ଓଡ଼ିଶା ପ୍ରତି ଯଦି ବିଜେପିର ଏତେ ଦରଦ ରହିଛି ତା’ହେଲେ କୋଶଳୀ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କାହିଁକି ସାମିଲ ନକରି କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର ଚୁପ୍ ବସିଛନ୍ତି? ୧୨୦ରୁ ଉର୍ଦ୍ଧ୍ୱ ଆସନ ଜିତିବେ ବୋଲି ବିଜେପି ଜାତୀୟ ଅଧ୍ୟକ୍ଷଙ୍କ ଦମ୍ଭୋକ୍ତି ଉପରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ। ଯେଉଁମାନେ ଦିବାସ୍ୱପ୍ନ ଦେଖନ୍ତି ତାଙ୍କୁ କ’ଣ ଉତ୍ତର ଦିଆଯାଇପାରେ? ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ବିଜେପୁରର ଉପନିର୍ବାଚନ ଫଳାଫଳ କଥା ଅମିତ୍ ଶାହଙ୍କ କାନରେ ବୋଧହୁଏ ରାଜ୍ୟ ବିଜେପିର ନେତାମାନେ ପକାଇ ନାହାନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କଟାକ୍ଷ କରି କହିଛନ୍ତି।

## ରାଜଗଡ଼କୁ ‘ଆମ ଗାଁ ଆମ ବିକାଶ’ରେ ସାମିଲ

**କେନ୍ଦ୍ରାପଡ଼ା :** ମହାକାଳପଡ଼ା ବ୍ଲକର ରାଜଗଡ଼କୁ “ଆମ ଗାଁ ଆମ ବିକାଶ” କାର୍ଯ୍ୟକ୍ରମରେ ସରକାର ଅର୍ନ୍ତଭୂକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନବାବୁ ସରପଂଚ ପଦ୍ମନାଭ ପ୍ରତିହାରୀଙ୍କ ସହ ଏକ ଭିଡ଼ିଓ କନଫରେନସ୍‌ରେ ଏହା ଘୋଷଣା କରିଛନ୍ତି। ଯାହାଫଳରେ ପଚଂାୟତର ୯ଗୋଟି ପ୍ରକଳ୍ପର ଉନ୍ନତି ପାଇଁ ୩୭ଲକ୍ଷ ଟଙ୍କା ବ୍ୟୟର ଅଟକଳ ଅନୁମୋଦନ କରିଛନ୍ତି। ଏହି କାଯ୍ୟକ୍ରମରେ ବିଧାୟକ ଅତନୁ ସାବ୍ୟସାଚୀ ନାୟକ ,କେନ୍ଦ୍ରାପଡ଼ା ଜିଲ୍ଲାପାଳ ରେଘୁ ଜୀ,, ଡ଼ିଆରଡ଼ିଏ ପ୍ରକଳ୍ପ ନିର୍ଦ୍ଦେଶକ ଦୀଳିପ ପରିଡ଼ା, ମହାକାଳପଡ଼ା ବିଡ଼ିଓ ରମେଶ ଚନ୍ଦ୍ର ସେଠୀ, ସ୍ଥାନୀୟ ତହସିଲଦାର ନୀଳମାଧବ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରକଳ୍ପ ଗୁଡ଼ିକୁ ଚଳିତ ବର୍ଷ ଆର୍ଥିକ ବର୍ଷ ଭିତରେ ସମାପ୍ତ କରିବାପାଇ ମୁଖ୍ୟମନ୍ତ୍ରୀ ପରିମର୍ଶ ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ବେଗୁନିଆର ଅତିରିକ୍ତ ତହସିଲଦାର

**ଖୋରଧା :** ଏକ ଜମିର ମ୍ୟୁଟେସନ୍ କରାଇ ଦେବା ନିମନ୍ତେ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବେଗୁନିଆ ତହସିଲର ଅତିରିକ୍ତ ତହସିଲଦାର ଜୟଦେବ ଦଳେଇ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଛନ୍ତି। ବେଗୁନିଆ ତହସିଲ ଅଧିନସ୍ଥ କେନ୍ଦୁ ପଲ୍ଲୀ ଗ୍ରାମର ସର୍ବେଶ୍ୱର ବେହେରା ଏକ ଜମିର ମ୍ୟୁଟେସନ୍ ନିମନ୍ତେ ଅତିରିକ୍ତ ତହସିଲଦାର ସହିତ ଯୋଗା ଯୋଗ କରିବାରୁ ଏଥି ନିମନ୍ତେ ସେ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଶ୍ରୀ ବେହେରା ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ଜଗି ରହିଥିବାବେଳେ ଅତିରିକ୍ତ ତହସିଲଦାର ଜୟ ଦେବ ଦଳେଇ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ନିକଟରେ ଉପସ୍ଥିତ ଥିବା ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ତାଙ୍କୁ ଗିରଫ କରିବା ସହିତ ତାଙ୍କର ଭୁବନେଶ୍ୱର ଓ ବ୍ରହ୍ମଗିରି ଠାରେ ଥିବା ବାସ ଭବନରେ ଏକାସମୟରେ ଚଢାଉ କରିଥିଲେ।

## ପ୍ରଧାନମନ୍ତ୍ରୀ ରାସ୍ତା କାମରେ ଅନିୟମିତତା

**ସୋର :** ସୋର ନିକଟସ୍ଥ ଖଇରା ବ୍ଲକ୍‌ରେ ଆସନ୍ତା ନିର୍ବାଚନକୁ ଲକ୍ଷ୍ୟକରି ପ୍ରଧାନମନ୍ତ୍ରୀ ରାସ୍ତା କାର୍ଯ୍ୟ ଜୋରସୋରରେ ଚାଲିଛି। ମାର୍ଚ୍ଚ ମାସର କାର୍ଯ୍ୟବ୍ୟସ୍ତତା ଯୋଗୁଁ ସମ୍ପୃକ୍ତ ବିଭାଗର ଅଫିସରମାନେ ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ସମୟ ଦେଇପାରୁନାହାଁନ୍ତି। କେବଳ ଅଫିସରେ ବସି ଠିକାଦାରଙ୍କ ବିଲ୍ ପାସ୍ କରିବାରେ ବ୍ୟସ୍ତ। ସେପଟେ ରାସ୍ତାରେ ଯାଇନପାରି ଜନସାଧାରଣମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ରାସ୍ତାରୋକ, ସାମ୍ବାଦିକ ସମ୍ମିଳନୀ କରି ନିଜର ହକ୍ ପାଇବାକୁ ପ୍ରୟାସ କରିଛନ୍ତି। ଖବରରୁ ପ୍ରକାଶ ଯେ ଗଣ୍ଡିବେଡ଼ ନିକଟରେ ରାସ୍ତାକାମ ଚାଲିଥିବାବେଳେ ନିମ୍ନମାନର କଂଚାମାଲ ଠିକାଦାରଙ୍କ ଦ୍ୱାରା ବ୍ୟବହାର ହେଉଥିବାର ଗ୍ରାମବାସୀ କାମ ବନ୍ଦ କରିଦେଇଛନ୍ତି। ତୁଡ଼ିଗଡ଼ିଆରୁ ଡଗରପଡ଼ା ପର୍ଯ୍ୟନ୍ତ ୫ କିଲୋମିଟର ଆରଡି ରାସ୍ତାକୁ ପ୍ରଧାନମନ୍ତ୍ରୀ ରାସ୍ତାରେ ପରିଣତ କରିବା ପାଇଁ ଆସିଥିବା ୨ କୋଟି ଟଙ୍କାକୁ ରାତିଅଧିଆ ବେନିୟମ କାର୍ଯ୍ୟକରି ଟଙ୍କା ଉଠାଇବାକୁ ଚେଷ୍ଟା କରାଯାଉଛି ବୋଲି ଅଭିଯୋଗ ଆଣି ସାମ୍ବାଦିକ ସମ୍ମିଳନୀ କରିଛି ତୁଡ଼ିଗଡ଼ିଆ ବିକାଶ ପରିଷଦ। ଏହି ପରିଷଦର ସଭ୍ୟ ଏବଂ ଆଖପାଖ ଅଂଚଳର ଗ୍ରାମବାସୀ ଏହି ପ୍ରକାର ବେନିୟମ କାର୍ଯ୍ୟକୁ ଘୋର ବିରୋଧ କରିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ଯଦି ଦାବି ପୂରଣ ନହୁଏ ତେବେ ରାସ୍ତାରୋକ ଏବଂ ଧାରଣା ଦେବେବୋଲି ଚେତାବନୀ ଦେଇଛନ୍ତି। ରାସ୍ତାର ଦୁଇପାର୍ଶ୍ୱକୁ ୩ ମିଟର ଲେଖାଁଏ ଚଉଡ଼ା କରିବାପାଇଁ ପ୍ରୋଜେକ୍ଟ ଥିଲେ ମଧ୍ୟ ଠିକାଦାର ନାମକୁ ମାତ୍ର ୪ରୁ ୫ ଫୁଟ୍ ଚଉଡ଼ା କରି ରାତି ଅଧିଆ ଟ୍ରାକ୍ଟରରେ ମାଟି ପକାଇ କାମ କରିନେଉଛନ୍ତି। ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଂଟ ଏବଂ ଟ୍ରାନ୍ସଫର୍ମର ଉପଯୁକ୍ତ ସ୍ଥାନକୁ ନ ଘୁଂଚାଇ ରାସ୍ତାକାମ କରିଚାଲିଛନ୍ତି। ଯାହାଫଳରେ ଆଗାମୀ ଦିନରେ କୌଣସି ଅଘଟଣ ଘଟିବା ଅବଶ୍ୟାମ୍ଭବୀ ହୋଇପଡୁଛି। ନେସ୍କୋର ବରିଷ୍ଠ ଯନ୍ତ୍ରୀ କହିବାନୁସାରେ ଖୁଂଟ ଘୁଂଚାଇବା ପାଇଁ ଏଷ୍ଟିମେଟ କରି ନେସ୍କୋକୁ ଜଣାଇ କରିବା କଥା। କିନ୍ତୁ ଠିକାଦାର ଏହା ନକରି ସମସ୍ତ ଟଙ୍କାକୁ ହଡ଼ପ କରି ଏପରି ବେନିୟମ କାର୍ଯ୍ୟ କରୁଛି ବୋଲି ଅଭିଯୋଗ ଆଣିଛନ୍ତି ଦୀପକ କୁମାର ପାଣିଗ୍ରାହୀ, ସମିତି ସଭ୍ୟ ମନୋଜ ଦାସ, ଲକ୍ଷ୍ମଣ ପାଣ୍ଡିଆ, ପ୍ରଫୁଲ କୁମାର ସ୍ୱାଇଁ, ଅଶୋକ କୁମାର ନାଥ, ଅଜୟ ନାୟକ, ଦେବାଶିଷ ଘୋଡ଼ାଇ, ଗୟାଧର ଗାଆଁଣ, ଜଗନ୍ନାଥ ମଲ୍ଲିକ ଓ ସନ୍ତୋଷ ଘଡ଼େଇ।

# ଆଧୁନିକତା ଭିତରେ ବଞ୍ଚିରହିଛି ଦଶପଲ୍ଲାର ଲଙ୍କାପୋଡ଼ି ଯାତ୍ରା



ଉପସ୍ଥାପନା-ବରୁଣ କୁମାର ସାହୁ



**ବା**ସ୍ତବରେ କହିବାକୁ ଗଲେ ଓଡ଼ିଶାର ସହର ବଜାର ଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ସବୁଠି ରହିଛି ଯାତ୍ରାର ମହକ। 'ଯାତ୍ରା' – ଛୋଟିଆ ଶବ୍ଦଟିଏ। ମାତ୍ର ଶବ୍ଦଟା ଶୁଣିବା ମାତ୍ରକେ ମନରେ, ହୃଦୟରେ ଜାତହୁଏ ଏକ କେମିତି ପୁଲକ, ଏକ ଶୀହରଣ। ଆମ ଓଡ଼ିଶା ଯାତ୍ରାର ରାଜ୍ୟ। ଏଠି ମହକୁଥିବା ଯାତ୍ରାମାନଙ୍କ ମଧ୍ୟରେ ମହାବୀରକ୍ଷେତ୍ର, ଦଶପଲ୍ଲାର 'ଲଙ୍କାପୋଡ଼ି' ଯାତ୍ରା ସ୍ୱତନ୍ତ୍ର। ଦଶପଲ୍ଲାର ଆରାଧ୍ୟ ଶ୍ରୀ ଶ୍ରୀ ମହାବୀର ହନୁମାନଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଯାତ୍ରାଟି ଓଡ଼ିଶାର ତୃତୀୟ ପ୍ରାଚୀନତମ ଭାବେ ବିବେଚିତ। ମାତ୍ର ଯାତ୍ରାର ବିକାଶ, ମହକ ପାରମ୍ପରିକତା ତଥା ଜନପ୍ରାଣ ଗ୍ରାହ୍ୟତା ଦୃଷ୍ଟିରୁ ଏ ଯାତ୍ରା ଲଙ୍କାପୋଡ଼ି ଯାତ୍ରା ଭାବେ ସତରେ ଅନନ୍ୟ। ୧୮୦୨ ମସିହାରୁ ପ୍ରଚଳିତ ଐତିହ ଓ ପରମ୍ପରାର ସମନ୍ୱୟରେ ଆଜି ପର୍ଯ୍ୟନ୍ତ ଚାଲି ଥିବା ଏହି ଯାତ୍ରାର ମାହୋଲ ସମଗ୍ର ପରିବେଷକୁ ପ୍ରାୟ ୧୫ ଦିନ ଧରି ଚମକାଇଦେଇ ଥାଏ। ବିଭିନ୍ନ କୋଣ ଅନୁକୋଣରୁ ଆସୁଥିବା ଶ୍ରଦ୍ଧାଳୁ ପ୍ରଥମ ପର୍ଯ୍ୟାୟରେ ଏବଂ ସ୍ଥାନୀୟ ଜନସାଧାରଣ ଶେଷ ପର୍ଯ୍ୟାୟରେ 'ଯାତ୍ରା' ଉପଭୋଗ କରିଥାଆନ୍ତି। ବିଭିନ୍ନ ଦୋକାନବଜାର, ଦୋଳି, ମେଲୋଡ଼ି, ଯାତ୍ରା ରଂଗମଂଚ ଓ ଆତସବାଜୀର ପ୍ରଦର୍ଶନ ସତରେ ହୃଦୟସ୍ପର୍ଶୀ। ପ୍ରତେକ ବର୍ଷ କେବଳ ମଙ୍ଗଳ ରାତି ବୁଧ ପାହାନ୍ତିରେ ହିଁ ରାବଣ ପୋଡି ପାଳନ ହୋଇଥାଏ।

ଏ ଯାତ୍ରାର କଥାବସ୍ତୁ ଯେମିତି ସୁନ୍ଦର, ଏହାର ଗାଥା ବି ସେମିତି ଚମତ୍କାର। ଏ ଯାତ୍ରାକୁ ଦେଖିବାପାଇଁ ଓ ଅନୁଭବ କରିବାକୁ ଆମକୁ ଯିବାକୁ ପଡିବ ମହାବୀରକ୍ଷେତ୍ର ଦଶପଲ୍ଲାକୁ।

ଦେଖିବାକୁ ଗଲେ ମହାବୀରକ୍ଷେତ୍ର ଦଶପଲ୍ଲା ଓଡ଼ିଶାର ମଝାମଝି ସ୍ଥାନରେ ଅବସ୍ଥିତ। ଅଧୁନା ଏହା ନୟାଗଡ଼ ଜିଲ୍ଲା ର ଏକ ଅଂଗ ହୋଇଥିଲେ ମଧ୍ୟ ଏହାର ସରହଦ ଖୋର୍ଦ୍ଧା,କଟକ,ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାକୁ ଛୁଏଁ। ଆମର ରାଜ୍ୟ ରାଜଧାନୀ ଭୁବନେଶ୍ୱର ଠାରୁ ଜାତୀୟ ରାଜପଥ ନଂ -୫ ରେ ଖୋର୍ଦ୍ଧା ପର୍ଯ୍ୟନ୍ତ ୨୭ କିଲୋମିଟର ଯିବାପରେ ସେଠାରୁ ଜାତୀୟ ରାଜପଥ ନଂ.୫୭ରେ ୧୦୦ କିଲୋମିଟର ଯିବାପରେ ପଡ଼େ ଏ ପବିତ୍ର ସ୍ଥାନ ମହାବୀରକ୍ଷେତ୍ର। ପ୍ରାକ୍ ସ୍ୱାଧୀନତା କାଳରେ ଏହା ଥିଲା ଏକ ଗଡ଼ଜାତ।

ସତ କହିବାକୁ ଗଲେ ଲଙ୍କାପୋଡ଼ି ଯାତ୍ରା ହିଁ ଓଡ଼ିଶାର ପ୍ରଥମ ମୁକ୍ତ ରଙ୍ଗମଂଚଞ୍ଚ ତଥା ପ୍ରଥମ ବିସ୍ତୃତ ମଞ୍ଚ ଅଭିନୟ। ପ୍ରାୟ ଦେଢ଼ କିଲୋମିଟର ଅଂଚଳରେ ଆଉ ୫ ଗୋଟି ସ୍ୱତନ୍ତ୍ର ମୁକ୍ତ ମଂଚରେ ଅଭିନୀତ ହୁଏ ଲଙ୍କାପୋଡ଼ି ଯାତ୍ରାର ବିଭିନ୍ନ ଦୃଶ୍ୟାବଳୀ। ଲଙ୍କାପୋଡ଼ି ଯାତ୍ରାର ମୂଳକଥା ଶ୍ରୀରାମଲୀଳା ଅଭିନୀତ ହେଉଥିବାରୁ ସେହିକ୍ରମରେ ମଂଚଗୁଡିକର ନାମକରଣ ବି ରାମାୟଣଭିତିକ। ଏଇ ଯେମିତି ମନ୍ଦିର ସାମନାରେ ମୁଖ୍ୟମଂଚଞ୍ଚ, କନ୍ଦିସାହି ଛକରେ ମାଲ୍ୟବନ୍ତ ଗିରି, ଗଣେଶବଜାର ଛକରେ ସୁବଳ ଗିରି, ଲକ୍ଷ୍ମୀବଜାର ଠାରେ ଲଙ୍କାଗଡ଼ ଓ ଦୁର୍ଗାବଜାରର ଆମ୍ରକୁଞ୍ଜୀରେ ଶବରପଲ୍ଲୀ। ଆଜକୁ ଦୀର୍ଘ ୨୧୭ ବର୍ଷ ତଳେ ଏଭଳି କଳ୍ପନା କରିବା ବାସ୍ତବିକ୍ ବିରଳ।

ଏଠାରେ ଶ୍ରୀରାମଲୀଳାଭିନୟ ସଂପୂର୍ଣ୍ଣ ଗୀତିମୟ। ବିକ୍ରମ ନରେନ୍ଦ୍ର ଭଣିତ ଶ୍ରୀରାମଲୀଳା ପୋଥିକୁ ଅଭିନୟ ନିମନ୍ତେ ଗ୍ରହଣ କରାଯାଇଛି। ବିଭିନ୍ନ ଅଭିନେତାମାନେ ନିଜେ ଗୀତ ଗାୟନ ସହିତ ଅଭିନୟ କରିଥାନ୍ତି। ପୁରାଣପଣ୍ଡା ବା ଗାୟକ ଶ୍ରୀ ସଂଯୋଜକ ଭାବରେ କାର୍ଯ୍ୟ କରନ୍ତି। ଆଧୁନିକତାର ଜୟଯାତ୍ରା ସବୁଆଡ଼େ ଚାଲିଥିବାବେଳେ ଲଙ୍କାପୋଡ଼ି ଯାତ୍ରାରେ ଦେଖିବାକୁ ମିଳେ ପରମ୍ପରା ଓ ଐତିହ୍ୟର ଝଲକ। ଯଥା- ପାରମ୍ପରିକ ବାଦ୍ୟଯନ୍ତ୍ରଭାବରେ କେବଳ ଗୋଟାଏ ମୃଦଙ୍ଗ ଓ ଦୁଇହଳ ଗିନି ବ୍ୟତୀତ ଆଉକିଛି ଆଧୁନିକ ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏନା ଏଠାରେ। ସମଗ୍ର ଲୀଳାଟି ବିଭିନ୍ନ ଛନ୍ଦ ଓ ଶାସ୍ତ୍ରୀୟ ରାଗରେ ବର୍ଣ୍ଣିତ ହୋଇଥିବାବେଳେ ନୃତ୍ୟଟି ସଂପୂର୍ଣ୍ଣ ଲୋକନୃତ୍ୟ। ଏଠାରେ ଯେଉଁ ସାବଲୀଳ ଅଢ଼େଇପାଦିଆ ନୃତ୍ୟ ହୁଏ ତାହା ଓଡ଼ିଶା କାହିଁକି ସମଗ୍ର ଭାରତବର୍ଷର ଅନ୍ୟତ୍ର କେଉଁଠି ବି ଦେଖାଯାଏନା। ସତରେ ଏ ଲୀଳାଭିନୟ ଶାସ୍ତ୍ରୀୟ ସଂଗୀତ ଓ ଲୋକନୃତ୍ୟର ଏକ ମଞ୍ଜୁଳ ସୁସମନ୍ୱୟ। ଏତଦ୍‌ବ୍ୟତୀତ ସମାନ ଗୀତ ଓ ସମାନ ବାଦ୍ୟରେ ତିନିପ୍ରକାର ନୃତ୍ୟ ହୁଏ ଏଠାରେ ଯାହା ବାସ୍ତବିକ୍ ବିରଳ।

ଲଙ୍କାପୋଡ଼ି ଯାତ୍ରାର ପ୍ରାକ୍ ପ୍ରସ୍ତୁତି ଯେମିତି ଦମ୍‌ଦାର, ଦଶହରା ଦିନର ପୋଥି ପୂଜନ ପରେ ମନ୍ଦିର ବେଢ଼ାରେ ନୃତ୍ୟ, ସଂଗୀତ ତଥା ଅଭିନୟର ପ୍ରସ୍ତୁତି ବା ଆଖଡ଼ା ମଧ୍ୟ ସେମିତି ଚମତ୍କାର। ବାସ୍ତବରେ ଲଙ୍କାପୋଡ଼ି ଯାତ୍ରାର ମାହୋଲ ୧୧ ଦିନ ଧରି ବିଭିନ୍ନ ପର୍ଯ୍ୟାୟ କ୍ରମେ ଯଥା-ଶ୍ରୀରାମ ଜନ୍ମ,ତାଡକା ବଧ,ଶିବଧନୁ ଭଗ୍ନ,ସୀତା ବିବାହ,ପର୍ଶୁରାମ ଭେଟ,ଗଣ୍ଡା ବଧ, ଶ୍ରୀରାମ ବନବାସ,ଭରତ ମିଳନ,ବିରାୟୁଧ ବଧ,ସୀତା ହରଣ, ଶ୍ରୀରାମ ବିଳାପ,ବାଳିବଧ,ସୀତାଠାବ,ରାବଣ ଛତ୍ରଛେଦନ,କୁମ୍ଭକର୍ଣ୍ଣ ବଧ,ନାଗଫାସ ବନ୍ଧନ,ରାବଣବଧ ଅନୁଷ୍ଠିତ ହୁଏ।

ଗୋଟିଏ ଦିଗରେ ରାବଣ ସେନା ଓ କାଷ୍ଠନିର୍ମିତ ବିଶାଳକାୟ ରାବଣ ଓ ପୁଷ୍ପକଯାନ ଏବଂ ଅନ୍ୟଦିଗରେ ରଥରେ ରାମଲକ୍ଷ୍ମଣ ଯୁଦ୍ଧରତ। ଏକ ବିରାଟ ଯୁଦ୍ଧ ପଟୁଆର ହୁଏ ମୁଖ୍ୟ ମଞ୍ଚଠାରୁ ଲଙ୍କାଗଡ଼ ମଞ୍ଚ ପର୍ଯ୍ୟନ୍ତ। ବାଟରେ ସୁବଳଗିରି ମଞ୍ଚରେ ସ୍ଥୁଳଜଙ୍ଘ ବଧ ହେବା ପରେ ଲଙ୍କାଗଡ଼ରେ ରାବଣବଧ କାର୍ଯ୍ୟକ୍ରମ। ସେଠାରେ ଶ୍ରୀରାମ ବ୍ରହ୍ମଶର ପ୍ରୟୋଗ କରନ୍ତି ଯାହାକି ଶ୍ରୀରାମଙ୍କ ଧନୁରୁ ବାହାରି ରାବଣକୁ ବଧକରି ପୁନଶ୍ଚ ଶ୍ରୀରାମଙ୍କ ନିକଟକୁ ଫେରିଆସେ। ଏ ଦୃଶ୍ୟ ବାସ୍ତବିକ ଚମତ୍କାର। ତତ୍ପରେ ଆତସବାଜି ପ୍ରଦର୍ଶନ, ବିଭୀଷଣଙ୍କ ରାଜ୍ୟାଭିଷେକ, ସୀତାଙ୍କ ଅଗ୍ନିପରୀକ୍ଷା ଓ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ। ମହାବୀରକ୍ଷେତ୍ରର ରାଜଦାଣ୍ଡରେ ପୁଷ୍ପକ ବିମାନରେ ବସି ରାମ, ସୀତା ଓ ଲକ୍ଷ୍ମଣଙ୍କ ସହିତ ହନୁମାନ, ସୁଗ୍ରୀବ, ଅଙ୍ଗଦାଦି ବାନରସେନାଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନର ଦୃଶ୍ୟ ଯେମିତ ସ୍ୱର୍ଗୀୟ ମନେହୁଏ। ସେଭଳି ବିରଳ ଦୃଶ୍ୟ ଅନ୍ୟତ୍ର ଦେଖାଯାଏନା।







ଲଙ୍କାପୋଡ଼ି ଯାତ୍ରାର ପରିସମାପ୍ତି ହୁଏ ଶ୍ରୀରାମଙ୍କ ରାଜ୍ୟାଭିଷେକ ଉତ୍ସବରେ। ଅଯୋଧ୍ୟାରେ ଶ୍ରୀରାମ ସୀତାଙ୍କ ଅଭିଷେକ ଉତ୍ସବ ଦେଖିବା ଓ ସେମାନଙ୍କର ନଗର ଭ୍ରମଣକାଳରେ ଆଶୀର୍ବାଦ ନେବାପରି ମନୋରମ ଦୃଶ୍ୟ ଯାତ୍ରାର ଚରମ ଅନୁଭୂତି ଦିଏ।

ମୁଖ୍ୟ ମଞ୍ଚରେ ଅଭିନୀତ ହୁଏ ଶ୍ରୀରାମ ଅଭିଷେକ ପର୍ବ। ରାମସୀତା ସିଂହସନରେ ବସନ୍ତି। ଲକ୍ଷ୍ମଣ, ଭରତ ଛତ୍ର ଟେକନ୍ତି, ଶତ୍ରୁଘ୍ନ ଆଲଟ କରନ୍ତି ଓ ହନୁମାନ ପାଦସେବା କରୁଥାନ୍ତି। ସେଇଠି ପ୍ରଭୁ ସଭିଙ୍କୁ ବରଦାନ କରନ୍ତି ଓ ଭକ୍ତଶ୍ରେଷ୍ଠ ସେଇଠି ଆପଣାର ଛାତିଚିରି ରାମସୀତା ଛାତିଭିତରେ ଥିବାକଥା ସର୍ବସମକ୍ଷରେ ପ୍ରଦର୍ଶନ କରନ୍ତି। ଶ୍ରୀରାମଙ୍କ ନଗର ଭ୍ରମଣ ବେଳେ ସାଧାରଣ ଜନତା ବି ଦର୍ଶନ କରିବା ଭଳି ଅନନ୍ୟ ଦୃଶ୍ୟ ଏଇଠି ଦେଖିବାକୁ ମିଳେ।

କେତେକଥା ଏମିତି ଘଟେ ଆଉ କେତେକଥା ଲୁଚିଯାଏ ସମୟକ୍ରମେ। ସମୟ ସହିତ ତାଳଦେଇ ଅନେକ ଉତ୍‌ଥାନ ପତନ ଭିତରେ ବଂଚିରହେ ପ୍ରଥା, ପରମ୍ପରା, ଅନନ୍ୟ କଳା, ସଂସ୍କୃତି ,କାରିଗରୀ, ଲୋକନୃତ୍ୟ, ଲୋକସଂଗୀତ। ଆଉ ଏସବୁର ଏକ ମଧୁର ସମ୍ମିଶ୍ରଣ ମହାବୀରକ୍ଷେତ୍ର ଦଶପଲ୍ଲାର ଲଙ୍କାପୋଡ଼ି ଯାତ୍ରା। ସମ୍ଭବତଃ ସେଇଥିପାଇଁ ଏଠାକୁ ଅନେକ ସଂସ୍କୃତିପ୍ରେମୀ, ଐତିହ୍ୟପ୍ରେମୀ, ପରମ୍ପରାପ୍ରେମୀଙ୍କ ତଥା ବିଜ୍ଞ, ଗବେଷକ, ପାଠକ, ପାଇଁ ଏକ ଅନବଦ୍ୟ ଆକର୍ଷଣ ଏଯାବତ୍। ଥରେ ମହାବୀରକ୍ଷେତ୍ର ଦଶପଲ୍ଲାର ଲଙ୍କାପୋଡ଼ି ଯାତ୍ରା ନ ଦେଖିଲେ ମନେହେବ ରହିଗଲା ଯେପରି ଅନେକ ଅନେକ କଥା ,ଅବଶୋଷ ଓ ଅଙ୍ଗେନିଭା ଅପୁରଣୀୟ ଅଲିଭା କଥା.........।

*ଦଶପଲ୍ଲା*

# ୧୦ରୁ ଜଟଣୀ ପୁସ୍ତକ ମେଳା

**ଜଟଣୀ :** ଆସନ୍ତା ୧୦ ତାରିଖ ଠାରୁ ବିଂଶତମ ଜଟଣୀ ପୁସ୍ତକ ମେଳା ସ୍ଥାନୀୟ ଟାଉନ ହଲ୍‌ଠାରେ ଅନୁଷ୍ଠିତ ହେବ। ଜଟଣୀ ପୁସ୍ତକ ମେଳା ସମିତି ପକ୍ଷରୁ ସ୍ଥାନୀୟ ସ୍ୱସ୍ତି ଜ୍ୟୋତି ଶିକ୍ଷାନୁଷ୍ଠାନରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କୁମର ମୋହନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପସଭାପତି ବିପିନ୍ ବିହାରୀ ମହାନ୍ତି, ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, ସହସମ୍ପାଦକ ଶଶୀ ରଥ, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ରାଉତ, ପ୍ରତିଯୋଗିତା ସମ୍ପାଦକ ଭବାନୀଶଙ୍କର ମହାପାତ୍ର, କୋଷାଧ୍ୟକ୍ଷ କ୍ଷୀରୋଦ କୁମାର ନନ୍ଦ, ଉପଦେଷ୍ଟା ପ୍ରଫେସର ଅମରେନ୍ଦ୍ର ନାରାୟଣ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ବିଂଶତମ ପୁସ୍ତକ ମେଳା ସମ୍ବନ୍ଧରେ ବିଭିନ୍ନ ବକ୍ତବ୍ୟ ରଖିଥିଲେ। ଚଳିତ ବର୍ଷ ୫୦ରୁ ୬୦ଟି ପ୍ରକାଶନ ସଂସ୍ଥା ଏହି ପୁସ୍ତକ ମେଳାରେ ଯୋଗଦେବା ସହିତ ନୟାଗଡ ଜିଲ୍ଲାରୁ ନୂତନ ଭାବେ ୨ଟି ସଂସ୍ଥା ଯୋଗ ଦେବେ। ଉଦ୍‌ଘାଟନୀ ଉତ୍ସବ ୧୦ ତାରିଖ ଠାରୁ ଆରମ୍ଭ ହୋଇ ୧୬ ତାରିଖରେ ଉଦ୍‌ଯାପିତ ହେବ। ଏହି ଅବସରରେ ୧୪ ଜଣଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପୁସ୍ତକ ମେଳାକୁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀର ପ୍ରଫେସର ଅଦ୍ୱୈତ ଚରଣ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

# ଖୋରଧା ସହରରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା

**ଖୋରଧା :** ସହରରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ମଶାଙ୍କ ପ୍ରାଦୃର୍ଭାବ ବଢିବାରେ ଲାଗିଛି। ଫଳରେ ମ୍ୟାଲେରିଆ ଓ ଫାଇଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ପରିମଳ ବ୍ୟବସ୍ଥାରେ କୌଣସି ସୁଧାର ଆସୁ ନଥିବା ଏବଂ ନିୟମିତ ବ୍ୟବଧାନରେ ବ୍ଲିଚିଂ ପାଉଡ଼ର ଛିଞ୍ଚନ କରାଯାଉ ନଥିବାରୁ ମଶା ବଂଶ ବୃଦ୍ଧି ଭଳି ସମସ୍ୟା ଦେଖା ଦେଇଛି। ମଶାଙ୍କ ପ୍ରାଦୃର୍ଭାବ ଏତେ ପରିମାଣରେ ବଢି ଚାଲିଛି ଯେ, ସନ୍ଧ୍ୟା ଏବଂ ରାତ୍ରି ସମୟରେ ଘରେ କିମ୍ବା ବାହାରେ ଠିଆ ହେବା ଅସମ୍ଭବ ହୋଇ ପଡ଼ିଛି। ବିନା ମଶା ଧୂପରେ ଘରେ ରହିବା କଷ୍ଟକର ହୋଇ ପଡ଼ିଥିବା ବେଳେ ମଶା ବଂଶ ବୃଦ୍ଧି ଯୋଗୁଁ ମ୍ୟାଲେରିଆ ଓ ଫାଇଲେରିଆ ରୋଗ ବ୍ୟାପିବାର ଆଂଶଙ୍କାରେ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ଏହା ସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗ ତଥା ଜିଲ୍ଲା ପ୍ରଶାସନର ନିରବତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କର କାର୍ଯ୍ୟକାରୀ ହେଉଥିବା ରାଷ୍ଟ୍ରିୟ ମଶା ବାହାକ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଏଠାରେ ଦେଖିବାକୁ ମିଳୁ ନାହିଁ। ଫଳରେ ଅନ୍ୟ ସମସ୍ୟା ଭଳି ଏହି ସମସ୍ୟା ମଧ୍ୟ ବଢିବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗ ଖୋରଧା ପୌରପରିଷଦ କର୍ତ୍ତୃପକ୍ଷ ତଥା ଜିଲ୍ଲା ପ୍ରଶାସନ ଏ ସବୁର ପ୍ରତିକାର ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# କଳାହାଣ୍ଡିରେ ବନ୍ଦ ଶାନ୍ତିପୂର୍ଣ୍ଣ

**ଭବାନୀପାଟଣା :** ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିରୋଧ ଆଇନ ସମ୍ପର୍କରେ ସୁପ୍ରିମକୋର୍ଟ ଦେଇଥିବା ରୁଲିଂ ବିରୁଦ୍ଧରେ ଏସ୍‌ସି ଏସ୍‌ଟି, ଓବିସି ମିଳିତ କ୍ରିୟାନୁଷ୍ଠାନ ମଞ୍ଚ କଳାହାଣ୍ଡି ପକ୍ଷରୁ ଗତ ୨ ତାରିଖ ଦେଶରେ ଦିଆଯାଇଥିବା ବନ୍ଦକୁ ସମର୍ଥନ କରି କଳାହାଣ୍ଡି ଜିଲ୍ଲାରେ ସମସ୍ତ ଅଞ୍ଚଳରେ ବନ୍ଦ ପାଳିତ ହୋଇଛି। ଶାନ୍ତିପୂର୍ଣ୍ଣ ଭାବରେ ସମ୍ପନ୍ନ ହୋଇଥିବା ଏ ବନ୍ଦ ଫଳରେ ସମଗ୍ର ଜିଲ୍ଲାରେ ଯାନବାହାନ ଚଳାଚଳ ବନ୍ଦ ରହିବା ସହ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ବନ୍ଦ ରହିଥିଲା। ଭବାନୀପାଟଣା ସହରରେ କଲେଜ ଛକ, ଜଗନ୍ନାଥ ମନ୍ଦିର ଛକ, ରଜାବନ୍ଧ ଛକ, ଭବାନୀଶଙ୍କର ମନ୍ଦିର ଛକ, ଗୋଦାମପଡା ଛକ, ଘୋଡାଘାଟ ଛକ, ଜେଲ ଛକ ଓ ନକ୍‌ଟିଗୁଡା ଛକ ଠାରେ ଏସ୍‌ସି ଏସ୍‌ଟି, ଓବିସି ମିଳିତ କ୍ରିୟାନୁଷ୍ଠାନ କମିଟିର କର୍ମୀ ମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଆଜି ସକାଳୁ ପ୍ରାୟ ଦିନ ୨ଟା ପର୍ଯ୍ୟନ୍ତ ସହରରେ ଏକ ପ୍ରକାର ଅଚଳାବସ୍ଥା ଜାରି ରହିଥିଲା। ଏପରିକି ମୋଟର ସାଇକେଲ କିମ୍ବା ସାଇକେଲ କୁ ମଧ୍ୟ ଆନ୍ଦୋଳନକାରୀ ମାନେ ଅବରୋଧ କରିଥିଲେ। ପୂର୍ବତନ ସାଂସଦ ଭକ୍ତଚରଣ ଦାସ, କଂଗ୍ରେସ ଯୁବନେତା ଦେବୀ ସିନ୍ଦୁର, ଉଦୟ ସୁନାନୀ, ପ୍ରଶାନ୍ତ ନାଏକ, ସାମନ୍ତ ଖମାରୀ, ବିଜେଡି ଯୁବ ନେତା ଚକ୍ରଧର ସେଠୀ, ପୂର୍ବତନ ଉପନଗରପାଳ ଚିତ୍ତରଞ୍ଜନ ମଣ୍ଡଳ, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଧର୍ମେନ୍ଦ୍ର ନାଏକ, ଆଇନ ଜୀବି ଜଶୋବନ୍ତ ନାଏକ, ଆଦିବାସୀ ନେତା ପରମାନନ୍ଦ ମାଝୀ, ସମେତ ବହୁ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବନ୍ଦ ଯୋଗୁଁ ଆଜି ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ସମେତ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଭାବରେ ଠପ୍ ହୋଇଯାଇଥିଲା। ବନ୍ଦ ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଥିଲା। ଏପରିକି ଆଜି କଳାହାଣ୍ଡି ଯାନ୍ତ୍ରିକ ମହାବିଦ୍ୟାଳୟର ଚତୁର୍ଥ ବର୍ଷର ପରୀକ୍ଷା ଥିବା ବେଳେ ବହୁ ପରୀକ୍ଷାର୍ଥି କଲେଜକୁ ଯାଇପାରିନଥିଲେ। ତେବେ ଶେଷରେ ରାଜ୍ୟ ସରକାର ଆଜି ରାଜ୍ୟର ସମସ୍ତ ଯାନ୍ତ୍ରିକ ମହାବିଦ୍ୟାଳୟରେ ଥିବା ପରୀକ୍ଷାକୁ ଘୁଞ୍ଚାଇ ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ସୁପ୍ରିମକୋର୍ଟ ତଫସିଲଭୁକ୍ତ ଜାତି ଓ ଜନଜାତି ନିର୍ଯ୍ୟାତନା ଆଇନର ଦୁରପୋଯୋଗ ହେଉଥିବା ନେଇ ଟିପପଣୀ ଦେବା ସହ ଏହି ଆଇନରେ କେତେକ ପରିବର୍ତ୍ତନ କରିବା ପାଇଁ ରୁଲିଂ ଦେଇଛନ୍ତି। ଏହାର ପ୍ରତିବାଦରେ ଆଜି ବିଭିନ୍ନ ସଂଗଠନ ପକ୍ଷରୁ ଭାରତବନ୍ଦ ଡାକରା ଦିଆଯାଇଥିଲା। ସେହିକ୍ରମରେ କଳାହାଣ୍ଡି ଜିଲ୍ଲାରେ ଏସ୍‌ସି, ଏସ୍‌ଟି , ଓବିସି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭାରତବନ୍ଦକୁ ସମର୍ଥନ କରି କଳାହାଣ୍ଡି ବନ୍ଦ କରାଯାଇଥିଲା। ବନ୍ଦ ଯୋଗୁଁ ସହରରେ ଜନଜୀବନ ପ୍ରଭାବିତ ହୋଇଥିଲା।



ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୯ ଏପ୍ରିଲ - ୧୫ ଏପ୍ରିଲ, ୨୦୧୮







ଲିଟିଲ୍ ମିସ୍ ଗ୍ୟାଲାକ୍ସି ମ୍ରିଗାକ୍ଷୀ ଆର୍ କୁମାର ଏବଂ ଫେମିନା ମିସ୍ ଇଣ୍ଡିଆ ଓଡ଼ିଶାର ସୃତିକ୍ଷା ନାୟକଙ୍କୁ ସଚିବାଳୟରେ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

### ଫେସ୍‌ବୁକ୍ ନ୍ୟୁଜ୍ ସର୍ଭିସ 'ସୋସିଆଲ ମିଡିଆ ନ୍ୟୁଜ୍ ଗ୍ରୁପ୍' ତରଫରୁ ବିତର୍କ ଓ ସମ୍ବର୍ଦ୍ଧନା ଉତ୍ସବ

# 'ସ୍ୱାଭିମାନୀ ଲୋକଙ୍କ ସଂଖ୍ୟା କମିଛି'

**ଭୁବନେଶ୍ୱର :** ସାମ୍ପ୍ରତିକ ସମାଜରେ ସ୍ୱାଭିମାନୀ ଲୋକଙ୍କ ସଂଖ୍ୟା କମିବାରେ ଲାଗିଥିଲା ବେଳେ ତୋଷାମଦ କରିବାର ମାନସିକତା ବଢ଼ିଛି ବୋଲି ଫେସ୍‌ବୁକ୍ ନ୍ୟୁଜ୍ ସର୍ଭିସ୍ ସୋସିଆଲ ମିଡିଆ ନ୍ୟୁଜ୍ ଗ୍ରୁପ୍ ତରଫରୁ ଅନୁଷ୍ଠିତ ଏକ ବିତର୍କ ଓ ସମ୍ବର୍ଦ୍ଧନା ସଭା ଅବସରରେ ଏହା କହିଛନ୍ତି ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ। ଗତ ଶୁକ୍ରବାର ଜୟଦେବ ଭବନରେ ଏଫ୍‌ଏନ୍‌ବି ପକ୍ଷରୁ ଆୟୋଜିତ 'ଆଗେଇବ ଓଡ଼ିଆ, ଆଗେଇବ ଓଡ଼ିଶା' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଡାକ୍ତର ରାଉତ କହିଥିଲେ ଯେ, ଓଡ଼ିଆ ଲୋକେ ସବୁ କ୍ଷେତ୍ରରେ ଆଗେଇ ଚାଲିଛନ୍ତି। ହେଲେ ଓଡ଼ିଶା ପଛରେ ପଡ଼ି ଯାଇଛି। ଗତ ୬୮ ବର୍ଷରେ ଓଡ଼ିଶାର ଅନେକ ବିକାଶ ହୋଇଛି କିନ୍ତୁ ଯେଉଁ ମାତ୍ରାରେ ବିକାଶ ହେବା କଥା ତାହା ହୋଇପାରି ନାହିଁ। ଓଡ଼ିଆର ଉତ୍ଥାନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି କହିବା ସହ ଓଡ଼ିଶାର ଅତୀତ ଗୌରବମୟ ଓ ସମୃଦ୍ଧମୟ ଥିଲା ବୋଲି ଡାକ୍ତର ରାଉତ ମତ ରଖିଥିଲେ। ତେଣୁ ବର୍ତ୍ତମାନ ଉପରେ ଦଣ୍ଡାୟମାନ ହୋଇ ଅତୀତକୁ ମନେ ପକାଇ ଭବିଷ୍ୟତ ଲାଗି ପାଦ ବଢ଼ାଇବା ଦରକାର ବୋଲି ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ପୂର୍ବତନ ପିସିପି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଓଡ଼ିଶା ଆଗେଇ ନପାରିବା ଲାଗି ବିଭିନ୍ନ କାରଣ ଓ ସମସ୍ୟା ଦାୟୀ। ଓଡ଼ିଶା କୃଷି, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ବହୁ ପଛରେ ପଡିଯାଇଛି। ସରକାରୀ କଳର ଅବହେଳା କାରଣରୁ ଓଡ଼ିଶା ଆଜି ପଛରେ। ଓଡ଼ିଶାରେ ଚାଷୀ ଘୋର ଆର୍ଥିକ ସମସ୍ୟାରେ ଉବୁଟୁବୁ ହେଉଛି।





ବିତର୍କ ଆରମ୍ଭ ପୂର୍ବରୁ ଲେଖକ ଶିବାଶୀଷ ମହାପାତ୍ର, 'ଏକମାତ୍ର'ର ସମ୍ପାଦକ ତାରକ ମହାନ୍ତି ଓ ଏଫ୍‌ବିଏନ୍‌ଏସ୍‌ର ଆଡମିନ୍ ବିନାୟକ ଦାଶ ଆଲୋଚନାରତ।

ଶିକ୍ଷାକ୍ଷେତ୍ରରେ ୨୦-୨୫ବର୍ଷ ତଳେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଓଡ଼ିଶାର ୧୦ ପ୍ରତିଶତ ଛାତ୍ରଛାତ୍ରୀ ସଫଳତା ପାଉଥିଲା ବେଳେ ବର୍ତ୍ତମାନ ତାହା ଏକ ପ୍ରତିଶତରେ ସୀମିତ। ପୁରାତନ ଶିଳ୍ପସଂସ୍ଥାଗୁଡ଼ିକ ଅଚଳ ହୋଇ ଗଲାଣି। ସେଗୁଡ଼ିକର ପୁନରୁଦ୍ଧାର ପାଇଁ ବି ପ୍ରଚେଷ୍ଟା ହେଉନାହିଁ। ମହାନଦୀ ଜଳ ବିବାଦ ଓ ସୁବର୍ଣ୍ଣରେଖା ପ୍ରକଳ୍ପ କ୍ଷେତ୍ରରେ ସରକାରଙ୍କ ଅବହେଳା ପଦାରେ ପଡିଛି। ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟର ଏପରି ସ୍ଥିତି ରହିଲେ ଓଡ଼ିଶା କିଭଳି ଆଗେଇବ ବୋଲି ନିରଞ୍ଜନ ପ୍ରଶ୍ନ କରିଥିଲେ। ସେହିପରି ବିଜେପିର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ଉତ୍ସବରେ ଯୋଗଦେଇ କହିଥିଲେ ଯେ, ଗୋଟିଏ ଜାତିର ସ୍ୱାଭିମାନ ତା'ର ଭାଷା ଭିତରେ ଥାଏ। ହେଲେ ଓଡ଼ିଆ ଭାଷାକୁ ମାରିଦେବା ଲାଗି ଏଠାରେ ଚକ୍ରାନ୍ତ ଚାଲିଛି। ବହୁ ଚାପ ଓ ଆନ୍ଦୋଳନ ପରେ ଓଡ଼ିଆ ଭାଷା ଆଇନ୍ ପ୍ରଚଳନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଥିଲେ। ବରିଷ୍ଠ ସାମ୍ବାଦିକ ଦିଲୀପ ଶତପଥୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟଶାସନ ସଚିବ ସହଦେବ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ସୋସିଆଲ ମିଡିଆ ବ୍ୟବହାର କରୁଥିବା ଜନସାଧାରଣଙ୍କ ଦ୍ୱାରା ଅନ୍‌ଲାଇନ୍ ଭୋଟିଂ ମାଧ୍ୟମରେ ବଛା ଯାଇଥିବା ମୁଦ୍ରିତ ଓ ବୈଦ୍ୟୁତିକ୍ ଗଣମାଧ୍ୟମର କିଛି ଯୁବ ସାମ୍ବାଦିକଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହିତ ସାହିତ୍ୟ ଓ ସାମାଜିକ ସ୍ତରରେ ଅବଦାନ ପାଇଁ ସାହିତ୍ୟିକ କେଦାର ମିଶ୍ର, ବ୍ୟଙ୍ଗକବି କୁଳାଙ୍ଗାର, ବସ୍ତିନେତା ବୃନ୍ଦାବନ ଦାଶ ଆଜାଦ୍, ସୂଚନା ଅଧିକାର କର୍ମୀ ପ୍ରକାଶ ସାମନ୍ତସିଂହାର ଓ ଜନ ସଚେତନତା ପାଇଁ ବିଜୟ କୁମାର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏଫ୍‌ବିଏନ୍‌ଏସ୍ ସୋସିଆଲ ମିଡିଆର ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର କୋର୍ ଟିମ୍ ସଦସ୍ୟ ରାମଚଣ୍ଡୀ ରଣସିଂହ, ବିନାୟକ ଦାଶ, ସତ୍ୟଜିତ ବିମଳ ମିଶ୍ର, ସଞ୍ଜୀବ ପତ୍ରୀ, ରାଜେଶ ନାୟକ, ସମ୍ପିତ ନନ୍ଦ, ଦେବାଶିଷ ଖାଡେଙ୍ଗା, ଚିଦାନନ୍ଦ ଜେନା, ପ୍ରକାଶ ଭୂୟାଁ, ସୁବ୍ରତ ନାୟକ, ମୁରଲୀ ମୋହନ ବେହେରା, କିଶାନ ବରାଇ ଓ ଦେବାଶିଷ ପାତ୍ରଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ସମ୍ଭବ ହୋଇପାରିଲା।

# ଅଜିତଙ୍କୁ 'ଐତିହାସିକ ରାମଚନ୍ଦ୍ର ମଲ୍ଲିକ ସ୍ମୃତି ସମ୍ମାନ'



**ବଲାଙ୍ଗିର :** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର (ଶାଖା) ତରଫରୁ 'କୋଶଳ ପାଟଣା ଇତିହାସ' ପୁସ୍ତକର ପ୍ରଣେତା ସ୍ୱର୍ଗତ ରାମଚନ୍ଦ୍ର ମଲ୍ଲିକଙ୍କ ୧୫୧ତମ ଜୟନ୍ତୀରେ ଏକ ଭବ୍ୟ ସ୍ମୃତି ସଭାର ଆୟୋଜନ ହୋଇଥିଲା। ଅନୁଷ୍ଠାନର ଉପସଭାପତି ଅଚ୍ୟୁତାନନ୍ଦ ଉଦ୍‌ଗାତାଙ୍କ ସଭାପତିତ୍ୱରେ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଂପାଦକ ଧର୍ମବ୍ରତ ରଥ ସ୍ୱର୍ଗତ ମଲ୍ଲିକଙ୍କ ସ୍ମୃତିଚାରଣ କରି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସହ-ସଂପାଦକ ଡା. ଅଶୋକ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବିଶିଷ୍ଟ ଐତିହାସିକ ଡଃ ଶିବ ପ୍ରସାଦ ନନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ। ଡଃ ନନ୍ଦ ତାଙ୍କ ସାରଗର୍ଭକ ଭାଷଣ ମାଧ୍ୟମରେ କୋଶଳ ଇତିହାସର ସ୍ଥିତି ଓ ବିସ୍ମୃତି ଉପରେ ଆଲୋକପାତ କରି କୋଶଳାଞ୍ଚଳର ଅତୀତର ଐତିହ୍ୟ ବି ଷୟରେ ଆଗାମୀ ଯୁବପୀଢ଼ିଙ୍କୁ ସଚେତନ କରାଇଥିଲେ।

ଏହି ଅବସରରେ ସଂକ୍ଷିପ୍ତ କୋଶଳ ପାଟଣା ଇତିହାସର ପ୍ରକାଶକ ତଥା 'ଏକମାତ୍ର'ର ବଲାଙ୍ଗିର ପ୍ରତିନିଧି ଓ ବୀଣାପାଣି ପ୍ରକାଶନର ସ୍ୱତ୍ୱାଧିକାରୀ ଅଜିତ୍ କୁମାର ମହାନ୍ତିଙ୍କୁ 'ଐତିହାସିକ ରାମଚନ୍ଦ୍ର ମଲ୍ଲିକ ସ୍ମୃତି ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଭାରେ ପ୍ରକାଶକ ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ମଲ୍ଲିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ମଲ୍ଲିକଙ୍କ 'ବୃହତ୍ କୋଶଳ ଅନ୍ତର୍ଗତ ଓଡ଼ିଶା ଇତିହାସ' ସମ୍ପର୍କରେ ଅବଗତ କରିଥିଲେ। ୨୧୫୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକ ଓଡ଼ିଆ ଓ ଇଂରାଜୀରେ ୨ଗୋଟି ପାଣ୍ଡୁଲିପି ପ୍ରକାଶ ପାଇବ ବୋଲି କହିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ କସ୍ତୁରୀ ରଥ ମାନପତ୍ର ପଠନ କରିଥିଲେ। ଡଃ ଅଭିମନ୍ୟୁ ମିଶ୍ର ସ୍ତମ୍ଭକାରୀ ନାମଯଜ୍ଞ ମିଶ୍ର, ଡଃ ଗୋପବନ୍ଧୁ ରଥ, ଡଃ ଭବାନୀଶଙ୍କର ପଟେଲ ପ୍ରମୁଖ ଐତିହାସିକ ଶ୍ରୀରାମଚନ୍ଦ୍ର ମଲ୍ଲିକଙ୍କ ଅମ୍ଲାନ ପ୍ରତିଭାକୁ ସ୍ମରଣ କରିବା ସହ ଅଞ୍ଚଳର ପ୍ରାଚୀନ କିର୍ତ୍ତୀ ରାଜି ଉପରେ ଆଲୋଚନା କରିଥିଲେ। ସମାରୋହରେ ଉପସ୍ଥିତ ରହି ଡଃ ଗୋବରୀଶ ରଥ, କପିଳ ପତି, ପ୍ରଭାକର ମିଶ୍ର, ତରୁଣ ମିଶ୍ର, ଆକୁଳ ବେହେରା ଡଃ. ଗୋଦାବରୀଶ ରଥ, ସୁଶ୍ରୀ ସରଳା ପାଢ଼ୀ, ରାମଚନ୍ଦ୍ର ପଟେଲ, ବ୍ରଜଭୂଷଣ ଦାଶ, କିଶୋର ମୋହନ ମିଶ୍ର, କୃଷ୍ଣ ଚନ୍ଦ୍ର ମହାକୁର, ପ୍ରସନ୍ନ କୁମାର ମିଶ୍ର, ଆନନ୍ଦ ବଡପଣ୍ଡା, ଗୋପବନ୍ଧୁ ପୁରୋହିତ, ସତ୍ୟବ୍ରତ ରଥ, ବଳିଷ୍ଠ ପ୍ରଧାନ, ପୀତବାସ ପଣ୍ଡା, ସତ୍ୟାନନ୍ଦ ବିଶ୍ୱାଳ, ଶୁଭ୍ରାଂଶୁ ଶେଖର ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ଯୁଧିଷ୍ଠିର ବଗର୍ତ୍ତୀ ପ୍ରମୁଖ କୋଶଳାଞ୍ଚଳର ପ୍ରତ୍ନ ତାତ୍ତ୍ୱିକ କୀର୍ତ୍ତି ରାଜିର ଉପଯୁକ୍ତ ସଂରକ୍ଷଣ ଓ ସମ୍ବର୍ଦ୍ଧନା ର ବ୍ୟବସ୍ଥା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶେଷରେ ସାପ୍ତାହିକ 'ପ୍ରେରଣା'ର ସଂପାଦକ ରଘୁନନ୍ଦନ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

### ନିତି ଶେଖର କେନ୍ଦ୍ରାପଡ଼ାର ନୂଆ ଏସ୍‌ପି

**କେନ୍ଦ୍ରାପଡ଼ା :** ରାଜ୍ୟସରକାର ଆଇପିଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି।



ଜଗତସିଂହପୁରରେ ଥିବା ଏସ୍‌ପି ଜୟନାରାୟଣ ପଙ୍କଜଙ୍କୁ କେନ୍ଦୁଝରର ଏସ୍‌ପି ଭାବେ ବଦଳି କାରାଯାଇଥିବା ବେଳେ କେନ୍ଦୁଝରର ଏସ୍‌ପି ଭାବେ କାର୍ଯ୍ୟରତ ପଣ୍ଡିତ ରାଜେଶ ଉତ୍ତମ ରାଓଙ୍କୁ କ୍ରାଇମବ୍ରାଞ୍ଚ ସିଆଇଡ଼ି ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି କ୍ରାଇମବ୍ରାଞ୍ଚ ସିଆଇଡ଼ି ଏସ୍‌ପି ନିତି ଶେଖରଙ୍କୁ କେନ୍ଦ୍ରାପଡ଼ା ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି।

# ଦର୍ଶକଙ୍କ ମନମୋହିଲା ସୁବର୍ଣ୍ଣ ଲୋକମହୋତ୍ସବ

**ସୁବର୍ଣ୍ଣପୁର :** ଦୀର୍ଘ ୭ଦିନ ଧରି ଚାଲିବାକୁ ଥିବା ସୁବର୍ଣ୍ଣ ଲୋକ ମହୋତ୍ସବ ଏପ୍ରିଲ ୧ତାରିଖରୁ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ସକାଳ ୯ଟାରୁ ସୁରେଶ୍ୱରୀଙ୍କ ମନ୍ଦିରରେ ମା'ଙ୍କ ଆବାହନ ପରେ ଏକ ମସାଲ ଶୋଭାଯାତ୍ରା ବାହାରି ଗାନ୍ଧି ପଡିଆକୁ ଆସିଥିଲା ଓ ସଂଧ୍ୟା ୬ ଘଟିକାରେ ଜିଲ୍ଲା ଉନ୍ନୟନ ପଦର୍ଶନୀ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟକ ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଚିତ୍ତରଞ୍ଜନ ଦାଶ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଗୃହ, ନଗର ଉନ୍ନୟନ ଓ ଜଳ ସଂପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭବେ ପଦ୍ମନାଭ ବେହେରା ବିଧାୟକ ବିଏମ ପୁର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରତିମା ପଣ୍ଡା, ଆରକ୍ଷୀ ଅଧୀକ୍ଷକ ପ୍ରଫୁଲ୍ଲ ପାତ୍ର ଯୋଗ ଦଇଥିବାବେଳେ ଜିଲ୍ଲାପାଳ ଦାଶରଥୀ ଶତପଥୀ ପୌରାହିତ କରିଥିଲେ। ପରେ ଭୁବନେଶ୍ୱର



ଓଡିଶୀ, ନଟରାଜ ସମ୍ବଲପୁର, ବିହୁ ଆସାମ, ରାଜସ୍ଥାନର ରାଜସ୍ଥାନି ନୃତ୍ୟ, ପଶ୍ଚିମବଙ୍ଗର ଛଉ, ଟ୍ରେଣ୍ଡିଏକାଡାମି ସୋନପୁରର କଳାକାର ମାନେ ସାଂକୃତିକ କାର୍ଯ୍ୟକ୍ରମ ପରିବେଶନ କରିଥିଲେ। ଦ୍ୱିତୀୟ ସଂଧ୍ୟାରେ ଜିଲ୍ଲାପାଳ ଦାସରଥୀ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ବଳରାମ ମଲ୍ଲିକ ସୋନପୁର ଉପଜିଲ୍ଲାପାଳ, ବିଏମ ପୁର ଉପଜିଲ୍ଲାପାଳ ଗୋପୀନାଥ ସାରକା, ପୌରପରିଷଦ ଅଧ୍ୟକ୍ଷା ସୀମନ୍ତୀନୀ ନାଏକ, ବିନିକା ଅଧ୍ୟକ୍ଷା ମମତା ମିଶ୍ର, ମନ୍ଦାକିନୀ ନାଗ, ଆଧ୍ୟକ୍ଷା ପଞ୍ଚାୟତ ସମିତି ସୋନପୁର, ସସ୍ମିତା ମଲ୍ଲିକ ଅଧ୍ୟକ୍ଷା ପଞ୍ଚାୟତ ସମିତି ତରଭା, ଅଶୋକ ନନ୍ଦ ଅଧ୍ୟକ୍ଷ ପଞ୍ଚାୟତ ସମିତିବିନିକା, ମକରଧ୍ୱଜ ସାହୁ ଅଧ୍ୟକ୍ଷ ପଞ୍ଚାୟତ ସମିତି ଡୁଙ୍ଗୁରୀପାଲି, ସନ୍ତୋଷ ଭୋଇ ଅଧ୍ୟକ୍ଷ ପଞ୍ଚାୟତ ସମିତି ବି ଏମ ପୁର, ସୁର୍ଯନାରାୟଣ ଦାସ ପି.ଡି ସୋନପୁର ଯୋଗ ଦେଇଥିବାବେଳେ ମୋକ୍ଷ ଅନୁଷ୍ଠାନ ଭୁବନେଶ୍ୱର, ଆସାମ ବିହୁ, ରଙ୍ଗ ଫରୁଆ ସମ୍ବଲପୁର, ପତିଭା ଭବାନିପାଟଣା, ରାଜସ୍ଥାନର ରାଜସ୍ଥାନୀ ନୃତ୍ୟ ଖୁବ୍ ମନ ମୋହିଥିଲା। ସେହିପରି ତୃତୀୟ ସଂଧ୍ୟାରେ ମହେନ୍ଦ୍ର ମଲ୍ଲିକ କମିଶନର ପଶୁସଂପଦ ବିଭାଗ, ମଧୁସୁଦନ ମିଶ୍ର ବୌଦ୍ଧ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ବିଶ୍ୱନାଥ ବାରିକ ଯୋଗ ଦେଇଥିଲେ। ପରେ ବୁର୍ଲା, କଳାକେନ୍ଦ୍ର ସମ୍ବଲପୁର, ରଘୁରାଜପୁର ସୋନପୁର ପର୍ଏଁରି, ବିହୁ ଆସାମ,ଛଉ ପଶ୍ଚିମବଙ୍ଗର କଳାକାରମାନେ ଦର୍ଶକ ମନକୁ ଖୁବ ମୋହିଥିଲେ। ୪ର୍ଥ ସଂଧ୍ୟାରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଚତୁରଭୁଜ ମେହେର, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ସାଧୁ ମେହେର, ଅଟଳ ବିହାରି ପଣ୍ଡା, ଯୋଗ ଦେଇଥିଲେ। ପରେ ପାଇକ ନୃତ୍ୟ, ବଜନିଆଁ ଓ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା କଳାକାର ମାନେ ଲୋକ ନୃତ୍ୟ ପରିବେଶଣ କରିଥିଲେ। ସେହିପରି ୫ମ ସଂଧ୍ୟାରେ ଲେଖିକା ଡ.ଜୟନ୍ତୀ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ସୁର୍ଯ୍ୟ ଦେଓ, ବାସୁଦେବ ମାଲ ବିଶୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଶୋକ ମିଶ୍ର ଯୋଗ ଦେଇଥିଲେ। ପ୍ରତିଦିନ ଜିଲ୍ଲାର ପ୍ରତେକ ବ୍ଲକର କଳାକାର ମାନେ ଓ ବଲାଙ୍ଗୀର, କଳାହାଣ୍ଡି,ବୌଦ୍ଧର ଜିଲ୍ଲାର କଳାକାର ମାନେ ସାଂସ୍କୃତିକ କର୍ଯ୍ୟକ୍ରମ ପରିବେଷଣ କରି ବିଳମ୍ବିତ ଯାଏ ଦର୍ଶକଙ୍କୁ ବାନ୍ଧି ରଖିଥିଲେ।





ଭୁବନେଶ୍ୱର : ମଞ୍ଚେଶ୍ୱରସ୍ଥିତ ରାଜଧାନୀ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟର ୨୪ତମ ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

## ଛାତ୍ରଛାତ୍ରୀଙ୍କ ପୋଷାକ କିଣାରେ ବ୍ୟାପକ ଦୁର୍ନୀତି

**ଖୋରଧା :** ସରକାର ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଁଏ ସମସ୍ତ ଛାତ୍ରୀ ଓ ଅନୁସୂଚିତ ଜନଜାତି ତଥା ଦାରିଦ୍ର୍ୟ ସିମାରେଖା ତଳେ ଥିବା ଛାତ୍ରୀଙ୍କୁ ପ୍ରତିବର୍ଷ ମାଗଣାରେ ୨ହଳ ଲେଖାଏଁ ପୋଷାକ ପ୍ରଦାନ କରୁଛନ୍ତି। ଏଥିପାଇଁ ଜଣକ ପାଇଁ ୪୦୦ ଟଙ୍କା ବ୍ୟୟ ବରାଦ କରାଯାଇଛି। ତେବେ ଏହି ପୋଷାକ କିଣାବାବଦରେ ଟଙ୍କାକୁ ଶିକ୍ଷା ବିଭାଗ ସି.ଆର.ସି.ସି ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ସମସ୍ତେ ଏକତ୍ରିତ ହୋଇ ବେପାରୀଙ୍କ ସହିତ ସଲାସୁତୁରା କରି କମ୍ ଦାମ୍‌ରେ ଅତି ନିମ୍ନମାନର ପୋଷାକ କିଣି ଛାତ୍ର ଛାତ୍ରୀମାନଙ୍କୁ ବଣ୍ଟନ କରୁଥିବା ଜଣାପଡ଼ିଛି। ସରକାରଙ୍କ ପୋଷାକ କିଣିବା ନିର୍ଦ୍ଦେଶାବଳୀ ଅନୁଯାୟୀ ୫ ହଜାରରୁ କମ୍ ବ୍ୟୟବରାଦ ଥିବା ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟମାନେ ବଜାର ଦର ହିସାବରେ ଯେ କୌଣସି ଦୋକାନରୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଅନୁଯାୟୀ ପୋଷାକ କିଣିପାରିବେ। ଯଦି ୫ହଜାରରୁ ଉର୍ଦ୍ଧ୍ୱ ହେଲେ ୩ଟି ବ୍ୟବସାୟୀଙ୍କ ଠାରୁ କୋଟେସନ୍ ଆହ୍ୱାନ କରି ଯାହାର ଉନ୍ନତମାନର ପୋଷାକ ହୋଇଥିବ ସେହି ବ୍ୟବସାୟୀଙ୍କ ଠାରୁ ପୋଷାକ କିଣିବାର ନିୟମ ରହିଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଜଣେ ବ୍ୟବସାୟୀ ତିନୋଟି କୋଟେସନ୍ ଭିନ୍ନ ଭିନ୍ନ ନାମରେ ଦାଖଲ କରି ପୋଷାକ ଦେଉଥିବା ଜଣାପଡ଼ିଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ କରାଗଲେ ସର୍ବଶିକ୍ଷା ଅଭିଯାନର ଏହି ପୋଷାକ କିଣା ଅନିୟମିତତାର ପର୍ଦ୍ଦାଫାସ ହୋଇପାରିବ।

# ସୁଧୁରୁନି କେନ୍ଦ୍ରାପଡ଼ା ସରକାରୀ ଡ଼ାକ୍ତରଖାନାର ଅବସ୍ଥା

**କେନ୍ଦ୍ରାପଡ଼ା :** ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି, ଯାହାକି ଏ ସମ୍ପର୍କରେ ଆମ୍ଭେ ପୂର୍ବରୁ ଅନେକ ଥର ଆମ୍ଭ ଗଣମାଧ୍ୟମରେ ପ୍ରକାଶ କରିଛୁ ହେଲେ ଏହାର କୌଣସି ସୁଫଳ ମିଳିନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀମାନେ ଉତ୍ତମ ଚିକତ୍ସା ସେବା ପାଉନଥିବା ବେଳେ ଅଧିକାଂଶ ରୋଗୀ କଟକକୁ ସ୍ଥାନାନ୍ତରିତ ହୋଇଥାନ୍ତି। ସେହିପରି ଏଠାରେ ଥିବା ଦଲାଲ ମଧ୍ୟ ନିଜ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରୋଗୀମାନଙ୍କୁ ନକଟସ୍ଥ ନର୍ସିଂହୋମକୁ ପଠାଇ ଦେଉଥିବାର ବାରମ୍ବାର ଅଭିଯୋଗହୁଏ। ତେବେ ନର୍ଦ୍ଦିଷ୍ଟ କେତେକ ବ୍ୟକ୍ତି ଏଠି ଦଲାଲି କରୁଥିବା ବେଳେ ତାଙ୍କ ସହ ଯୋଡ଼ି ହୋଇଯାଇଛନ୍ତି କିଛି ଆଶାକର୍ମୀ। ସ୍ତ୍ରୀ ଓ ପ୍ରସୂତୀ ସେବାକ୍ଷେତ୍ରରେ ସହାୟୀକା ସାଜିଥିବା କେତେକ ଆଶାକର୍ମୀ ନିଜସ୍ୱାର୍ଥ ପାଇଁ ରେଗୀଙ୍କୁ ସରକାରୀ ଡ଼ାକ୍ତଖାନାକୁ ଆଣିବା ପରିବର୍ତ୍ତେ ଘରେଇ ନର୍ସିଂହୋମକୁ ପହଂଚାଇବାରେ ସିଧାସଳଖ ସହଯୋଗ କରୁଛନ୍ତି। ତେଣୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି ବିଭାଗର କଥା କହିଲେ ନସରେ। ସୂଚନା ଯୋଗ୍ୟ-ନିକଟରେ ଜଣେ ମହିଳା ମେଡ଼ିକାଲକୁ ପ୍ରସବ ପାଇଁ ଆସିଥିବାବେଳେ ଜିଲ୍ଲା ମୁଖ୍ୟଚିକିତ୍ସାଳୟର ପ୍ରସୂତୀ ବିଭାଗରେ ଥିବା ଡ଼ାକ୍ତର ବାବୁ ସମୟ ହୋଇନି ଦଶଦିନ ପରେ ଆସ ବୋଲି କହି ମେଡ଼ିକାଲରୁ ଫେରାଇଦେଇଥିଲେ। ତେବେ ଉକ୍ତ ମହିଳା ଜଣକ ଘରେ ପହଞ୍ଚିବାର ଦୁଇଣ୍ଟାପରେ ଯାଆଁଳା ସନ୍ତାନ ଜନ୍ମ ଦେଇଥିଲେ। ଆଜିର ଦିନରେ ସରକାର ଗର୍ଭବତୀ ମହିଳାଙ୍କ ନମନ୍ତେ ବିଭିନ୍ନ ଯୋଜନା କରୁଥିବାବେଳେ ଡ଼ାକ୍ତର ରୂପି ଈଶ୍ୱରଙ୍କ ଏ ଭଳି କାର୍ଯ୍ୟ ଦୁଃଖ ଦାୟକ। ସେହିପରି କିଛି ଦିନ ପୂର୍ବେ ଜଣେ ଆଶାକର୍ମୀ ପ୍ରସବ କାଳିନ ଚିକିତ୍ସା ନିମନ୍ତେ ଜଣେ ମହିଳାଙ୍କୁ ସରକାରୀ ମୁଖ୍ୟ ଚିକିତ୍ସାଳୟକୁ ନେବାପରିବର୍ତ୍ତେ ଏକ ନର୍ସିଂ ହୋମରେ ପହଞ୍ଚାଇ ଥିଲେ। ତେବେ ପ୍ରସବପରେ ଉକ୍ତ ମହିଳାଙ୍କ ଅବସ୍ଥା ସଙ୍କଟପନ୍ନ ହୋଇପଡ଼ିଥିଲା। ଏହାପରେ ଉକ୍ତ ଆଶାକର୍ମୀ ସେଠାରୁ ଫେରାର ହୋଇଯାଇଥିଲେ। ଶେଷରେ ରୋଗୀଙ୍କୁ କଟକ ବଡଡ଼ାକ୍ତଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେହିପରି ଶିଶୁ ଅଦଳ ବଦଳ ଭଳି ଅଭିଯୋଗ ମଧ୍ୟ ଶୁଣିବାକୁ ମିଳିଛି। ତେଣୁ ଜିଲ୍ଲାର ଏଭଳି ଘଟଣା ପ୍ରତି ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ ହୋଇ ପଡ଼ିଛି।




Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୂତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି